Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 19, Issue : 271
Monday, 08 December 2025
Balasore, Page : 8, ₹ 2/
ବାଲେଶ୍ୱର, ସୋମବାର, ୦୮ ଡିସେମ୍ବର, ୨୦୨୫
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ।
- ସ୍ୱାମୀ ବିବେକାନନ୍ଦ

ନାଇଟ୍ କ୍ଲବ୍ ପାଲଟିଗଲା ନିଆଁ ପିଣ୍ଡୁଳା, ୨୫ ମୃତ

ଗୋଆ, ୭/୧୨(ନ୍ୟୁ.ଏ): ଭୟଙ୍କର ବୀଭତ୍ସ ବେଦନାଦାୟକ ବର୍ଣ୍ଣନା କରିବାକୁ ଶବ୍ଦ ନାହିଁ। ଦାରୁଣ ଯନ୍ତ୍ରଣା ବଖାଣିବାକୁ ଭାଷା ନାହିଁ। ଶନି ରାତିରେ ଏମିତି କେଉଁ ଶନିଦଶା ପଡ଼ିଲା କେଜାଣି, ଦେଶର ଅନ୍ୟତମ ପର୍ଯ୍ୟଟନ କ୍ଷେତ୍ର ଗୋଆରେ ନିଆଁ ଆଉ ଧୂଆଁରେ ପାଉଁଶ ହୋଇଗଲା ୨୫ ନିରୀହଙ୍କ ଜୀବନ। ସର୍ବଗିଳା ନିଆଁ କେଉଁଠି ଥିଲା କେଜାଣି ଚାହୁଁ ଚାହୁଁ ଆଖି ସାମ୍ନାରେ ଗ୍ରାସିଲା ନାଇଟ୍ କ୍ଲବକୁ। ହୁତୁ ହୁତୁ ହୋଇ ଜଳିଗଲା ସବୁକିଛି। ରଂଗୀନ ରାତିରେ ବିଭୋର ହେଉ ହେଉ ନିଆଁରେ ସର୍ବନାଶ ହୋଇଗଲା ସବୁକିଛି। ଚାରିଆଡ଼େ ଏବେ ଅଙ୍ଗାରର ପାହାଡ଼, ଯେଉଁଠି ହାତ ମାରିବେ କେବଳ ପାଉଁଶ। କେଉଁ ଏକ ଯୁଦ୍ଧବିଧ୍ୱସ୍ତ ଇଲାକାର ଭ୍ରମ ସୃଷ୍ଟି କରୁଛି। ମଧ୍ୟରାତିର ନିଆଁରେ ଗୋଆ ଆରପୋରା ସ୍ଥିତ ରୋମିଓ ଲେନ୍ ବ୍ରିଚ୍ ନାଇଟ୍ କ୍ଲବ ଜଳିପୋଡ଼ି ଛାରଖାର୍ ହୋଇଯାଇଛି। ମୃତ ୨୫ ଜଣଙ୍କ ମଧ୍ୟରୁ ୪ ପର୍ଯ୍ୟଟକ ଥିବାବେଳେ ପ୍ରାୟ ୧୪ ଜଣ କର୍ମଚାରୀ ବୋଲି କୁହାଯାଉଛି। ଅନ୍ୟ ମାନଙ୍କ ପରିଚୟ ଖୋଜାଯାଉଛି। ଗୁରୁତର ହୋଇପଡ଼ିଛନ୍ତି ୬ ଜଣ। ସମସ୍ତଙ୍କୁ ଗୋଆ ମେଡ଼ିକାଲ କଲେଜରେ ଭର୍ତ୍ତି କରାଯାଇଛି। କାଲିଥିଲା ୱିକେଣ୍ଡ ତଥା ଶନିବାର। ରାତି ପ୍ରାୟ ୧୧ଟାରୁ ୧୨। ସବୁଦିନ ଭଳି ନାଇଟ୍ କ୍ଲବରେ ଜମିଥିଲା ନାଚ ଗୀତର ଆସର। ଡିଜେ ନାଇଟରେ ଦୁଲୁକୁଥିଲା ପରିବେଶ। ତାହାରି ଭିତରେ ହଠାତ୍ ଶୁଭିଥିଲା ଭୟଙ୍କର ବିସ୍ଫୋରଣ। ତଥାପି ଚାଲିଥିଲା ବଲିଉଡ୍ ଫିଲ୍ମ ସୋଲେର ସେହି ଆଇଟମ୍ ସଂଗ ମେହବୁବା ଓ ମେହବୁବା। ଠିକ୍ ଏତିକିବେଳେ ଡ୍ୟାନ୍ସ ଫ୍ଲୋର ଛାତ ପଟୁ ନିଆଁ ଝୁଲ ଖସୁଥିବା ଦେଖିବାକୁ ମିଳିଥିଲା। ହଠାତ୍ ମ୍ୟୁଜିକକୁ ବନ୍ଦ କରିଦେଲେ ଡିଜେ ବୟ। ଚାହୁଁ ଚାହୁଁ ଧୂଆଁ ଆଉ ନିଆଁ ବ୍ୟାପିଗଲା ଏଭଳି ଭାବେ। କିଏ ଜାଣିଥିଲା ଘଟିଯିବ ଏତେବଡ଼ ଅଘଟଣ। ଅଗ୍ନିଶମ ବାହିନୀ ପହଂଚି ନିଆଁକୁ ଆୟତ୍ତ କଲାବେଳକୁ ନାଇଟ କ୍ଲବ୍ ଭିତରେ ହିଁ ଚାଲିଯାଇଥିଲା ବହୁ ଲୋକଙ୍କ ଜୀବନ। ପର୍ଯ୍ୟଟନ ସ୍ଥଳୀରେ ଏତେବଡ଼ ଅଘଟଣକୁ ନେଇ ସ୍ତବ୍ଧ ସାରା ଦେଶ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଗଭୀର ଶୋକ ଏବଂ ଦୁଃଖପ୍ରକାଶ କରିଛନ୍ତି। ତେବେ କେଉଁ କାରଣ ପାଇଁ ହେଲା ଏତେବଡ଼ ଅଗ୍ନିକାଣ୍ଡ? ବିସ୍ଫୋରଣ ପଛର ରହସ୍ୟ କ'ଣ? କାହିଁକି ନିଆଁକୁ ହଠାତ ଆୟତ୍ତ କରାଯାଇପାରିଲା ନାହିଁ? ପ୍ରାଥମିକ ତଦନ୍ତରୁ ଇଲେକ୍ଟ୍ରି ସ୍ପାର୍କରୁ ନିଆଁ ବ୍ୟାପି ଅଘଟଣ ଘଟିଥିବା କହିଛନ୍ତି ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ। ତେବେ ନାଇଟ୍ କ୍ଲବରେ ନଥିଲା କି ଅଗ୍ନି ନିର୍ବାପକ ବ୍ୟବସ୍ଥା? ଏବେ ଏଭଳି ପ୍ରଶ୍ନ ସହ ଚର୍ଚ୍ଚା ହେଉଥିବାବେଳେ ଗୋଆ ମୁଖ୍ୟମନ୍ତ୍ରୀ ଘଟଣାସ୍ଥଳ ପରିଦର୍ଶନ କରିବା ସହିତ ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅଘଟଣ ପରେ କ୍ଲବ ମାଲିକ ଏବଂ ପରିଚାଳକଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ପୋଲିସ ଏବଂ ଅଗ୍ନିଶମ ଅଧିକାରୀ ଘଟଣାର ତଦନ୍ତ କରୁଛନ୍ତି। ଅଘଟଣ ପରେ ବ୍ରିଚ୍ ନାଇଟ୍ କ୍ଲବ ଏବେ ସିଲ୍। ତେବେ ନୂଆବର୍ଷ ଆସିବା ଆଗରୁ ଏବଂ ପର୍ଯ୍ୟଟନ ଋତୁରେ ନାଇଟ୍ କ୍ଲବରେ ଏତେବଡ଼ ଅଘଟଣ, ନାଇଟ୍ ଲାଇଫ୍ ଏବଂ ପର୍ଯ୍ୟଟନସ୍ଥଳରେ ସୁରକ୍ଷା ଓ ଅଗ୍ନି ନିରାପତ୍ତାକୁ ନେଇ ଉଠିଛି ବଡ଼ ପ୍ରଶ୍ନ।

ପୁଲିସ ଏସ୍‌ଆଇ ପରୀକ୍ଷା କେଳେଙ୍କାରୀ ମାମଲାରେ ବିହାରରୁ ଜଣେ ଗିରଫ

ଭୁବନେଶ୍ୱର, ୭/୧୨ (ଆ.ପ୍ର) : ବହୁଚର୍ଚ୍ଚିତ ରାଜ୍ୟ ପୁଲିସ ଏସ୍‌ଆଇ ପରୀକ୍ଷା ଦୁର୍ନୀତି ମାମଲାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ଆଉ ଏକ ସଫଳତା ମିଳିଛି। ସିବିଆଇ ଟିମ୍ ପରୀକ୍ଷା କେଳେଙ୍କାରୀ ମାମଲାରେ ଜଣେ ଅଭିଯୁକ୍ତଙ୍କୁ ବିହାରରୁ ଗିରଫ କରିଛନ୍ତି। ଏହି ମାମଲା ସହିତ ଜଡ଼ିତ ଅଭିଯୁକ୍ତ ଧରାପଡ଼ିବା ଭୟରେ ବିହାରରେ ଯାଇ ଲୁଚିଥିଲା। କିନ୍ତୁ ସିବିଆଇ ନଜରରୁ ଖସିଯାଇ ପାରି ନଥିଲା। ଅଭିଯୁକ୍ତଙ୍କୁ ବିହାରରୁ ଗିରଫ କରିଛି। ପୁଲିସ ଏସ୍‌ଆଇ ଦୁର୍ନୀତି ପଛରେ ଆନ୍ତଃରାଜ୍ୟ ଲିଙ୍କ୍ ଥିବା ଜଣାପଡ଼ିଛି। ରାଜ୍ୟର ପ୍ରମୁଖ ଦଲାଲଙ୍କ ସମେତ ଅନ୍ୟ ରାଜ୍ୟର ଲୋକ ମଧ୍ୟ ଏହି କେଳେଙ୍କାରୀରେ ସଂପୃକ୍ତ ଅଛନ୍ତି। ସିବିଆଇ ଗିରଫ ଅଭିଯୁକ୍ତଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଆଣୁଛି। ପଚରାଉଚୁରା ସମୟରେ ଅଧିକ ତଥ୍ୟ ମିଳିବ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, ଏହି ମାମଲାରେ ସିବିଆଇ ତଦନ୍ତ ଦାୟିତ୍ୱ ନେବା ପରେ ଚତୁର୍ଥ ଗିରଫଦାରି। ପୁଲିସ ଏସ୍‌ଆଇ ନିଯୁକ୍ତି କେଳେଙ୍କାରୀ ମାମଲାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଏପର୍ଯ୍ୟନ୍ତ ଅନେକ ଆଶାୟୀ ପରୀକ୍ଷାର୍ଥୀଙ୍କୁ ମାରାଥନ୍ ଜେରା କରିଛି। ସୂଚନାଯୋଗ୍ୟ, ପୁଲିସ ଏସ୍‌ଆଇ ପରୀକ୍ଷା ପରିଚାଳନା ଲାଗି କୋଲକାତାର ଆଇଟିଆଇ ସଂସ୍ଥାକୁ ଟେଣ୍ଡର ମିଳିଥିଲା। ପରେ ଏହି ସଂସ୍ଥା ହାଇଦ୍ରାବାଦର ସିଲିକନ୍ ଟେକ୍‌ଲାବ୍ ପ୍ରାଇଭେଟ୍ ଲିମିଟେଡ୍ ସଂସ୍ଥାକୁ ଦାୟିତ୍ୱ ନ୍ୟସ୍ତ କରିଥିଲା। ସିଲିକନ୍ ଏହାକୁ ସବ୍‌ଲେଟ୍‌ରେ ବ୍ରହ୍ମପୁରର ପଂଚସଫ୍ଟକୁ ଦେଇଥିଲା। ସେଂଟର ଚୟନଠାରୁ ଆରମ୍ଭ କରି ପରୀକ୍ଷା ପରିଚାଳନା ପର୍ଯ୍ୟନ୍ତ ସମସ୍ତ ଦାୟିତ୍ୱ ପଂଚସଫ୍ଟକୁ ମିଳିଥିଲା। ପଂଚସଫ୍ଟକୁ ଦାୟିତ୍ୱ ମିଳିବା ପରେ ସଂସ୍ଥାର ନିର୍ଦ୍ଦେଶକ ଶଙ୍କର ପ୍ରୁଷ୍ଟି କେଳେଙ୍କାରୀ ଯୋଜନା କରିଥିଲେ। ଏହି ଅପରାଧ ସିଣ୍ଡିକେଟ୍‌ରେ ଦକ୍ଷିଣ ଓଡ଼ିଶାକୁ ମୁନା ମହାନ୍ତି ଓ ଉତ୍ତର ଓଡ଼ିଶାକୁ ଅରବିନ୍ଦ ଦାସ ସମ୍ଭାଳୁଥିଲା। ଏମାନଙ୍କ ଅଧୀନରେ ୧୦ ଜଣ ଲେଖାଏଁ ଏଜେଂଟ ଥିଲେ। ସେମାନେ ଆଶାୟୀ ପ୍ରାର୍ଥୀଙ୍କୁ ଯୋଗାଡ଼ କରୁଥିଲେ। ଆଶାୟୀଙ୍କଠାରୁ ମୁନା ଆଗୁଆ ମୂଳ ପ୍ରମାଣପତ୍ର ହାତେଇବା ସହ ଶଙ୍କର ସହ ଯୋଗାଯୋଗ କରି ଏହାକୁ ସେ ହାଇଦ୍ରାବାଦ ସଂସ୍ଥା ପାଖକୁ ପଠାଉଥିଲା। ମୁନା ୧୧୪ ଜଣ ଆଶାୟୀଙ୍କଠାରୁ କୋଟି କୋଟି ଟଙ୍କା ଆଦାୟ ପରେ ସେମାନଙ୍କୁ ହାଇଦ୍ରାବାଦର ଏକ ସଂସ୍ଥାରେ ପ୍ରଶ୍ନପତ୍ର ସମ୍ପର୍କରେ ତାଲିମ ଦେଇଥାନ୍ତା। ଯୋଜନା ମୁତାବକ ଆଶାୟୀମାନେ ପ୍ରଥମେ ଭୁବନେଶ୍ୱରର ବିଭିନ୍ନ ହୋଟେଲରେ ରହିଥିଲେ। ଗତ ଅକ୍ଟୋବର ୨୯ ତାରିଖରେ ଖଣ୍ଡଗିରିରୁ ୧୧୪ ଆଶାୟୀଙ୍କୁ ବସ୍‌ରେ ବିଜୟନଗରମ୍‌କୁ ନିଆଯାଇଥିଲା। ୩୦ ତାରିଖରେ ବ୍ରହ୍ମପୁର ପୁଲିସ ଏହି ବସ୍‌ଗୁଡ଼ିକୁ ଜବତ କରିବା ସହ ୧୧୪ ଆଶାୟୀ ଓ ୩ ଦଲାଲଙ୍କୁ ଗିରଫ କରିବା ପରେ ଘଟଣା ପଦାକୁ ଆସିଥିଲା। ଏହା ପରେ ଆହୁରି ୧୧୦ ଆଶାୟୀ ପ୍ରାର୍ଥୀ ଫେରାର ହୋଇ ଯାଇଥିଲେ।

ଜିଦରେ ଅଟଳ ପ୍ରାଥମିକ ଶିକ୍ଷକ

ଭୁବନେଶ୍ୱର, ୭/୧୨(ନ୍ୟୁ.ଏ): ଜିଦରେ ଅଟଳ ପ୍ରାଥମିକ ଶିକ୍ଷକ। ସରକାରଙ୍କ ସହ ଆଲୋଚନା ବିଫଳ ପରେ...ମାସ୍ ଲିଭରେ ଯିବାକୁ ଦେଲେ ଧମକ। ତିନି ଦିନ ଧରି ଲୋୟର ପିଏମଜିରେ ଚାଲିଛି ପ୍ରାଥମିକ ଶିକ୍ଷକଙ୍କ ଅହୋରାତ୍ର ଧାରଣା। ସ୍କୁଲରେ ପାଠପଢ଼ା ଛାଡି ଆନ୍ଦୋଳନରେ ସାମିଲ ହୋଇଛନ୍ତି ରାଜ୍ୟର ପ୍ରାୟ ୬୦ ହଜାରରୁ ଅଧିକ ଶିକ୍ଷକ ଶିକ୍ଷୟିତ୍ରୀ। ବୁଡାମୁଡ଼ି ଖାଇ ଶୀତ କାକରରେ ରାତି କାଟୁଛନ୍ତି। ପୁଣି କିଏ ସାଙ୍ଗରେ କୁନି ପିଲାଙ୍କୁ ଧରି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଦୁଇ ଦଫା ଦାବିରେ ରାଜରାସ୍ତାକୁ ଓହ୍ଲାଇଛନ୍ତି ପ୍ରାଥମିକ ଶିକ୍ଷକ ମହାସଂଘ। ୨୦୦୧ରୁ ଏପର୍ଯ୍ୟନ୍ତ କାର୍ଯ୍ୟରତ ସମସ୍ତ ପ୍ରାଥମିକ ଶିକ୍ଷକ ଶିକ୍ଷୟିତ୍ରୀ ବର୍ଗଙ୍କ ଠିକା ଅବଧିକୁ ନିୟମିତ ମାନ୍ୟତା ସହ ନୋସନାଲ ଇନ୍‌କ୍ରିମେଂଟ ପ୍ରଦାନ କରାଯାଉ। ଏଥିସହ ରାଜ୍ୟର ପ୍ରାଥମିକ ଶିକ୍ଷକଙ୍କୁ ୩୫ ହଜାର ୪ଶହ ଟଙ୍କା ଗ୍ରେଡ୍ ପେ ହାରରେ ଦରମା ପ୍ରଦାନ। ମହାସଂଘର କହିବା ଅନୁସାରେ, ଯେପର୍ଯ୍ୟନ୍ତ ଦାବୀ ପୂରଣ ହେବନି ସେପର୍ଯ୍ୟନ୍ତ ରାଜଧାନୀରୁ ବ୍ଲକ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ। ଦରକାର ପଡିଲେ ସେମାନେ ମାସ ଲିଭରେ ଯିବେ ବୋଲି ମଧ୍ୟ ଧମକ ଦେଇଛନ୍ତି।

ଛାତ୍ରଛାତ୍ରୀଙ୍କ ପାଇଁ ଉପଯୁକ୍ତ ପୋଷଣ ସୁନିଶ୍ଚିତ କରିବା ଶିକ୍ଷା ସଂସ୍କାରର ଗୁରୁତ୍ୱପୂର୍ଣ୍ଣ ଆଧାର : ଧର୍ମେନ୍ଦ୍ର ପ୍ରଧାନ

ଭୋପାଳ, ୭/୧୨(ନ୍ୟୁ.ଏ): 'ପୋଷଣ ଅଭିଯାନ' ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ପାଇଁ ସନ୍ତୁଳିତ ପୋଷଣ ସୁନିଶ୍ଚିତ କରିବା ଶିକ୍ଷା ସଂସ୍କାରର ଏକ ଗୁରୁତ୍ୱପୂର୍ଣ୍ଣ ଆଧାର। ଉତ୍ତମ ପୋଷଣ ପିଲାମାନଙ୍କର ଏକାଗ୍ରତା ଓ ଶିଖାଇବାର କ୍ଷମତା ବଢ଼ାଇବା ସହ ସେମାନଙ୍କୁ ସ୍ୱାସ୍ଥ୍ୟବାନ, ଆତ୍ମବିଶ୍ୱାସୀ ଏବଂ ସକ୍ଷମ ନାଗରିକ ଭାବରେ ଗଢ଼ି ତୋଳିବାରେ ସହାୟକ ହେବ। ଯାହା 'ବିକଶିତ ଭାରତ'ର ସ୍ୱପ୍ନକୁ ସାକାର କରିବ। ଭୋପାଳରେ ଆୟୋଜିତ 'ଜାତୀୟ ଶିକ୍ଷା ନୀତି ୨୦୨୦ - କ୍ରିୟାନ୍ୱୟନ, ଆହ୍ୱାନ ଏବଂ ସମ୍ଭାବନା' ଉପରେ ଏକ ଦିବସୀୟ ରାଜ୍ୟସ୍ତରୀୟ କର୍ମଶାଳାରେ ଯୋଗଦେଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୋଲି କହିଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି, ମଧ୍ୟପ୍ରଦେଶ ରାଷ୍ଟ୍ରୀୟ ଶିକ୍ଷା ନୀତି - ୨୦୨୦ ଏବଂ ଭାରତୀୟ ସଂସ୍କୃତି ଉଭୟକୁ ସମାନ ଗତିରେ ଆଗକୁ ବଢ଼ାଇବାରେ ଏକ ଅଗ୍ରଣୀ ରାଜ୍ୟ ଭାବରେ ଉଭା ହେଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନରେ ୨୦୩୫ ସୁଦ୍ଧା ସମ୍ପୂର୍ଣ୍ଣ ରୂପେ ଔପନିବେଶିକ ମାନସିକତାରୁ ମୁକ୍ତ ଏକ ଆତ୍ମଗୌରବରେ ପରିପୂର୍ଣ୍ଣ ଶିକ୍ଷା ପ୍ରଣାଳୀ ପ୍ରତିଷ୍ଠା କରିବାକୁ ଆମର ସଂକଳ୍ପ ରହିଛି। ସେ ଆହୁରି କହିଛନ୍ତି, ମଧ୍ୟପ୍ରଦେଶ ଆଗାମୀ ୨୫ ବର୍ଷ ପାଇଁ ଏକ ଯୁବ ପ୍ରଦେଶ ହୋଇ ରହିବ ଏବଂ ବିକଶିତ ଭାରତର ପରିକଳ୍ପନାରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ। ଏଆଇର ବ୍ୟବହାର ଦ୍ୱାରା ଯେତେବେଳେ ପାରମ୍ପରିକ ଜ୍ଞାନକୁ ନୂତନ ଜ୍ଞାନକୌଶଳ ସହିତ ଯୋଡ଼ାଯିବ, ସେତେବେଳେ ମଧ୍ୟପ୍ରଦେଶ ତଥା ଦେଶର ଅନ୍ୟାନ୍ୟ ରାଜ୍ୟମାନଙ୍କୁ ଏକବିଂଶ ଶତାବ୍ଦୀର ନୂତନ ଦିଗ ମିଳିବ। ଏଥିପାଇଁ ସେ 'ଏଆଇ ଟ୍ୟୁଟର' ଭଳି ପଦକ୍ଷେପରେ ମଧ୍ୟପ୍ରଦେଶକୁ ଅଗ୍ରଣୀ ହେବାକୁ ଆହ୍ୱାନ କରିଥିଲେ। ମଧ୍ୟପ୍ରଦେଶ ସରକାରଙ୍କ 'ସ୍କୁଲ ଚଲେଁ ହମ୍' ଅଭିଯାନ ପ୍ରତ୍ୟେକ ପିଲାଙ୍କୁ ବିଦ୍ୟାଳୟ ସହ ଯୋଡ଼ିବା, ଡ୍ରପ-ଆଉଟ ହାର ହ୍ରାସ କରିବା ଏବଂ ଆଧୁନିକ ଶିକ୍ଷଣ ପଦ୍ଧତିଗୁଡ଼ିକୁ ବିଦ୍ୟାଳୟ ପର୍ଯ୍ୟନ୍ତ ପହଂଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ଅଧିକରୁ ଅଧିକ ପିଲା ଶିକ୍ଷା ସହିତ ଯୋଡ଼ି ହୋଇ ଜ୍ଞାନ ଏବଂ ସଂସ୍କାରରେ ସଶକ୍ତ ହୋଇ 'ବିକଶିତ ମଧ୍ୟପ୍ରଦେଶ' ଏବଂ 'ବିକଶିତ ଭାରତ'ର ସ୍ୱପ୍ନକୁ ସାକାର କରିବା ଦିଗରେ ଆଗେଇ ଚାଲିଛନ୍ତି। ଛାତ୍ରୀମାନଙ୍କୁ ଖେଳକୁଦ, ସାଂସ୍କୃତିକ ପ୍ରଦର୍ଶନ ଏବଂ କରାଟେ ଭଳି ଦକ୍ଷତା ସହିତ ବିଭିନ୍ନ ଏକ୍ସଟ୍ରା-କରିକୁଲାର କାର୍ଯ୍ୟରେ ଉତ୍ସାହର ସହିତ ଭାଗ ନେଉଛନ୍ତି, ଯାହା ପ୍ରଶଂସନୀୟ। ମଧ୍ୟପ୍ରଦେଶ ସରକାରଙ୍କ ଏହି ପଦକ୍ଷେପ ଗୁଣାତ୍ମକ ଶିକ୍ଷା ଏବଂ ସାମଗ୍ରିକ ବିକାଶକୁ ଏକ ନୂଆ ଦିଗ ଦେଇଛି। ଏହି କାର୍ଯ୍ୟକ୍ରମରେ ମଧ୍ୟପ୍ରଦେଶର ରାଜ୍ୟପାଳ ମଙ୍ଗୁଭାଇ ପଟେଲ, ମୁଖ୍ୟମନ୍ତ୍ରୀ ଡଃ ମୋହନ ଯାଦବ ଏବଂ ଅନ୍ୟାନ୍ୟ ଗଣମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଶ୍ରୀ ପ୍ରଧାନ ଏହି ଗସ୍ତ କାଳରେ ଭୋପାଳର କମଳା ନେହେରୁ ସାନ୍ଦୀପନି କନ୍ୟା ବିଦ୍ୟାଳୟ ପରିଦର୍ଶନ କରି ଛାତ୍ରୀ, ଶିକ୍ଷକ ଏବଂ ଅଭିଭାବକଙ୍କ ସହ ଆଲୋଚନା କରିଥିଲେ।

ଯେଉଁଠାରେ ନିର୍ବାଚନ ସେଠାରେ ବାବା ବାଗେଶ୍ୱର

କୋଲକାତା, ୭/୧୨(ନ୍ୟୁ.ଏ): ବିହାରରେ ନିର୍ବାଚନ ଶେଷ ହୋଇଛି। NDA ଏକ ବଡ଼ ବିଜୟ ହାସଲ କରିଛି। ୮୯ ଆସନ ସହିତ ବିଜେପି ସବୁଠାରୁ ବଡ଼ ଦଳ ଭାବରେ ଉଭା ହୋଇଛି। JDU ମଧ୍ୟ ୮୫ ଆସନ ଦଖଲ କରିଛି। ଏକ ନୂତନ ସରକାର ଗଠନ ହୋଇଛି। ନୀତିଶ କୁମାର ଦଶମ ଥର ପାଇଁ ରାଜ୍ୟର ମୁଖ୍ୟମନ୍ତ୍ରୀ ହୋଇଛନ୍ତି। କର୍ମୀ ଏବଂ ଅଧିକାରୀଙ୍କ କଠିନ ପରିଶ୍ରମ ବ୍ୟତୀତ, ବିହାରରେ NDAର ଏକ ବଡ଼ ବିଜୟ ପଛରେ ଆଉ ଏକ କାରଣ ଥିଲା 'ବାବା'। ଭାରତୀୟ ରାଜନୀତିରେ ଧାର୍ମିକ ନେତାମାନଙ୍କ ଭୂମିକା ସର୍ବଦା ବିତର୍କର ବିଷୟ ହୋଇଆସିଛି। ଗୋଟିଏ ପଟେ ସେମାନେ ଭକ୍ତମାନଙ୍କୁ ଆକର୍ଷିତ କରନ୍ତି, ଅନ୍ୟପଟେ ରାଜନୈତିକ ଦଳଗୁଡ଼ିକ ପାଇଁ ଭୋଟ ବ୍ୟାଙ୍କ ଭାବରେ କାର୍ଯ୍ୟ କରିଥାନ୍ତି। ବାଗେଶ୍ୱର ଧାମର ମୁଖ୍ୟ ପୂଜକ ପଣ୍ଡିତ ଧୀରେନ୍ଦ୍ର କୃଷ୍ଣ ଶାସ୍ତ୍ରୀ ଏହି ଅଂଚଳର ଜଣେ ପ୍ରମୁଖ ବ୍ୟକ୍ତି। ୨୦୨୦ ରୁ ୨୦୨୨ ମଧ୍ୟରେ କୋଭିଡ-୧୯ ମହାମାରୀ ସମୟରେ, ସେ ତାଙ୍କ କାହାଣୀ ମାଧ୍ୟମରେ ଜାତୀୟ ସ୍ତରରେ ପରିଚିତି ପାଇଥିଲେ। ବର୍ତ୍ତମାନ, ସେ ହିନ୍ଦୁତ୍ୱ ଏବଂ ହିନ୍ଦୁ ରାଷ୍ଟ୍ର ପାଇଁ ଏପରି ଭାବରେ କାମ କରୁଛନ୍ତି ଯାହା ବିଜେପି ଏବଂ ଆରଏସଏସ ମଧ୍ୟ କରନ୍ତି ନାହିଁ। ଏହି କାରଣରୁ ସେ ଭାରତୀୟ ଜନତା ପାର୍ଟିର ରଣନୀତି ଅନୁଯାୟୀ କାମ କରୁଥିବାର ଅଭିଯୋଗ ଆସିଛି। ଗୋଟିଏ ପଟେ, ଡିସେମ୍ବର ୬ ପୂର୍ବତନ ଟିଏମସି ନେତା ଏବଂ ବିଧାୟକ ହୁମାୟୁନ କବୀର ମୁର୍ଶିଦାବାଦରେ ବାବରୀ ମସଜିଦର ଭିତିପ୍ରସ୍ତର ସ୍ଥାପନ କରିଥିଲେ। ଅନ୍ୟପଟେ, ରବିବାର ଡିସେମ୍ବର ୭ ତାରିଖରେ ଧୀରେନ୍ଦ୍ର ଶାସ୍ତ୍ରୀ ପଶ୍ଚିମବଙ୍ଗର ରାଜଧାନୀ କୋଲକାତାରେ ପହଂଚିଥିଲେ। ଯଦିଓ ତାଙ୍କର ଭାଷଣ ପୂର୍ବରୁ ଯୋଜନା କରାଯାଇଥିଲା, ତାଙ୍କ ପ୍ରତିନିଧିମାନଙ୍କ ସହିତ ତାଙ୍କର ଆଗମନ ରାଜନୈତିକ ମହଲରେ ଆଲୋଡ଼ନ ସୃଷ୍ଟି କରିଛି। ତାଙ୍କ ସହିତ ମଂଚରେ ପଦ୍ମଭୂଷଣ ପୁରସ୍କାରପ୍ରାପ୍ତ ସାଧ୍ୱୀ ଋତାମ୍ଭରା ଏବଂ ଅଯୋଧ୍ୟାର ହନୁମାନଗଡ଼ିର ମହନ୍ତ ରାଜୁ ଦାସ ମଧ୍ୟ ଉପସ୍ଥିତ ଥିଲେ। ବିଜେପିର ଶୀର୍ଷ ନେତା ଶୁଭେନ୍ଦୁ ଅଧିକାରୀ, ସୁକାନ୍ତ ମଜୁମଦାର, ଦିଲୀପ ଘୋଷ ଏବଂ ରାଜ୍ୟର ରାଜ୍ୟପାଳ ସିଭି ଆନନ୍ଦ ବୋଷଙ୍କ ସହିତ ହଜାର ହଜାର ସାଧୁ ଏବଂ ସନ୍ଥଙ୍କ ଉପସ୍ଥିତି କାର୍ଯ୍ୟକ୍ରମକୁ ରାଜନୈତିକ ମୋଡ଼ ଦେଇଥିଲା। ଏଠାରେ ମଧ୍ୟ ସେ ଭାରତକୁ ଏକ 'ହିନ୍ଦୁ ରାଷ୍ଟ୍ର' କରିବା ପାଇଁ ଆହ୍ୱାନ ଦେଇଥିଲେ।

ମା' ତାରିଣୀଙ୍କ ପୀଠ ନିମନ୍ତେ ୩୧୨ କୋଟି ଟଙ୍କା ପ୍ରକଳ୍ପର ଶିଳାନ୍ୟାସ

ଭୁବନେଶ୍ୱର, ୭/୧୨ (ଆ.ପ୍ର) : ମା'ଙ୍କ ଡୋରି ଲାଗିଲା, ମା'ଙ୍କ ସେବା ପାଇଁ ସୁଯୋଗ ମିଳିଲା। କେନ୍ଦୁଝର ଘଟଗାଁ ମା' ତାରିଣୀଙ୍କ ପୀଠର ସମନ୍ୱିତ ବିକାଶ ପାଇଁ ଶିଳାନ୍ୟାସ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ୩୧୩ କୋଟି ଟଙ୍କା ବ୍ୟୟ ବରାଦରେ ରବିବାର ମା' ତାରିଣୀଙ୍କ ପୀଠର ସମନ୍ୱିତ ଉନ୍ନତିକରଣ ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନ ହୋଇଛି। ଆଗାମୀ ଏକ ବର୍ଷ ମଧ୍ୟରେ ଏହି ଉନ୍ନତିକରଣ କାର୍ଯ୍ୟ ସମାପ୍ତ ହେବ ବୋଲି ସମୟସୀମା ଧାର୍ଯ୍ୟ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଅଠରମାସ ତଳର ପରିକଳ୍ପନା ଆଜି ସାକାର ରୂପ ନେଇଛି। ମା' ତାରିଣୀଙ୍କ ପୀଠକୁ ଏକ ବିଶ୍ୱସ୍ତରୀୟ ଧର୍ମୀୟ ଓ ପର୍ଯ୍ୟଟନସ୍ଥଳୀ ଭାବେ ଗଢି ତୋଳିବାକୁ ସରକାର ସମସ୍ତ କାର୍ଯ୍ୟ କରିବେ। ମା'ଙ୍କ ପୀଠର ଉନ୍ନତିକରଣ ପାଇଁ କୌଣସି ବାଧା ବାଧକ ସାଜିବ ନାହିଁ। ଅର୍ଥର ଅଭାବ ନାହିଁ କାରଣ, ଏହି ଉନ୍ନତିକରଣ କାର୍ଯ୍ୟ ମା'ଙ୍କ ଆଶୀର୍ବାଦରେ ହେଉଛି। ମନ୍ଦିରର ସୌନ୍ଦର୍ଯ୍ୟକରଣ ଓ ପାରିପାର୍ଶ୍ୱିକ ବିକାଶ ପାଇଁ ମଂଜୁର ହୋଇଥିବା ୩୧୩ କୋଟି ଟଙ୍କା ଏକ ବର୍ଷ ମଧ୍ୟରେ ଖର୍ଚ୍ଚ। ଆଗାମୀ ଏକ ବର୍ଷ ମଧ୍ୟରେ ଏହି ଅଂଚଳରେ ସମସ୍ତ ତୀର୍ଥଯାତ୍ରୀ ସୁବିଧା ଉପଲବ୍ଧ ହେବ। ଏଥିସହିତ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ଯେ ଆଉ ଅଧିକ ବ୍ୟୟ ଏହି ପ୍ରକଳ୍ପ ସହିତ ଯୋଡ଼ା ଯାଇ ମନ୍ଦିରର ସେବାୟତମାନଙ୍କ ସୁବିଧା ନିମନ୍ତେ ରହିବା ଗୃହ ମଧ୍ୟ ନିର୍ମାଣ ହେବ। ପୂର୍ତ୍ତ ବିଭାଗ ଏଥି ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଏବଂ ଜିଲ୍ଲାପାଳଙ୍କୁ ଡିପିଆର ମଧ୍ୟ ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ସୂଚନା ଥାଉକି, ପ୍ରାୟ ୬୦ ଏକର ଜମିରେ ପରିବ୍ୟାପ୍ତ ହେବାକୁ ଥିବା ଏହି ଉନ୍ନତିକରଣ କାର୍ଯ୍ୟରେ ୨୧୬ ଶଯ୍ୟା ବିଶିଷ୍ଟ ଯାତ୍ରୀ ନିବାସ, ତୀର୍ଥଯାତ୍ରୀ କେନ୍ଦ୍ର, ବ୍ୟାଖ୍ୟାନ କେନ୍ଦ୍ର, ଖାଦ୍ୟ ପ୍ଲାଜା, ୱାଚ ଟାୱାର, ମାର୍କେଟ୍ କମ୍ପ୍ଲେକ୍ସ, ନଡ଼ିଆ ଗୋଦାମ ଏବଂ ୫୦୦ ଜଣଙ୍କ ପାଇଁ ବିଶାଳ ପ୍ରସାଦ ସେବନ ହଲ୍, ଶୌଚାଳୟ ବ୍ଲକ, ପୋଷାକ କୋଠରୀ, ଜୋତା ଷ୍ଟାଣ୍ଡ, ଟିକେଟ କାଉଂଟର, ହାତ-ପାଦ ଧୋଇବା ସ୍ଥାନ ଏବଂ ଡ୍ରାଇଭରମାନଙ୍କ ପାଇଁ ରେଷ୍ଟରୁମ ନିର୍ମାଣ ହେବ। ମନ୍ଦିରକୁ ସଂଯୋଗ କରୁଥିବା ରାସ୍ତାର ଉନ୍ନତିକରଣ, ପାର୍କିଂ, ଚାରିଟି ପୁଷ୍କରିଣୀର ସୌନ୍ଦର୍ଯ୍ୟକରଣ ଆଦି ଅନେକ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ। ମା' ତାରିଣୀଙ୍କ ପୀଠ ପାଇଁ ପୂର୍ବ ସରକାର ମଂଜୁର କରିଥିବା ୫୦ କୋଟି ଟଙ୍କାର କାର୍ଯ୍ୟ ସମୁଦ୍ରକୁ ଶଙ୍ଖେ ବୋଲି କହିଥିଲେ। କେନ୍ଦୁଝର, ଯାହା ପ୍ରାକୃତିକ ସମ୍ପଦର ଗନ୍ତାଘର। କେନ୍ଦୁଝରରେ ମେଗାଷ୍ଟିଲ ପ୍ଲାଂଟ ସ୍ଥାପନ ପାଇଁ ପ୍ରକ୍ରିୟା ଆଗେଇ ଚାଲିଛି। ଖୁବ୍ ଶୀଘ୍ର ଏହାର ଶିଳାନ୍ୟାସ ହେବ। ରାଉରକେଲା ଓ ଯାଜପୁର ଭଳି କେନ୍ଦୁଝର ଏକ ଇସ୍ପାତ ନଗରୀ ଭାବେ ଓଡ଼ିଶାର ଅର୍ଥନୀତିରେ ଆହୁରି ଅବଦାନ ରଖିବ। ସବୁ ଶିଳ୍ପ ଓ ଖଣି ଅଂଚଳକୁ ୬ ଧାଡ଼ିଆ ରାସ୍ତା କରିବା ପାଇଁ ଆମ ସରକାର ନିଷ୍ପତି ନେଇଛି। କେନ୍ଦୁଝରକୁ ପ୍ରାୟ ଅଧିକାଂଶ ରାସ୍ତା ୬ ଧାଡ଼ିଆ ବିଶିଷ୍ଟ କରାଯିବ ବଡ଼ବିଲରେ ଏକ ରିଙ୍ଗ ରୋଡ଼ କରାଯିବ। ରାଜ୍ୟରେ କେତେଗୁଡ଼ିଏ ଇକୋନୋମିକ ଜୋନର ବିକାଶ କରାଯାଉଛି। ଏଥିରେ କେନ୍ଦୁଝର-ବଡ଼ବିଲ-ଯୋଡ଼ା ଅଂଚଳକୁ ରାଜ୍ୟର ଏକ ସୁଦୃଢ଼ ଅର୍ଥନୈତିକ ଜୋନରେ ପରିଣତ କରିବା ପାଇଁ ପଦକ୍ଷେପ ନିଆଯାଇଛି। କେନ୍ଦୁଝର ଜିଲ୍ଲାରେ ଅନେକ ବିକାଶ ପ୍ରକଳ୍ପ ଜାରି ରହିଛି। ସେ ଗୁଡ଼ିକର ଆପଣଙ୍କ ପାଇଁ ଖୁବ୍ ଶୀଘ୍ର ଲୋକାର୍ପଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ କେନ୍ଦ୍ର ସରକାର ପାରାଦୀପରୁ ବଡ଼ବିଲ ପର୍ଯ୍ୟନ୍ତ ୮ ଲେନ ରାସ୍ତା କରୁଛନ୍ତି। ପାରାଦୀପରୁ ଚଣ୍ଡିଖୋଲ ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ଚାଲିଛି। ଚଣ୍ଡିଖୋଲ ରୁ ବଡ଼ବିଲ ପର୍ଯ୍ୟନ୍ତ ସର୍ଭେ କାର୍ଯ୍ୟ ଚାଲିଛି। ଏ କାର୍ଯ୍ୟ ଖୁବ୍ ଶୀଘ୍ର ଆରମ୍ଭ ହେବ। କେନ୍ଦୁଝରର ବିକାଶ ପାଇଁ ବଡ଼ବିଲରେ ଏକ ଚାରି ଲେନ ବିଶିଷ୍ଟ ରିଙ୍ଗ ରୋଡ ହେବ। ଏଥିପାଇଁ ୨୩୦୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। ସେହିପରି କେନ୍ଦୁଝରରେ ମଧ୍ୟ ୪୨୮ କୋଟି ଟଙ୍କାରେ ଏକ ବାଇପାସ୍ ରାସ୍ତା କରାଯିବ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଏକ ଚାରି ଲେନ ବିଶିଷ୍ଟ ରାସ୍ତା ନିର୍ମାଣ କରାଯିବ। ଏହା ସହିତ ୧୬୮ କୋଟି ଟଙ୍କାରେ ଏକ ଟେକ୍ ପାର୍କ, ଓକାକ୍ ପକ୍ଷରୁ ୧୫୦ କୋଟି ଟଙ୍କାରେ ଏକ ଡାଟା ସେଂଟର, ବଳଭଦ୍ରପୁର ରେ ୧୫୦ କୋଟି ଟଙ୍କାରେ ଏକ ଟେକ୍ସଟାଇଲ ପାର୍କ, ଧରଣୀଧର ବିଶ୍ୱ ବିଦ୍ୟାଳୟ କ୍ୟାମ୍ପସ ରେ ୧୮୭ କୋଟି ଟଙ୍କାରେ ଏକ data recovery centre, ୧୦୩ କୋଟି ଟଙ୍କାରେ ରାଇସୁଆଁ ଏୟାର ଷ୍ଟ୍ରିପ, ୧୮୦ କୋଟି ଟଙ୍କାରେ କେନ୍ଦୁଝର ଷ୍ଟାଡିୟମ୍, ୫୦ କୋଟି ଟଙ୍କାରେ ସାନଘାଗରା ଠାରେ RPRC ଆଦି ଅନେକ ପ୍ରକଳ୍ପ ସଂପର୍କରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। କେନ୍ଦୁଝର ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସହିତ DMF ଓ OMBADC ଏବଂ ଅନ୍ୟାନ୍ୟ ପାଣ୍ଠି ମିଶାଇଲେ କେବଳ କେନ୍ଦୁଝର ରେ ୩୫ ହଜାର କୋଟି ଟଙ୍କା ରହିଛି। ଏହି ସବୁ ଅର୍ଥ କେନ୍ଦୁଝରର ବିକାଶ ପାଇଁ ଖର୍ଚ୍ଚ ହେବ ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ ଘଟଗାଁ ଠାରେ ପହଂଚିବା ପରେ ଆର୍ ସି ପ୍ରାଥମିକ ବିଦ୍ୟାଳୟ ଠାରୁ ମା' ତାରିଣୀ ଙ୍କ ମନ୍ଦିର ପର୍ଯ୍ୟନ୍ତ ଏକ ବିଶାଳ ରୋଡ ସୋ କରିଥା ରେ ଘଟଗାଁବାସୀ ପାଛୋଟି ନେଇଥିଲେ। ଘଟଗାଁଠାରେ ମା' ତାରିଣୀଙ୍କ ଦର୍ଶନ କରି ପୂଜାର୍ଚ୍ଚନା କରିବା ସହିତ ମୁଖ୍ୟମନ୍ତ୍ରୀ ସେଠାରେ ହିଁ ଘଟଗାଁ ମା' ତାରିଣୀ ପୀଠର ସମନ୍ୱିତ ବିକାଶ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ।



କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ସେଇଠୁ ଆରମ୍ଭ
SEITHO ARAMBHA

ମହୁଲି ମଦ ସହିତ ବାଇକ୍ ଓ ସ୍କୁଟି ଜବତ : ତିନି ଗିରଫ

ଚିଲିକା/ବାଣପୁର, ୭/୧୨ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ଅବକାରୀ ବିଭାଗର କର୍ମଚାରୀ ମାନେ ଖୋର୍ଦ୍ଧା ଅବକାରୀ ଅଧିକ୍ଷିକା ଶ୍ରୀମତୀ ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ ଟାଙ୍ଗୀ ଅବକାରୀ ନିରୀକ୍ଷକ ଅଜିତ କୁମାର ପାତ୍ରଙ୍କ ତତ୍ୱାବଧାନରେ ଏବଂ ବାଲୁଗାଁ ଅବକାରୀ ଅଧିକାରୀ ସୁଜିତ କୁମାର ମୁଦୁଲି ଙ୍କ ନେତୃତ୍ୱରେ ବାଣପୁର ଥାନା ଅଧୀନ ମୁକ୍ତାଦେଇପୁର ଗ୍ରାମ ପାଖ କେନାଲ ରୋଡ଼, ବାଣପୁରରୁ କୋଷ୍ଠଗଡ଼ାକୁ ପଡିଥିବା ରାସ୍ତାର ହନୁମାନ ମନ୍ଦିର ପାଖ, ଦଣ୍ଡିଗଡ଼ିଆ, ବାଲୁଗାଁ ଥାନା ଅଧୀନ ଚାପଙ୍ଗରା ଆଦି ସ୍ଥାନରେ ଚଢ଼ାଉ କରି ସମୁଦାୟ ୮୯୧ ଲିଟର ମହୁଲି ମଦ ସହ ଦୁଇଟି ବାଇକ ଗୋଟାଏ ସ୍କୁଟି ଗାଡି ଜବତ କରିବା ସହ ତିନିଜଣଙ୍କୁ ଗିରଫ କରି କୋର୍ଟ ଫରୱାର୍ଡ କରିବାରେ ବାଲୁଗାଁ ଅବକାରୀ ବିଭାଗ ସଫଳ ହୋଇଛି । ଜବତ କରାଯାଇଥିବା ମହୁଲିମଦ ସହ ଚୋରା ବେପାର କରୁଥିବା ତିନିଜଣଙ୍କ ନାମରେ କେସ ନମ୍ବର ୨୧୯/୨୨୦/୨୨୧- ୨୦୨୫/୨୬ ରୁଜୁ କରାଯାଇ ସମସ୍ତଙ୍କୁ ଗିରଫ କରି ହାଜତକୁ ପଠାଇ ଦିଆଯିବା ସହ ତଦନ୍ତ ଅବ୍ୟାହତ ରହିଛି । ଏହି ଘଟଣାରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି ତାହାର ଖୋଜତାଡ଼ ଅବକାରୀ ବିଭାଗ ପକ୍ଷରୁ ଜାରିରହିଛି । ଏହି ଚଢ଼ାଉ ସମୟରେ ଟାଙ୍ଗୀ ଅବକାରୀ ନିରୀକ୍ଷକ ଅଜିତ କୁମାର ପାତ୍ର, ବାଲୁଗାଁ ଅବକାରୀ ଅଧିକାରୀ ସୁଜିତ କୁମାର ମୁଦୁଲିଙ୍କ ସମେତ କର୍ମଚାରୀ ଅଶେଷ କୁମାର ପ୍ରଧାନ, ରଂଜିତ ପଟେଲ, ସୁନିତା ମହାରଣା, ମନୋଜ କୁମାର ଜୟ ସିଂ, ଅନିଲ ପ୍ରଧାନ, ସସ୍ମିତା ସେଠୀ, କାଳୁ ପ୍ରଧାନ ପ୍ରମୁଖ କର୍ମ ଚାରି ମାନେ ଭାଗନେଇ ଥିଲେ, ଏହି ଚଢ଼ାଉ ଜୋରଦାର ଚାଲୁ ରହିବା ସହ ଚୋରା ବେପାରିଙ୍କୁ ସାବାଡ କରିବାକୁ ଉଦ୍ୟମ ଜାରିରହିବ ବୋଲି ବାଲୁଗାଁ ଅବକାରୀ ଅଧିକାରୀ ସୁଜିତ କୁମାର ମୁଦୁଲି କହିଛନ୍ତି ।

କ୍ରୀଡାବିତଙ୍କୁ ଶିକ୍ଷାମନ୍ତ୍ରୀଙ୍କ ବାସ ଭବନରେ ସମ୍ବର୍ଦ୍ଧନା ଜ୍ଞାପନ

ଝରିଗାଁ, ୭/୧୨ (ଆ.ପ୍ର) : ନବରଙ୍ଗପୁର ଜିଲ୍ଲା ଝରିଗାଁ ଅଂଚଳର ଜଣେ ଦକ୍ଷ କ୍ରୀଡାବିତଙ୍କୁ ଆଜି ମାନ୍ୟବର ଗଣଶିକ୍ଷା ମନ୍ତ୍ରୀ ଭୁବନେଶ୍ୱର ସ୍ଥିତ ନିଜ ବାସ ଭବନକୁ ଡାକି ସମ୍ବର୍ଦ୍ଧନା ଜଣେଇଛନ୍ତି । ତାଙ୍କୁ ଉତରୀୟ ଓ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧନା ଜଣେଇବା ସହ ତାର ଉତରୋତର ଉନ୍ନତି ପାଇଁ ପ୍ରେରଣା ଦେଇଥିବା ସୂଚନା ମିଳିଛି । ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ବେନଗାଁ ପଂଚାୟତ ଅନ୍ତର୍ଗତ ଗଦାଗୁଡା ଗ୍ରାମର ଇଯୀ ସାନ୍ତା ଓ ଖତା ସାନ୍ତାଙ୍କ ସୁପୁତ୍ର ନବୀ ସାନ୍ତା ଉମରକୋଟ ସ୍ଥିତ ସଂଗ୍ରାମୀ ରବିସିଂ ମାଝୀ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ରେ ରହି କୋଚିଂ ନେଉଥିଲେ । ତାଙ୍କର କୋଚ ମାଷ୍ଟର ସପନ ବୈରାଗୀ ତାଙ୍କୁ ସବୁ କ୍ଷେତ୍ରରେ ଦକ୍ଷ କରିବାକୁ ଆପ୍ରାଣ ଉଦ୍ୟମ କରିଥିଲେ । ଆଜି କୋଚଙ୍କ ସମସ୍ତ ଉଦ୍ୟମ ସଫଳ ହୋଇଛି । ଛାତ୍ରର ପ୍ରତିଭା ତାଙ୍କୁ ଏକ ନୂତନ ପରିଚୟ ଦେଇଛି । ନବୀ ସାନ୍ତା ଦୌଡ ପ୍ରତିଯୋଗିତାରେ ସ୍କୁଲରୁ ବାହାରି କ୍ଲଷ୍ଟର, ବ୍ଲକ,ଜିଲ୍ଲା ଓ ରାଜ୍ୟ ସ୍ତରରେ ପ୍ରତିଯୋଗିତା ମାନଙ୍କରେ ଭାଗନେଇ ଉତମ ପ୍ରଦର୍ଶନ କରି ବର୍ତମାନ ଏବେ ସେ ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଭାଗନେବାର ସୁଯୋଗ ପାଇଛନ୍ତି । ସେ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ୪୦୦ମିଟର ଦୌଡରେ ଭାଗ ନେଇ ସଫଳତା ହାତେଇବା ସହିତ ନିଜ ଜିଲ୍ଲା ପାଇଁ ସ୍ୱର୍ଣ୍ଣ ପଦକ ଆଣିଦେଇଛନ୍ତି । ନବୀଙ୍କ ଏହି ସଫଳତାରେ ଜିଲ୍ଲାବାସୀ ଗର୍ବିତ ରହିଥିବା ବେଳେ ଝରିଗାଁ ଅଂଚଳବାସୀ ମଧ୍ୟ ବେସ ଗର୍ବିତ ଥିବା ଜଣାପଡିଛି । ଝରିଗାଁ ଭଳି ଏକ ଉପାନ୍ତ ଅଂଚଳର ଛାତ୍ର ଜାତୀୟ ସ୍ତରରେ ଉତର ପ୍ରଦେଶର ଲକ୍ଷ୍ନୌ ଖେଳିବାର ସୁଯୋଗ ପାଇଛି ଏଖବର ଗଣଶିକ୍ଷା ମନ୍ତ୍ରୀଙ୍କ କାନରେ ବାଜିବା ସଂଗେ ସଂଗେ ନବୀଙ୍କୁ ନିଜ ବାସ ଭବନକୁ ଡାକି ସମ୍ବର୍ଦ୍ଧନା ଜଣେଇଛନ୍ତି । ଏହି ସମୟରେ ଝରିଗାଁ ବିଧାୟକ ନରସିଂହ ଭତରା, କୋଚ ସପନ ବୈରାଗୀ ମଧ୍ୟ ଉପସ୍ଥିତ ରହି ନବୀଙ୍କୁ ସମ୍ବର୍ଦ୍ଧନା ଜଣେଇବା ସହିତ ତାର ଉଜ୍ଜଳ ଭବିଷ୍ୟତ ପାଇଁ କାମନା କରିଛନ୍ତି ।

ସ୍ୱର୍ଗୀୟ ରାଜେନ୍ଦ୍ର ସାହୁଙ୍କ ଶୋକସଭା ଅନୁଷ୍ଠିତ

ଧର୍ମଗଡ଼, ୭/୧୨ (ଆ.ପ୍ର) : କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ସାହୁଙ୍କ ଅକାଳ ବିୟୋଗରେ ଏକ ଶୋକସଭା କରି ଗଭୀର ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯାଇଛି । ଧର୍ମଗଡ ବ୍ଲକ ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି କବିରାଜ ଦୁର୍ଗାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶୋକ ସଭାରେ ଉପଦେଷ୍ଟା ଲୋକନାଥ ବେହେରା ସ୍ୱର୍ଗତ ଶ୍ରୀ ସାହୁଙ୍କର କାର୍ଯ୍ୟ ଦକ୍ଷତା, କର୍ତବ୍ୟ ନିଷ୍ଠା ଓ ସଙ୍ଘୀୟ ସେବା ଉପରେ ଆଲୋକପାତ କରିଥଲେ । ସଂପାଦକ ରାଜେନ୍ଦ୍ର ଭୋଇ, ସହ ସଂପାଦକ ଧରଣୀଧର ଧଙ୍ଗଡାମାଝୀ, ଉପ ସଭାପତି ପ୍ରମୋଦ କୁମାର ହଂସ ସମେତ ଫୁଲେଶ୍ୱର ସେନାପତି, ତ୍ରିଲୋଚନ ବାଗ, ଭୁଜବଳ ଗୋପାଳ, ସୁବାସ ଚନ୍ଦ୍ର ସାହୁ ଉପସ୍ଥିତ ରହି ସ୍ୱର୍ଗତ ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରିଥଲେ । ସୂଚନା ଯୋଗ୍ୟ ଯେ, ସ୍ୱର୍ଗତ ସାହୁ କର୍ଲାପଡା ହାଇସ୍କୁଲରେ ଶିକ୍ଷକତା ଆରମ୍ଭ କରି ଟାଉନ ହାଇ ସ୍କୁଲ, ମାଣିକେଶ୍ୱରୀ ହାଇ ସ୍କୁଲ, ଭବାନୀପାଟଣାରୁ ପଦୋନ୍ନତି ପାଇ ଲାଞ୍ଜିଗଡ ବ୍ଲକର ବିଶ୍ୱନାଥ ପୁର ହାଇସ୍କୁଲ ରେ ପ୍ରଧାନ ଶିକ୍ଷକ ଭାବେ ସଫଳତାର ସହ କାର୍ଯ୍ୟକରି ୨୦୨୧ ମସିହାରେ ଅବସର ଗ୍ରହଣ କରିଥଲେ । ସେ ଭବାନୀ ପାଟଣା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘର ସଭାପତି ଓ ସଂପାଦକ ରୂପେ ଦାୟିତ୍ୱ ତୁଲାଇ ଶିକ୍ଷକ ମହଲରେ ପ୍ରିୟଭାଜନ ହୋଇ ପାରିଥିଲେ । ଜୀବନର ଅନ୍ତିମ ସମୟ ପର୍ଯ୍ୟନ୍ତ ଓଡ଼ିଶା ରାଜ୍ୟ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସାଧାରଣ ସଂପାଦକ ଭାବେ ଦାୟିତ୍ୱ ତୁଲାଇ ଆସୁଥିଲେ । ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀ ରାଜେନ୍ଦ୍ର ସାହୁ ଗତ ୪ ତାରିଖ ଦିନ ସକାଳେ ଭବାନୀ ପାଟଣାରୁ କୁସୁମଦର ଗାଁକୁ ବାଇକରେ ଯିବାବେଳେ କୁଲିଆମାଲ ନିକଟରେ ଏକ ପିକଅପ ତାଙ୍କୁ ସାମ୍ନାରୁ ଧକ୍କା ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା ।

ଉନ୍ନତି ମୂଳକ କାର୍ଯ୍ୟର ଶୁଭାରମ୍ଭ କଲେ ସାଂସଦ

ଦଶପଲ୍ଲା , ୭/୧୨ (ଆ.ପ୍ର) : କନ୍ଧମାଳ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ଦଶପଲ୍ଲା ସ୍ଥିତ କୁଆଁରିଆ ଜଳସେଚନ ପ୍ରକଳ୍ପର ଡାହାଣ ପାର୍ଶ୍ୱ କେନାଲର ଭିତି ପ୍ରସ୍ତର ସ୍ଥାପନ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀଙ୍କ ଦ୍ୱାରା ସମ୍ପର୍ନ୍ନ ହୋଇଛି । ଏଥିସହିତ ଦଶପଲ୍ଲାରେ ଲେଫ୍ଟ ଡିଷ୍ଟ୍ରିବ୍ୟୁଟାରୀର ସିମେଂଟ କଂକ୍ରିଟ ଲାଇନିଂ କାର୍ଯ୍ୟ ଓ ରାଇଟ୍ ଡିଷ୍ଟ୍ରିବ୍ୟୁଟାରୀର ସିମେଂଟ କଂକ୍ରିଟ ଲାଇନିଂ କାର୍ଯ୍ୟର ମଧ୍ୟ ସାଂସଦ ଭିତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ଆଧୁନିକ ଲାଇନିଂ ବ୍ୟବସ୍ଥା ଜଳ କ୍ଷୟ ରୋକିବା ସହିତ ଅଧିକ କୃଷି ଜମିରେ ସେଚନ ସୁବିଧା ପହଂଚାଇବ । ଇତ୍ୟାବସରରେ ସାଂସଦ ଲେଫ୍ଟ ଡିଷ୍ଟ୍ରିବ୍ୟୁଟାରୀର ଡାହାଣ ପାଖର ଉନ୍ନତିକରଣ କାର୍ଯ୍ୟର ମଧ୍ୟ ଶୁଭାରମ୍ଭ କରିଛନ୍ତି । ଏହି ତିନୋଟି ପ୍ରକଳ୍ପ ପାଇଁ ୨୨.୧୪ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିବା ବେଳେ ଚାଷ ଓ ଚାଷୀଙ୍କର ଉନ୍ନତିରେ ସହାୟକ ହେବ ବୋଲି ସାଂସଦ ମତବ୍ୟକ୍ତ କରିଛନ୍ତି ।

ଗାଦିବ୍ରହ୍ମ ବିଦ୍ୟାପୀଠ ୧୯୭୭ ମାଟ୍ରିକ ବ୍ୟାଚ ବିଦ୍ୟାର୍ଥୀଙ୍କ ସ୍ମୃତି ସାଉଁଟିବା ଉତ୍ସବ

ଜଗତସିଂହପୁର, ୭/୧୨ (ଅ.ପ୍ର) : ଜଗତସିଂହପୁର, ଗାଦିବ୍ରହ୍ମ ବିଦ୍ୟାପୀଠ, କାନ୍ଦୁଅପଡାର ୧୯୭୭ ମାଟ୍ରିକ ବ୍ୟାଚ ବିଦ୍ୟାର୍ଥୀ ମାନଙ୍କର ସ୍ମୃତି ସାଉଁଟିବା ଉତ୍ସବ ୨୦୨୫ ଆଜି ଶ୍ରୀ ତୁଳସୀ ଗାଦୀ ଆଶ୍ରମ, ତିହସାହି ପରିସରରେ ଅନୁଷ୍ଠିତ ହୋଇଯାଇଛି । ରମେଶ ଚନ୍ଦ୍ର ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ମୁଁ ଓ ମୋ ବିଦ୍ୟାଳୟ ବିଷୟରେ ଆଲୋଚନା ଚକ୍ର ଆୟୋଜିତ ହୋଇଥିଲା । ଆଲୋଚନାରେ Dr ବଟକିଶୋର ରାୟ, ସୁଜ୍ଞାନ ସିଂହ, ପ୍ରସନ୍ନ କୁମାର ରାୟ, ନିରଞ୍ଜନ ରାଉତ, ବଂଶୀ ଧର ପୋଥାଳ, ରାମ ଚନ୍ଦ୍ର ରାୟ, ବିରଂଚି ନାରାୟଣ ରାଉତ ରାୟ, ରବୀନ୍ଦ୍ର ନାଥ ସେଠି, ପ୍ରସନ୍ନ କୁମାର ପରିଡା, Dr. ଆଲୋକ ରଥ, ଶ୍ରୀକାନ୍ତ ବେହେରା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ନରେନ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ ଓ ଶରତ ଚନ୍ଦ୍ର ବାରିକ ଧନ୍ୟବାଦ ଦେଇଥିଲେ । ଆରମ୍ଭରେ ଦିବଂଗତ ଶିକ୍ଷକ ଓ ଛାତ୍ର ମାନଙ୍କ ଉଦେଶ୍ୟ ରେ ନିରବ ପ୍ରାର୍ଥନା କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ କିଶୋର ତ୍ରିପାଠୀ, ସୁବାଷ ଚନ୍ଦ୍ର ରାୟ, ପ୍ରଶାନ୍ତ ଓଝା, କିଶୋର କୁମାର ମହାନ୍ତି, ଦେବରାଜ ଦାସ, ଚୈତନ୍ୟ ପାଳ, ମହେନ୍ଦ୍ର ବାରିକ, ସୋମନାଥ ବାରିକ, ପ୍ରମୁଖ ପରିଚାଳନା କରିଥିଲେ ।

ଓଡିଶା ଫଲୋଫ ସଂସ୍ଥା ବାଲେଶ୍ୱର ପକ୍ଷରୁ ସୀତ୍ୱସ୍ତ୍ର ବଂଟନ

ଧାମନଗର, ୭/୧୨ (ଆ.ପ୍ର) : ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଓଡିଶା ଫଲୋଫ ସଂସ୍ଥା ବାଲେଶ୍ୱର ପକ୍ଷରୁ ନିହାତି ଗରିବ ଓ ବିଧବା ମହିଳା ମାନଙ୍କୁ ସୀତ୍ୱସ୍ତ୍ର ବଂଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଶନିବାର ୧୧ଟା ସମୟରେ ଶାମପୁର ସ୍ଥିତ ହାଟ ନିକଟରେ ନାରାୟଣ ପୋଥାଳଙ୍କ ତତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଅନୁଷ୍ଠାନର ମୁଖ୍ୟ ତଥା ଓଡିଶା ଫଲୋଫ ସଂସ୍ଥା ବାଲେଶ୍ୱରର ନିର୍ଦ୍ଦେଶକ ଡିବି ହୃଦୟ, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ସେକ ଜାଫର ଅଲ୍ଲୀ ଯୋଗ ଦେଇ ୧୦୦ରୁ ଊର୍ଦ୍ଧ୍ୱ ପରିବାର ମାନଙ୍କୁ ଶିତ୍ୱସ୍ତ୍ର ଓ କମ୍ବଳ ବଂଟନ କରିଛନ୍ତି । ଶିତଦିନରେ ଏହା ବଂଟନ ଦ୍ୱାରା ଗରିବ ଲୋକମାନଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିବା ବେଳେ ସେମାନେ ଉପକୃତ ହେବେ ବୋଲି ମୁଖ୍ୟ ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର କର୍ମକର୍ତା ସେକ ଅଜଗର ଅଲ୍ଲୀ, ସେକ ଗୋଲାମ, ସେକ ସଫିକୁର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏଥିରେ ସ୍ଥାନୀୟ ଜନସାଧାରଣ, ସମାଜସେବୀ ଓ ବୁଦ୍ଧିଜୀବୀ ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ ଯୁବ ନେତା ସେକ ସାହିଲ ଧନ୍ୟବାଦ ଅର୍ପଣ କରିଥିଲେ ।

ପଂଚମ ଦିନରେ ପହଂଚିଲା ଲିବ୍ରା କାର୍ପେଟ କମ୍ପାନୀ ଶ୍ରମିକଙ୍କ ଗଣଧାରଣା

ଟାଙ୍ଗୀ ଚୌଦ୍ୱାର, ୭/୧୨ (ଆ.ପ୍ର) : ଚୌଦ୍ୱାର ସ୍ଥିତ ଲିବ୍ରା କାର୍ପେଟ ଖେଳରୁ କାର୍ପେଟ ପ୍ରସ୍ତୁତ କରୁଥିବା କମ୍ପାନୀ ୨୦୧୫ମସିହା ମେ ପହିଲା ଠାରୁ କମ୍ପାନୀ କତୃପକ୍ଷ ବେଆଇନୀ ଭାବେ କମ୍ପାନୀକୁ ବନ୍ଦ କରିଦେଲେ, ସେବେଠାରୁ ଆଜିପର୍ଯ୍ୟନ୍ତ ଶ୍ରମିକ ମାନେ ବହୁ ଅସୁବିଧା, ହଇରାଣ ହୋଇ ଜୀବନ କାଳାତିପାତ କରୁଥିବା ବେଳେ ଶ୍ରମିକ ମାନଙ୍କ ପ୍ରାପ୍ୟ ନଦେଇ ଅତି ଚତୁରତାର ସହ (ଜେନା) ଓ (ବଳ)ନାମକ ଦୁଇ ସିକ୍ୟୁରିଟିଙ୍କ ସହାୟତାରେ ମେସିନ ନେଇଯିବାକୁ ବସିଥିବା ବେଳେ ଶ୍ରମିକ ମାନେ ଏକଜୁଟ ହୋଇ ଏହାକୁ ଘୋର ବିରୋଧ କରିବାରୁ ମେସିନ ସ୍ଥାନାନ୍ତର ହୋଇପାରିନଥିଲା, ଦୁଇଟି ଟ୍ରକ ଓ ଗୋଟିଏ ହାଇଡ୍ରା ମେସିନ ଆଜି ପର୍ଯ୍ୟନ୍ତ କମ୍ପାନୀ ପରିସରରେ ଅଟକି ରହିଛି ଏହି ପ୍ରସଙ୍ଗକୁ ନେଇ ଶ୍ରମିକ ମାନଙ୍କ ପକ୍ଷରୁ କମ୍ପାନୀ ଗେଟ ସମ୍ମୁଖରେ ଦିଆଯାଇଥିବା ଗଣଧାରଣା ପଂଚମ ଦିନରେ ପହଁଚିଛି, ଶୀତ କାକରରେ ପଡି ରହିଥିବା ଶ୍ରମିକ ମାନେ କ୍ଷୋଭର ସହ କହିଛନ୍ତି ସମସ୍ତ ଶ୍ରମିକ ମାନଙ୍କୁ ପ୍ରାପ୍ୟ ପ୍ରଦାନ, କମ୍ପାନୀ ପୁନଃଗଠନ, ନକରିବା ପର୍ଯ୍ୟନ୍ତ ଏ ଧାରଣା ଚାଲୁରହିବ,୧୦୫୦ଜଣ ଶ୍ରମିକଙ୍କୁ ୨୦୧୫ମସିହାରୁ ଏହି କମ୍ପାନୀ ଆଜି ପର୍ଯ୍ୟନ୍ତ ଶ୍ରମିକ ମାନଙ୍କୁ ଲୁଆଁ ବୁଲାଇ ଚାଲିଛି, ଶ୍ରମିକ ମାନଙ୍କ ସହ କୌଣସି ଯୋଗାଯୋଗ ରଖିନଥିଲା ବେଳେ ଶ୍ରମିକ ମାନଙ୍କ ଦରମା, ଗ୍ରାଚୁଟି, ପେନଶନ ବାବଦରେ ବି କୌଣସି ପଦକ୍ଷେପ ନେଇ ନଥିଲା, ଗଣଧାରଣା ପଂଚମ ଦିନରେ ପହଂଚି ଥିବା ବେଳେ ଶ୍ରମିକ ସଂଗଠନ ପକ୍ଷରୁ ଅତି ଦୁଃଖର ସହ ମତ ପ୍ରକାଶ କରିଛନ୍ତି ଆମ ପାଇଁ କେହି ନାହାନ୍ତି, ସରକାର ଶୁଣି ନଶୁଣିଲା ପରି ଅଭିନୟ କରୁଛି ଆମେ ପ୍ରାପ୍ୟ ନପାଇଲା ପର୍ଯ୍ୟନ୍ତ ଏମିତି ଧାରଣାରେ ବସିଥିବୁ ।

ଆରମ୍ଭ ହେଲାଣି ପର୍ଯ୍ୟଟନ ଋତୁ, ଜମୁଛି କୁଆଁରିଆରେ ଭିଡ଼

ଦଶପଲ୍ଲା, ୭/୧୨ (ଆ.ପ୍ର) : ଆଗକୁ ବଡ ଦିନ ଛୁଟି ସାଙ୍ଗକୁ ଇଁରାଜୀ ନବବର୍ଷ ପାଦ ଥାପିବ । ଏହାକୁ ଧୁମ୍ ଧାମ୍‌ରେ ପାଳନ କରିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ହେଲେ ଏହାର ବେଳ୍ ପୂର୍ବରୁ ଅର୍ଥାତ ଡିସେମ୍ବର ପ୍ରବେଶ କରୁ କରୁ ପର୍ଯ୍ୟଟନ ଋତୁ ଆରମ୍ଭ ହେବା ଭଳି ମନେ ହେଲାଣି । ରବିବାର ଛୁଟି ଦିନ ଥିବାରୁ ଦଶପଲ୍ଲାର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ କୁଆଁରିଆ ଲୋକାରଣ୍ୟ ହୋଇ ପଡିଥିଲା । ଦୂର ଦୂରାନ୍ତରୁ ଗାଡି ମୋଟର ଯୋଗେଁ ଛୁଟି ଆସିଥିଲେ ବହୁ ପର୍ଯ୍ୟଟକ । ସଦ୍ଦ୍ୟ ନୂତନ ରୂପ ନେଇଥିବା କୁଆଁରିଆ ପାର୍କର ମଜା ନେଇ ଭୋଜି ଭାତ କରି ବାହୁଡୁ ଥିବାର ଦେଖିବାକୁ ମିଳିଥିଲା । ଆଗକୁ ଗହଳି ବଢ଼ିବାର ସମ୍ଭାବନା ଦୃଷ୍ଟିରେ ରଖି ଆଇନ୍ ଶୃଙ୍ଖଳା ପ୍ରତି ଦୃଷ୍ଟି ଦେବା ଅନିବାର୍ଯ୍ୟ ମନେ ହୁଏ ।

ମଣିପାଲ ହସ୍ପିଟାଲ୍ ଭୁବନେଶ୍ୱରର ପକ୍ଷରୁ ବ୍ରହ୍ମପୁର ମିଡିଆ କର୍ମୀମାନଙ୍କ ପାଇଁ ଏକ ବିଶାଳ ସ୍ୱାସ୍ଥ୍ୟ ଶିବିର ଓ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ

ବ୍ରହ୍ମପୁର, ୭/୧୨ (ଆ.ପ୍ର) : ମଣିପାଲ ହସ୍ପିଟାଲ୍ ଭୁବନେଶ୍ୱର ଓ ପ୍ରେସ୍ କ୍ଲବ୍ ବ୍ରହ୍ମପୁରର ମିଳିତ ସହଯୋଗରେ ଏକ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର ଓ ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ଏକ ସ୍ୱାସ୍ଥ୍ୟ ଆଲୋଚନା ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ପ୍ରେସ୍ କ୍ଲବ୍‌ର ୧୫୦ରୁ ଅଧିକ ସଦସ୍ୟ ଭାଗ ନେଇଥିଲେ । ସକାଳ ୧୦ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଚାଲିଥିବା ଏହି ସ୍ୱାସ୍ଥ୍ୟ ଶିବିରକୁ ବ୍ରହ୍ମପୁର ଏସ୍‌ପି ଡାକ୍ତର ସରଭଣା ବିବେକ ଏମ୍ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଉଦଘାଟନ କରିଥିଲେ । ଏହି ଅବସରରେ ମଣିପାଲ ହସ୍ପିଟାଲ ପକ୍ଷରୁ ସମସ୍ତ ଅଂଶଗ୍ରହୀଙ୍କ ପାଇଁ 'ମିଡିଆ ପ୍ରିଭିଲେଜ୍ କାର୍ଡ' ମଧ୍ୟ ଲୋକାର୍ପିତ କରାଯାଇଥିଲା, ଯାହା ମାଧ୍ୟମରେ ସେମାନେ ମଣିପାଲ ହସ୍ପିଟାଲ ଭୁବନେଶ୍ୱର ଠାରେ ବିଶେଷ ସ୍ୱାସ୍ଥ୍ୟ ସୁବିଧା ଓ ଡିସକାଉଣ୍ଟ ପାଇବେ । ପ୍ରେସ୍ କ୍ଲବ୍‌ର ଅଧ୍ୟକ୍ଷ ଶ୍ରୀ ଅଶୋକ ବ୍ରହ୍ମା ଏହି ମଣିପାଲ ହସ୍ପିଟାଲର ଏହି ପ୍ରୟାସକୁ ସ୍ୱାଗତ କରି, ମିଡିଆ କର୍ମୀଙ୍କ ପାଇଁ ଏପରି ସ୍ୱାସ୍ଥ୍ୟ ଶିବିର ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମର ଗୁରୁତ୍ୱ ଉଲ୍ଲେଖ କଲେ । ଏହି ବିଶାଳ ସ୍ୱାସ୍ଥ୍ୟ ଶିବିର ଓ ଆଲୋଚନା ଚକ୍ରରେ ମଣିପାଲ ହସ୍ପିଟାଲ ଭୁବନେଶ୍ୱର ପକ୍ଷରୁ ହୃଦରୋଗ ବିଶେଷଜ୍ଞ ଡାକ୍ତର ଦିବ୍ୟ ରଞ୍ଜନ ବେହେରା ବିଭିନ୍ନ ହୃଦରୋଗ ଏବଂ ଆମେ କିଭଳି ନିଜ ହାର୍ଟକୁ ସୁସ୍ଥ ରଖିପାରିବା, ବରିଷ୍ଠ ଅସ୍ଥିଶଲ୍ୟ ବିଶେଷଜ୍ଞ ତଥା ଡାଇରେକ୍ଟର ଅର୍ଥୋପେଡିକ୍ ଡାକ୍ତର ସୁନୀଲ କୁମାର ଦାଶ ଆଣ୍ଠୁଗଣ୍ଠି ଯନ୍ତ୍ରଣା ଓ ରୋବୋଟିକ୍ ନି ସର୍ଜରୀ, ସ୍ନାୟୁରୋଗ ବିଶେଷଜ୍ଞ ଡାକ୍ତର ଅମ୍ଳାନ ତପନ ମହାପାତ୍ର ଷ୍ଟ୍ରୋକ୍ ପରେ ଚିକିତ୍ସା ଗୋଲଡେନ୍ ଆୱାର ଏବଂ ଏଣ୍ଡୋକ୍ରାଇନୋଲୋଜିଷ୍ଟ ଡାକ୍ତର ଜତିନ କୁମାର ମାଝି ଡାଇବେଟିସ୍ ଓ ଥାଇରଏଡ୍ ରୋଗ ସମ୍ପର୍କରେ ମିଡିଆ କର୍ମୀଙ୍କ ସହ ଆଲୋଚନା କରିଥିଲେ । ମୁଖ୍ୟ ଅତିଥି ବ୍ରହ୍ମପୁର ଏସ୍‌ପି ଡାକ୍ତର ସରଭଣା ବିବେକ ଏମ୍ କହିଲେ, 'ମଣିପାଲ ହସ୍ପିଟାଲ୍‌ର ଏହି ପଦକ୍ଷେପ ଅତ୍ୟନ୍ତ ସ୍ୱାଗତ ଯୋଗ୍ୟ । ସମାଜକୁ ସଚେତନ କରିବା ପାଇଁ ମିଡିଆ କର୍ମୀମାନେ ନିଜ ସ୍ୱାସ୍ଥ୍ୟକୁ ଅନେକ ସମୟରେ ଅବହେଳା କରିଦିଅନ୍ତି । ଏହିପରି ଶିବିର ତାଙ୍କ ପାଇଁ ନିଶ୍ଚିତ ଭାବରେ ବହୁତ ଲାଭଦାୟକ ହେବ ।' ଏହା ପରେ, ମଣିପାଲ ହସ୍ପିଟାଲ୍ କ୍ଲଷ୍ଟର ଡିରେକ୍ଟର – ସାଉଥ ଇଷ୍ଟ ଡାକ୍ତର ଶକ୍ତିମୟ ମହାପାତ୍ର କହିଲେ,'ଆମର ଲକ୍ଷ୍ୟ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟସେବାକୁ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ପହଂଚିବା । ଏହି ସ୍ୱାସ୍ଥ୍ୟ ଶିବିର ମାଧ୍ୟମରେ ବ୍ରହ୍ମପୁର ମିଡିଆ କମ୍ୟୁନିଟିଙ୍କ ସହିତ ସିଧାସଳଖ ସମ୍ପର୍କ ସ୍ଥାପନ କରି ଆମେ ତାଙ୍କୁ ସ୍ୱାସ୍ଥ୍ୟ ଚେତନା ଓ ଶୀଘ୍ର ରୋଗ ଚିହ୍ନଟର ପ୍ରାସଙ୍ଗିକତାକୁ ବଢ଼ାଇବା ।' ମଣିପାଲ ହସ୍ପିଟାଲ୍ ଭୁବନେଶ୍ୱର ଏଭଳି ସମାଜମୁଖୀ କାର୍ଯ୍ୟକ୍ରମ ଓ ସଚେତନତା ଅଭିଯାନ ମାଧ୍ୟମରେ ସମ୍ପ୍ରଦାୟ ସ୍ୱାସ୍ଥ୍ୟକୁ ସୁଦୃଢ କରିବାରେ ପ୍ରତିବଦ୍ଧ । ବ୍ରହ୍ମପୁର ପ୍ରେସ୍ କ୍ଲବ୍‌ର ସମସ୍ତ ସଦସ୍ୟଙ୍କ ସକ୍ରିୟ ଅଂଶଗ୍ରହଣ ଓ ସହଯୋଗରେ କାର୍ଯ୍ୟକ୍ରମଟି ସଫଳ ଭାବରେ ଆୟୋଜନ କରାଯାଇଥିଲା ।

କବିସୂର୍ଯ୍ୟନଗରରେ ଦଣ୍ଡନାଚ ଅନୁଷ୍ଠାନଙ୍କ ରଣହୁଙ୍କାର

କବିସୂର୍ଯ୍ୟନଗର, ୭/୧୨ (ଆ.ପ୍ର) : ଚଳିତ ବର୍ଷ ଗଞ୍ଜାମ ଦଣ୍ଡନାଚରେ ରାତ୍ର ମଂଚରେ ପାରମ୍ପରିକ ନୃତ୍ୟ ମଂଚସ୍ଥ ହେବା ନେଇ ଜିଲ୍ଲା ପ୍ରଶାସନର ଜାରୀ କରିଥିବା ଏସଓପି ପରେ ସାମାଜିକ ନାଟକ ଦଣ୍ଡନାଚରେ ମଂଚସ୍ଥ ହେବ କି ନାହିଁ ରହିଥିବା ଦ୍ୱନ୍ଦ ଦିନକୁ ଦିନ ଉଗ୍ର ରୂପ ନେବାରେ ଲାଗିଛି । ହୋଇଥିବା ଏସଓପି ସଂଶୋଧନ କରିବା ନେଇ ବେଶ କିଛିଦିନ ହେବ ବିଭିନ୍ନ ଯାଗାରେ ବୈଠକ ସହ ପ୍ରତିବାଦର ସ୍ୱର ଉଠିବା ସହ ଏନେଇ ଜିଲ୍ଲା ପ୍ରଶାସନକୁ ଲିଖିତ ଭାବେ ଏକାଧିକ ଅନୁଷ୍ଠାନ ଜଣେଇଥିଲେ । ଏହାର ସମାଧାନ ପାଇଁ ଗତ ୩ତାରିଖ ଦିନ ଅତିରିକ୍ତ ଜିଲ୍ଲାପାଳ ସୁନିଲ କେର୍କେଟା ଓ ଜିଲ୍ଲା ସଂସ୍କୃତି ଅଧିକାରୀ ଆଦିତି ଆଚାର୍ଯ୍ୟଙ୍କ ଉପସ୍ଥିତିରେ ବିସ୍ତୃତ ଆଲୋଚନା ସହ ପ୍ରବଳ ପାଟିତୁଣ୍ଡ ହୋଇଥିଲା, ହେଲେ କିଛି ଫଇସଲା ନହୋଇ ଆଉ ଏକ ତାରିଖ ଧାର୍ଯ୍ୟ ହୋଇଥିଲା । ସାମାଜିକ ନାଟକ ବନ୍ଦ କରିବାକୁ କିଛି ବ୍ୟକ୍ତି ଚକ୍ରାନ୍ତ କରିବା ସହ ଦଣ୍ଡନାଚ ସଙ୍ଗଠନକୁ କଳୁଷିତ କରୁଥିବା ବିଷୟ ନେଇ ରବିବାର ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଦଣ୍ଡକାଳୀ ମନ୍ଦିର ନିକଟରେ ଏକ ବୈଠକ ସୁବାସ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଗଞ୍ଜାମ ଜିଲ୍ଲାର ବହୁ ଦଣ୍ଡନାଚ ଅନୁଷ୍ଠାନ ଯୋଗଦେଇ ଚଳିତ ବର୍ଷ ଦଣ୍ଡନାଚ ମଂଚରେ ସାମାଜିକ ନାଟକ ଅପସଂସ୍କୃତି ବିହୀନ କରିବା ନେଇ ଶପଥ ନେଇଥିଲେ । ବୈଠକରେ ବରିଷ୍ଠ ଲୋକକଳା ଗୁରୁ ନବଘନ ପରିଡା, ଗଂଜାମ ଜିଲ୍ଲା ନାଟ୍ୟ ନିର୍ଦ୍ଦେଶକ ସଂଘ ସଭାପତି ରାଜ ଗୋପାଳ ପାଢ଼ୀ, ରାଜ୍ୟ ଚିତ୍ରାଳୟ ମାଲିକ ସଂଘ ସମ୍ପାଦକ ଦୁର୍ଗା ପ୍ରସାଦ, ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ଟୁଟୁ ପାଢ଼ୀ, ଭବାନୀ ଶଙ୍କର ମଳିକ, କୃଷ୍ଣଚନ୍ଦ୍ର ପଣ୍ଡା, ମୋହିନୀ ଗୌଡ଼, ତ୍ରିପତି ମହାରଣା, ବିବେକାନନ୍ଦ ପ୍ରଧାନ, ରଜନୀକାନ୍ତ ସାହୁ, ଭାସ୍କର ସେନାପତି, ଗଙ୍ଗୋପ ପରିଡା,ହାଡ଼ିବନ୍ଧୁ ମହାରଣା, ସୀମାଂଚଳ ଡାଙ୍ଗୁଆ, ଚିରୁ ମହାରଣା, ଗୋପବନ୍ଧୁ ଡାଙ୍ଗୁଆ, ଲକ୍ଷ୍ମଣ ବିଷୋୟୀ, ବିନାୟକ ସାହୁ, ଦିଲ୍ଲୀପ କୁମାର ନାୟକ, ସୁଶାନ୍ତ ପଟ୍ଟନାୟକ, ଡିରୁ ମହାରଣା, ସପନେଶ୍ୱର ପ୍ରଧାନ, ଗୌତମ ବାଡ଼ତ୍ୟା,ରମାକାନ୍ତ ଆଚାର୍ଯ୍ୟ,ରବୀନ୍ଦ୍ର ଗୌଡ଼, ଜୟ ପଣ୍ଡା, ପ୍ରଶାନ୍ତ ସାହୁ, ନିରଞ୍ଜନ ବେହେରା, ହୃଷିକେଶ ଆଚାର୍ଯ୍ୟଙ୍କ ସହ ଗଞ୍ଜାମ ଜିଲ୍ଲା ଅନେକ ଦଣ୍ଡ ଅନୁଷ୍ଠାନର ମ୍ୟାନେଜର, ଅଧିକାରୀ ଓ କର୍ମକର୍ତା, ଚିତ୍ରାଳୟ ସଂଘ କର୍ମକର୍ତା, ନୃତ୍ୟାଦଳ, ଲାଇଟ ଏଣ୍ଡ ସାଉଣ୍ଡ କର୍ମକର୍ତା ମାନେ ଏକତ୍ରୀତ ହୋଇ ମିଳିତ ଭାବେ ସାମାଜିକ ନାଟକ କରିବା ନେଇ ରଣହୁଙ୍କାର ଛାଡିବା ସହ ସମୂହ ଶପଥ ନେଇଥିଲେ । ଏହି ଅବସରରେ ଦଣ୍ଡନାଚ ମହାସଂଘର ତିନୋଟି ପଦ ପାଇଁ କର୍ମକର୍ତା ନିର୍ବାଚନ ହୋଇ ପୂର୍ବ କମିଟିର ତିନି ପଦବୀକୁ ଭଙ୍ଗ କରାଗଲା । ନୂତନ ସଭାପତି ଭାବେ ବ୍ରଜ ସୁନ୍ଦର ମଳିକ, ସମ୍ପାଦକ ଭାବେ ବିବେକାନନ୍ଦ ପ୍ରଧାନ ଓ କୋଷାଧ୍ୟକ୍ଷ କୃତିବାସ ଡାକୁଆ ଉପସ୍ଥିତ ସଭ୍ୟଙ୍କ ସମର୍ଥନରେ ଚୟନ କରାଯାଇଥିଲା ।

ଆଇସିଆରଏଫ୍ ଦ୍ୱାରା ଆୟୋଜିତ ସ୍ପେକଟ୍ରା ଗ୍ରାଣ୍ଡ ଫିନାଲେରେ ବାହାରିନ୍ ଓଡିଆ ସମାଜର ଝିଅ ଓ ମହିଳାମାନଙ୍କର ଅଦ୍ଭୂତ ନୃତ୍ୟ ପ୍ରଦର୍ଶନ

ଜଗତସିଂହପୁର, ୭/୧୨ (ଆ.ପ୍ର) : ବାହାରିନ୍‌ର ରାଜଧାନୀ, ମାନାମା ଠାରେ The Indian Community Welfare Association ଦ୍ୱାରା ଆୟୋଜିତ ଗୌରବମୟ SPECTRA Grand Finale କାର୍ଯ୍ୟକ୍ରମରେ ବାହାରିନ୍ ଓଡିଆ ସମାଜର ଝିଅ ଓ ମହିଳାମାନେ ଅତି ସୁନ୍ଦର ଏବଂ ଆକର୍ଷକ ସମ୍ବଲପୁରୀ ନୃତ୍ୟ ପ୍ରଦର୍ଶନ କରିଥିଲେ । ପୂର୍ଣ୍ଣ ହଲ୍ ଦର୍ଶକମଣ୍ଡଳୀ ସମ୍ମୁଖରେ ସେମାନଙ୍କର ମନୋହର ଓ ଜୀବନ୍ତ ଉପସ୍ଥିତି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ଆହୁରି ଆକର୍ଷଣୀୟ କରିଥିଲା । ଏହି ପ୍ରଦର୍ଶନ ପ୍ରତ୍ୟେକ ଦର୍ଶକଙ୍କ ପକ୍ଷରୁ ପ୍ରଶଂଶା ଏବଂ ବିପୁଳ ସ୍ୱୀକୃତି ଅର୍ଜନ କରିଥିଲା । ନୃତ୍ୟ ନିର୍ଦ୍ଦେଶନା ସାଗରିକା ମହାନ୍ତି ଦେଇଥିଲେ ଏବଂ ଯେଉଁମାନେ ଅଂଶଗ୍ରହଣ କରିଥିଲେ ସେମାନେ ହେଲେ ସାଗରିକା ମହାନ୍ତି ଆରାଇନା ମହାନ୍ତି, ଆରାଧ୍ୟା ଜେନା, ଖ୍ୟାତି ମହାପାତ୍ର, ଶିବାଣ୍ଣୀ ଦାଶ, ପ୍ରୀତିଶ୍ରୀ ରାଉତରାୟ । ଏହି ପ୍ରଦର୍ଶନଟିକୁ ଶୁଭଶ୍ରୀ ମହାନ୍ତି ଅତି ସୁଚାରୁ ରୂପେ ସମନ୍ୱିତ କରିଥିଲେ । ବାହାରିନ୍ ଓଡିଆ ସମାଜର କାର୍ଯ୍ୟନିର୍ବାହୀ ସମିତି ସମସ୍ତ ଅଂଶଗ୍ରହଣ କାରୀଙ୍କୁ ସେମାନଙ୍କର ଉଚ୍ଚକୋଟୀର ପ୍ରଦର୍ଶନ ଓ ଗୌରବମୟ ମଂଚରେ ଓଡିଆ ସଂସ୍କୃତିକୁ ପ୍ରତିନିଧିତ୍ୱ କରିଥିବା ପାଇଁ ଉଚ୍ଚ ପ୍ରଶଂସା କରିଛନ୍ତି । SPECTRA ଚିତ୍ରାଙ୍କନ ପ୍ରତିଯୋଗିତାରେ ବାହାରିନ୍ ଓଡିଆ ସମାଜର ଶିଶୁମାନେ ଗୁଞ୍ଜନ ପାଲ, ସାଇ ସ୍ୱୀକୃତି ସେନାପତି ଓ ଅର୍ଜିତା ପଟାରି ପୁରସ୍କାର ଅର୍ଜନ କରିଛନ୍ତି ।

ସେଇଠୁ
ଆରମ୍ଭ
SEITHO ARAMBHA

ସୋମବାର, ୦୮ ଡିସେମ୍ବର, ୨୦୨୫ : ବାଲେଶ୍ୱର : ପୃଷ୍ଠା - ୩

ଭାରତର ଗଣତନ୍ତ୍ର ଓ ସମ୍ବିଧାନ ଆଜି ସଂକଟରେ; ଏହାର ସୁରକ୍ଷା ପାଇଁ ଐକ୍ୟବଦ୍ଧ ସଂଗ୍ରାମ ହିଁ ଆମ୍ବେଦକରଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି

ବାଲେଶ୍ୱର, ୦୭/୧୨ (ଆ.ପ୍ର) : ମହାନ୍ ସମାଜ ସଂସ୍କାରକ, ଦାର୍ଶନିକ, ପ୍ରବୀଣ ରାଷ୍ଟ୍ରନୀତିଜ୍ଞ ତଥା ଭାରତବର୍ଷର ସମ୍ବିଧାନପ୍ରଣେତା ବାବା ସାହେବ ଡ. ଭୀମରାଓ ରାମଜୀ ଆମ୍ବେଦକରଙ୍କ ୬୯ତମ ପରିନିର୍ବାଣ (ଶ୍ରାଦ୍ଧଦିବସ) ଆଜି ସକାଳ ୯ ଘଟିକା ସମୟରେ ଆମ୍ବେଦକର ବିକାଶ ପରିଷଦ ପକ୍ଷରୁ ପୋଲିସ୍‌ଲାଇନ୍ ସ୍ଥିତ ଡ. ଆମ୍ବେଦକରଙ୍କ ପ୍ରତିମୂର୍ତ୍ତୀ ସମ୍ମୁଖ ପ୍ରାଙ୍ଗଣରେ ପାଳିତ ହୋଇଯାଇଛି । ପରିଷଦର ସଭାପତି ନ୍ଯୁବସମାଜସେବୀ ସୁଦର୍ଶନ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ସ୍ମୃତିଚାରଣ ସଭାରେ ବହୁ ବିଶିଷ୍ଟ ଅତିଥି ଓ ନେତୃବୃନ୍ଦ ଯୋଗଦେଇ ବକ୍ତବ୍ୟରେ କହିଥିଲେ କି ବର୍ତ୍ତମାନ ଆମ ଦେଶ ଅତ୍ୟନ୍ତ ସଂକଟମୟ ପରିସ୍ଥିତି ମଧ୍ୟରେ ଗତି କରୁଛି । ଆମର ଦୀର୍ଘବର୍ଷ ମୁକ୍ତିସଂଗ୍ରାମର ତ୍ୟାଗ, ତପସ୍ୟା, ଆଦର୍ଶ, ବଳିଦାନ ଏବଂ ସମାଜବାଦୀ ଢାଞ୍ଚାରେ ପ୍ରସ୍ତୁତ ସମ୍ବିଧାନ ଏବେ କିଛି ମୁଷ୍ଟିମେୟ ମୌଳବାଦୀ ଓ ଫାଶିବାଦୀ ଗୋଷ୍ଠୀଙ୍କ ଚକ୍ରାନ୍ତ ଓ ଶୋଷଣରେ ଶିକାର ହେବାକୁ ଯାଉଛି । ଆମର ପୂର୍ବସୂରୀମାନଙ୍କ ଅମାପ ତ୍ୟାଗ ଓ ବଳିଦାନର ଇତିହାସ ଆଜି ଭୂଲୁଣ୍ଠିତ । ସମ୍ବିଧାନରେ ସନ୍ନିବେଶିତ ନାଗରିକର ମୌଳିକ ଅଧିକାର, ଜୀବନ ଜୀବିକାର ଅଧିକାର, ବଞ୍ଚିବାର ଅଧିକାର ଓ ମାନବିକ ଅଧିକାର ହାତଗଣତି ପୁଞ୍ଜିପତି ଓ ଶିଳ୍ପପତିଙ୍କ କବ୍‌ଜାରେ । ସାମ୍ପ୍ରଦାୟିକତାବାଦ, ଜାତିବାଦ, ବିଚ୍ଛିନ୍ନତାବାଦ ବିଭେଦ ଓ ଘୃଣାକୁ ଆୟୁଧ କରି ରାଜନୈତିକ କ୍ଷମତା ଉପଭୋଗ କରି ଗଣତନ୍ତ୍ରକୁ ସୈରତନ୍ତ୍ରରେ ପରିଣତ କରିବାର ବିପଦଜନକ ସ୍ଥିତି ବିରୁଦ୍ଧରେ ଆଜି ସମସ୍ତେ ମିଳିତ ହୋଇ ଗଣତନ୍ତ୍ର ଓ ସମ୍ବିଧାନର ସୁରକ୍ଷା ପାଇଁ ଲଢ଼େଇ ଜାରି ରଖିଲେ ତାହାହିଁ ହେବ ଡ. ଆମ୍ବେଦକରଙ୍କ ସ୍ମୃତି ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି । ଉକ୍ତ ସଭାରେ ବିଶିଷ୍ଟ ଅତିଥିଭାବେ ବାଲେଶ୍ୱର ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ଅତିରିକ୍ତ ଆରକ୍ଷୀ ଅଧିକ୍ଷ ନିରଞ୍ଜନ ବେହେରା, ପୂର୍ବତନ ବିଧାୟକ ବରିଷ୍ଠ ରାଜନେତା ପ୍ରଦୀପ୍ତ ପଣ୍ଡା, ସୁଦର୍ଶନ ଜେନା, ସ୍ୱରୂପ ଦାସ, ସୁଧାଂଶୁ ପରିଡ଼ା, ଡ. ଲେଖାଶ୍ରୀ ସାମନ୍ତସିଂହାର, ପୁରୁଷୋତ୍ତମ ବିଶ୍ୱାଳ, ଗୌରାଙ୍ଗ ପାଣିଗ୍ରାହୀ, ଗିରିଶ ଚନ୍ଦ୍ର ଦାଶ, ନିର୍ମଳ ନାୟକ, ଭାଗବତ ପ୍ରତିହାରୀ, ଶିଶିର ହୁଇ, ମନୋଜ ନାୟକ, ଅରୁଣ ଜେନା, ଆଡ଼ଭୋକେଟ୍ ତୁଷାର ମହାପାତ୍ର, ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, ରମେଶ ଜେନା, ମହମ୍ମଦ ଇସଲାମ୍, ପ୍ରଜ୍ଞାପାରମିତା ବିଶ୍ୱାଳ, ପ୍ରତିମା ପଣ୍ଡା, ଅତିରିକ୍ତ ତହସିଲଦାର ଦୈତାରୀ ମଲ୍ଲିକ, ରାମେଶ୍ୱର ବେହେରା, ଶ୍ୟାମସୁନ୍ଦର ଜେନା, ସରୋଜ ଲେଙ୍କା, କହ୍ନେଇ ବେହେରା, ତରୁଣ ଦାସ, ତପନ ସିଟ, ନିରଞ୍ଜନ ପରିଡ଼ା, କେଶବ ଦାସ, ନିଶୀଥ ବାରିକ ପ୍ରମୁଖ ବକ୍ତବ୍ୟ ଦେଇ ଆମ୍ବେଦକରଙ୍କ ବିଚାର ଓ ଦର୍ଶନ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ । ପରିଶେଷରେ ପରିଷଦର ସମ୍ପାଦିକା ସ୍ନେହଲତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ସଭା ପୂର୍ବରୁ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତୀରେ ସହରର ବିଭିନ୍ନ ଅନୁଷ୍ଠାନ, ବହୁ ବିଶିଷ୍ଟ ବ୍ୟକ୍ତି ଓ ସଂଗଠନମାନଙ୍କ ପକ୍ଷରୁ ସମୂହ ମାଲ୍ୟାର୍ପଣ କରାଯାଇ ଏହି ମହାନ୍ ରାଷ୍ଟ୍ରନାୟକଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା ।

ବିଦ୍ୟୁତ ଚୋରି ରୋକିବାକୁ ଟିପିଏନଓଡିଏଲର କଠୋର ଆଭିମୁଖ୍ୟ

ବାଲେଶ୍ୱର, ୦୭/୧୨ (ଆ.ପ୍ର) : ବିଦ୍ୟୁତ ଚୋରିକୁ ତୃଣମୂଳ ସ୍ତରରୁ ରୋକିବା ପାଇଁ ବିଶେଷ ଗୁରୁତ୍ୱ ଦେଉଛି ଟିପିଏନଓଡିଏଲ । ଏହି କ୍ରମରେ ବାଲେଶ୍ୱର ବୈଦ୍ୟୁତିକ ମଣ୍ଡଳ ଅନ୍ତର୍ଗତ ବିଭିନ୍ନ ଡିଭିଜନର ବିଭିନ୍ନ ସ୍ଥାନରେ ବିଦ୍ୟୁତ ଚୋରିକୁ ରୋକିବାକୁ ଚଢାଉ ଜାରି ରହିଛି । ଗତ ୪ ତାରିଖରେ ଟିପିଏନଓଡିଏଲ ପ୍ରବର୍ତ୍ତନ ବିଭାଗ କର୍ମଚାରୀଙ୍କ ଏକ ଦଳ ସ୍ଥାନୀୟ ବିଦ୍ୟୁତ ଉପଖଣ୍ଡ ଅଧିକାରୀ, ସେକ୍ସନ ଅଧିକାରୀ ଏବଂ ପୋଲିସ ଅଧିକାରୀଙ୍କ ଉପସ୍ଥିତିରେ ପୁରୁଣା ବାଲେଶ୍ୱର, ବଡଖୁଆ, ତୁଳସୀପଦା, ଫୁଲବଜାର, କଂସେଇମହଲା ବସ୍ତି, ଦର୍ଗାମହଲା ଆଦି ସ୍ଥାନରେ ଚଢାଉ କରାଯାଇ ୧୨୧ କିଲୋୱାଟର ବିଦ୍ୟୁତ୍ ଚୋରି ରୋକିବାରେ ସମର୍ଥ ହୋଇପାରିଛି । ଏହା ସହ ୩୦ଜଣ ଅସାଧୁଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ସୂଚନା ଅନୁଯାୟୀ, ବାଲେଶ୍ୱର ମଣ୍ଡଳରେ ଆର୍ଥିକ ବର୍ଷ ୨୦୨୨ରୁ ୨୦୨୫ ଆର୍ଥିକ ବର୍ଷ ମଧ୍ୟରେ ୧୧୭.୮୮ ମେଗାୱାଟ ବିଦ୍ୟୁତଚୋରି ରୋକାଯାଇଥିବା ବେଳେ ଆର୍ଥିକ ବର୍ଷ ୨୦୨୬ ମସିହାରେ ଏଯାବତ୍ ୨୭.୫୨ ମେଗାୱାଟରୁ ଅଧିକ ବିଜୁଳି ଚୋରି ରୋକିବାରେ ଟିପିଏନଓଡିଏଲ ସଫଳ ହୋଇଛି ଏବଂ ପ୍ରାୟତଃ ୪୦,୦୦୦ରୁ ଊର୍ଦ୍ଧ୍ୱ ମାମଲା ମଧ୍ୟ ରୁଜୁ କରାଯାଇଛି । ବିଦ୍ୟୁତ ଚୋରିକୁ ରୋକିବା ପାଇଁ ସେକ୍ସନ ଠାରୁ ଆରମ୍ଭ କରି ବୈଦ୍ୟୁତିକ ମଣ୍ଡଳ କାର୍ଯ୍ୟାଳୟ ପର୍ଯ୍ୟନ୍ତ, ଏପରିକି ବିଶେଷ କେନ୍ଦ୍ରୀୟ ଟିମ ଗଠନ କରି ଯାଂଚ ବ୍ୟବସ୍ଥାକୁ ଆହୁରି କଡାକଡି କରିବା ସହ ବିଦ୍ୟୁତ ଚୋରିରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କ ବିରୋଧରେ ଟିପିଏନଓଡିଏଲ ପକ୍ଷରୁ କଠୋର ଆଭିମୁଖ୍ୟ ମଧ୍ୟ ଗ୍ରହଣ କରାଯାଉଛି । ବିଦ୍ୟୁତ୍ ଚୋରି ଦ୍ୱାରା ବିଦ୍ୟୁତ ସରବରାହର ଗୁଣବତା ଉପରେ କୁପ୍ରଭାବ ପଡିବା ସହ ସଚ୍ଚୋଟ ଉପଭୋକ୍ତାମାନେ ମଧ୍ୟ ବିଶେଷ ପ୍ରଭାବିତ ହୋଇଥାନ୍ତି । ଏଥିଯୋଗୁଁ, ଟ୍ରାନ୍ସଫର୍ମରରେ ଅଧିକ ଲୋଡ ବୃଦ୍ଧି ସହ ବାରମ୍ବାର ବିଦ୍ୟୁତ୍ ବିଭ୍ରାଟ ଏବଂ ବିଦ୍ୟୁତ ସୁରକ୍ଷା ଉପରେ ମଧ୍ୟ କୁପ୍ରଭାବ ପଡିଥାଏ । ଏଥିପାଇଁ, ବିଦ୍ୟୁତ ଚୋରି ରୋକିବାକୁ ଟିପିଏନଓଡିଏଲ ବିଭିନ୍ନ ପଦକ୍ଷେପ ମଧ୍ୟ ଗ୍ରହଣ କରିଆସିଛି । ଏନେଇ, ସାଧାରଣ ଲୋକମାନଙ୍କ ନଜରରେ କେହି ବିଦ୍ୟୁତ ଚୋରି କରୁଥିବାର ଆସିଲେ ସେମାନେ ମଧ୍ୟ ସଚେତନ ନାଗରିକ ଭାବେ ନିଜର ଅଭିଯୋଗ ୯୪୩୮୯-୦୬୦୦୨ ନମ୍ବର ଯୋଗେ ଟିପିଏନଓଡିଏଲ ପ୍ରବର୍ତ୍ତନ ବିଭାଗ ନିକଟରେ ଦାଖଲ କରିପାରିବେ । ସେମାନଙ୍କ ନାମ ଗୋପନ ରଖାଯିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି । ବିଦ୍ୟୁତ୍ ଚୋରି ନେଇ ଟିପିଏନଓଡିଏଲର ଏଭଳି କଠୋର ପଦକ୍ଷେପକୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଉଛି ।

ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ୩୨ ବେଶ ସମାରୋହ ଉଦ୍‌ଯାପିତ

ଭୋଗରାଇ, ୦୭/୧୨ (ଆ.ପ୍ର) : ଭୋଗରାଇ ବ୍ଲକ ଦେହୁର୍ଦ୍ଧା ଥାନାଛକ ହେଲିପେଡ ଠାରେ ଅନୁଷ୍ଠିତ ହେଉଥିବା ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ୩୨ ବେଶ ସମାରୋହ ଉଦଯାପିତ ହୋଇଯାଇଛି । ପୂର୍ବ କାର୍ଯ୍ୟସୂଚୀ ଅନୁଯାଇ ୧୦ ଦିନ ଧରି ଚାଲିଥିବା ମହାଯଜ୍ଞର ପୂର୍ଣ୍ଣାହୁତି ଦିଆଯିବା ସହ ଆୟୋଜିତ ଆନନ୍ଦ ବଜାରରେ ହଜାର ହଜାର ଭକ୍ତ, ଶ୍ରଦ୍ଧାଳୁ ପ୍ରସାଦ ସେବନ କରିଥିଲେ । ସନ୍ଧ୍ୟାରେ ଉଦଯାପନୀ ସଭାରେ ଉତ୍ସବ କମିଟିର ସଭାପତି ଅଂଶୁମାନ ମହାନ୍ତି ସଭାପତିତ୍ୱ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କମିଟିର କାର୍ଯ୍ୟକାରୀ ସଭାପତି ନଟରଞ୍ଜନ ଘରାଇ, ସାଧାରଣ ସମ୍ପାଦକ ଡାକ୍ତର ବିଧୁଭୂଷଣ ଦାସ, କୋଷାଧ୍ୟକ୍ଷ ସୀତାରାମ ପ୍ରଧାନ, ଆଶିଷ ମହାନ୍ତି, ମୃତ୍ୟୁଞ୍ଜୟ ପ୍ରଧାନ, ପ୍ରଦୀପ ମାହାନା, ମାନସ ଗାଙ୍ଗୁଲି, ପ୍ରଦୀପ୍ତ ଜେନା, ଶଶିକାନ୍ତ ହାତୀ, କମଳ ମହାନ୍ତି, ଅଚ୍ୟୁତାନନ୍ଦ ଦାସ, ମଧୁସୂଦନ ପାତ୍ର, ଅମଳେନ୍ଦୁ ଦାସ ପ୍ରମୁଖ ଯୋଗ ଦେଇ ଏହି ଉତ୍ସବ ଆୟୋଜନ କେବଳ ମନରଞ୍ଜନ ପାଇଁ ଉଦ୍ଦିଷ୍ଟ ନୁହେଁ, ଜଗନ୍ନାଥ ସଂସ୍କୃତି ଓ ଆଧାତ୍ମିକ ଚେତନା ମାଧ୍ୟମରେ ମାନବ ସମାଜକୁ ସଂସ୍କାରିତ କରିବା ପାଇଁ ଉଦ୍ଦିଷ୍ଟ ଥିଲା ବୋଲି ମତବ୍ୟକ୍ତ କରିଥିଲେ । ଦୀର୍ଘ ୧୦ ଦିନ ଧରି ଏହି ଭବ୍ୟ ଉତ୍ସବକୁ ସଫଳ କରାଇ ଥିବାରୁ ସମସ୍ତ ଦାତା, ପୃଷ୍ଠପୋଷକ ସର୍ବପରି ସହଯୋଗର ହାତ ବଢାଇ ଥିବା ଭୋଗରାଇର ସମସ୍ତ ଜନତାଙ୍କୁ ସାଧୁବାଦ ଜଣାଇଥିଲେ । ଶେଷରେ କବି ଶ୍ରୀକୁମାର ଘୋଷ ଧନ୍ୟବାଦ ଅର୍ପଣ କରିଥିଲେ ।

ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟିର ବିଂଶତମ ବାର୍ଷିକ ସମ୍ମିଳନୀକୁ ସଫଳ ପାଇଁ ମହିଳାମାନଙ୍କ ବୈଠକ

ବାଲେଶ୍ୱର, ୦୭/୧୨ (ଆ.ପ୍ର) : ସରକାରୀ ମେଡିକାଲ୍ କଲେଜ୍ ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟିର ବିଂଶତିତମ ବାର୍ଷିକ ସମ୍ମିଳନୀକୁ ସଫଳ କରିବା ପାଇଁ ଫିରିଙ୍ଗିପାଟଣାସ୍ଥିତ ଶିବ ମନ୍ଦିର ପରିସରରେ ସହଦେବଖୁଣ୍ଟା ଅଞ୍ଚଳରେ ମହିଳାମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ମହିଳା ସାଂସ୍କୃତିକ ପରିଷଦର ସଭାନେତ୍ରୀ ସୌଦାମିନି ଦାସ ବୈଠକରେ ଅଧ୍ୟକ୍ଷତା କରିଥିଲେ । ଅତିଥି ଓ ବକ୍ତାଭାବେ ଜିଲ୍ଲା କ୍ରିୟାନୁଷ୍ଠାନ କମିଟିର ସଭାପତି ନିରଞ୍ଜନ ପରିଡ଼ା ଓ ଜନସଂପର୍କ ସଂପାଦକ ଗୌରାଙ୍ଗ ପାଣିଗ୍ରାହୀ ବୈଠକରେ ଯୋଗଦେଇ ଆସନ୍ତା ବାର୍ଷିକ ସମ୍ମିଳନୀ ଅଧିକ ମହିଳା ଯୋଗ ଦେବାକୁ ଆହ୍ୱାନ ଦେଇଥିଲେ । ପରିବାରରେ ଯେ କୌଣସି ସଦସ୍ୟ ଅସୁସ୍ଥ ହେଲେ ପରିବାର ମହିଳାମାନେ ବହୁ ଡାପର ସମ୍ମୁଖୀନ ହୁଅନ୍ତି । ତେଣୁ ଉନ୍ନତ ସ୍ୱାସ୍ଥ୍ୟସେବା ଦାବିରେ ଆସନ୍ତା ସମ୍ମିଳନୀରେ ଅଧିକ ସଂଖ୍ୟାରେ ମହିଳା ଯୋଗ ଦେବାର ଗୁରୁତ୍ୱ ରହିଛି ବୋଲି ସେମାନେ କହିଥିଲେ । ବୈଠକର ଆବାହିକା ତଥା ଜିଲ୍ଲା କମିଟିର ମହିଳା ସାଙ୍ଗୁଖ୍ୟ ନେତ୍ରୀ ସରସ୍ୱତୀ ପଣ୍ଡା ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ । ମେଡିକାଲ୍ କଲେଜ ପ୍ରତିଷ୍ଠା ପରେ ବି ଏଠାରେ ହୃଦରୋଗ ଓ ସ୍ନାୟୁରୋଗ ପ୍ରଭୃତି ରୋଗର ଚିକିତ୍ସା ପାଇଁ କୌଣସି ବ୍ୟବସ୍ଥା ନାହିଁ । ଏମ୍ସ ହସ୍‌ପିଟାଲର ବହିର୍ବିଭାଗ ସପ୍ତାହକୁ ମାତ୍ର ଦୁଇଦିନ ଖୋଲାଯାଉଛି । ପୂର୍ବଭଳି ରୋଗୀମାନେ ଗୁରୁତର ରୋଗର ଚିକିତ୍ସା ପାଇଁ କଟକ କିମ୍ବା ଭୁବନେଶ୍ୱର ଯାଉଛନ୍ତି । ମେଡିକାଲ୍ କଲେଜ୍ ହସ୍‌ପିଟାଲରେ ଓ ଜିଲ୍ଲାର ବହୁ ସରକାରୀ ହସପିଟାଲରେ ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀ ନାହାନ୍ତି । ତେଣୁ ଆସନ୍ତା ସମ୍ମିଳନୀରେ ଏହି ସମସ୍ୟାଗୁଡ଼ିକର ସ୍ଥାୟୀ ସମାଧାନ ପାଇଁ ନିଷ୍ପତ୍ତି ନେବାକୁ ଶ୍ରୀମତୀ ପଣ୍ଡା ଅନୁରୋଧ କରିଥିଲେ । ଆସନ୍ତା ୧୪ ତାରିଖ ରବିବାର ଦିନ ୧୦ଟାରେ ଉଦ୍ୟୋଗ ଭବନରେ ଅନୁଷ୍ଠିତ ସମ୍ମିଳନୀକୁ ସଫଳ କରିବାପାଇଁ ସେ ଉପସ୍ଥିତମାନଙ୍କୁ ଆହ୍ୱାନ ଦେଇଥିଲେ । ନିର୍ମଳା ବେଜ, ତୁଳସୀ ଦାସ, ଜୟନ୍ତୀ ପଣ୍ଡିତ, କୃଷ୍ଣା ସାହା, ସୁବାସିନୀ ନାୟକ, କନକ ପାଣିଗ୍ରାହୀ, ସଂଯୁକ୍ତା ବେହେରା, ସାବିତ୍ରୀ ପରମାଣିକ, ଅଞ୍ଜନା ସେନ୍ ଓ ସନ୍ଧ୍ୟାରାଣୀ ସିଂହ ପ୍ରମୁଖ ସ୍ୱାସ୍ଥ୍ୟସେବାରେ ବିଭିନ୍ନ ସମସ୍ୟା ସଂପର୍କରେ ଆଲୋକପାତ କରିଥିଲେ । ପ୍ରତିମା ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

କଳାହି କ୍ଲଷ୍ଟରସ୍ତରୀୟ ସେବା ନିବୃତ ସମ୍ବର୍ଦ୍ଧନା ସଭା

ଭୋଗରାଇ, ୦୭/୧୨ (ଆ.ପ୍ର) : ଭୋଗରାଇ ବ୍ଲକ କଳାହି କ୍ଲଷ୍ଟର ସ୍ତରୀୟ ଅବସର କାଳୀନ ସମ୍ବର୍ଦ୍ଧନା ସଭା ରାଇପୁର ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭାରେ ଅବସରପ୍ରାପ୍ତ ଡିଆଇଓ ଶଙ୍କର ଚନ୍ଦ୍ର ଗିରି ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବେ ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ଶତୀଶ ଚନ୍ଦ୍ର ପଣ୍ଡା, ମୁଖ୍ୟବକ୍ତା ଭାବେ ଗ୍ରାମ୍ୟ ଉଚ୍ଚ ଶିକ୍ଷା ପ୍ରତିଷ୍ଠାନର ପୂର୍ବତନ ଅଧ୍ୟକ୍ଷ କୃତିବାସ ସାହୁ, ବିଶିଷ୍ଟ ଅତିଥି ଭୋଗରାଇ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ତଥା ବିଆରସିସି ଜ୍ୟୋତ୍ସ୍ନା ରାଣୀ ପଣ୍ଡା, ସମ୍ମାନିତ ଅତିଥି ଭାବେ ଗୋବର୍ଦ୍ଧନପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ଭୋଗରାଇ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପ୍ରଶାନ୍ତ କୁମାର ପଣ୍ଡା, ଜୟରାମପୁର ପୂର୍ବତନ ସିଆରସିସି ଉତମ କୁମାର ସାମଲ, କଳାହି ଆଂଚଳିକ ସାଧନ କେନ୍ଦ୍ର ପୂର୍ବତନ ସିଆରସିସି ବେନୁଚରଣ ଜେନା ପ୍ରମୁଖ ଯୋଗ ଦେଇ ଅବସର ଗ୍ରହଣ କରିଥିବା ପି. ପି. ନୋଡାଲ ବିଦ୍ୟାମନ୍ଦିର, କଳାହିର ସଂସ୍କୃତ ଶିକ୍ଷକ ବେଣୁଧର ମହାନ୍ତି, ସୋହରିଆ ହରପ୍ରସାଦ ଜ. ପ୍ରା. ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ଦାସ, ରାଇପୁର ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନା ରାଣୀ ଗିରି, ସୋହରିଆ ବିଜୟ କୁମାର ଏକାଡେମୀର କ୍ରୀଡ଼ା ତଥା ଇଂରାଜୀ ଶିକ୍ଷକ ପ୍ରଦୀପ କୁମାର ପରାମାଣିକ, କଳାହି ଆଂଚଳିକ ସାଧନ କେନ୍ଦ୍ରର ପୂର୍ବତନ ସଂଯୋଜକ ବେନୁଚରଣ ଜେନାଙ୍କ ବହୁମୁଖୀ ପ୍ରତିଭା, ଛାତ୍ରବତ୍ସଳତା, ଅନୁଷ୍ଠାନ ପ୍ରତି ପ୍ରଗାଢ ଆତ୍ମୀୟତା ଓ ଉନ୍ନତ ଶିକ୍ଷଣ ଶୈଳୀ, କର୍ତବ୍ୟନିଷ୍ଠା ଆଦି ସମ୍ପର୍କରେ ଆଲୋଚନା କରିଥିଲେ । କଳାହି ଆଂଚଳିକ ସାଧନ କେନ୍ଦ୍ରର ସଂଯୋଜକ ଗୌତମ କୁମାର ବେହେରା ମଂଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ ନରସିଂହପୁର ୟୁଜିୟୁପିଏସ ସହକାରୀ ଶିକ୍ଷକ ଶୁଭେନ୍ଦୁ ଦାଶ ବେଦପାଠ ଓ ହରପ୍ରସାଦ ଉ. ପ୍ରା. ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅରୁଣ କୁମାର ଧଡ଼ା ଧନ୍ୟବାଦ ଅର୍ପଣ କରିଥିଲେ । ବିଦାୟୀ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ କଳାହି ଆଂଚଳିକ ସାଧନ କେନ୍ଦ୍ର (କ୍ଲଷ୍ଟର) ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ପକ୍ଷରୁ ମାନପତ୍ର, ଉତରୀୟ, ପରିଧାନ ବସ୍ତ୍ର ଓ ବିଭିନ୍ନ ଉପହାର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜଗନ୍ନାଥ ସେଠୀଙ୍କ ସହିତ ସମସ୍ତ ଶିକ୍ଷକ ଓ ପରିଚାଳନା କମିଟିର ସମସ୍ତ ସଦସ୍ୟ ସଦସ୍ୟା ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

ବିକଶିତ ଭାରତ ଗଠନ ଆଦର୍ଶରେ ଶ୍ରୀଜଗନ୍ନାଥ ପବ୍ଲିକ୍ ସ୍କୁଲ୍‌ର ବିଜ୍ଞାନମେଳା

ବାଲେଶ୍ୱର, ୦୭/୧୨ (ଆ.ପ୍ର) : ବାଲେଶ୍ୱର ସହର ଉପକଣ୍ଠ ସିନ୍ଦୁରୀଠାରେ ସ୍ଥାପିତ ଶ୍ରୀଜଗନ୍ନାଥ ପବ୍ଲିକ୍ ସ୍କୁଲ ଆନୁକୂଲ୍ୟରେ ପ୍ରଥମଥର ପାଇଁ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ତତ୍ୱାବଧାନରେ ପ୍ରତିଭାସଂପନ୍ନ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏକ ଶିକ୍ଷଣୀୟ 'ବିଜ୍ଞାନମେଳା' ଅନୁଷ୍ଠିତ ହୋଇଯାଇଛି । ଆତ୍ମନିର୍ଭରଶୀଳ ଭାରତର ବିକାଶ ସମଗ୍ର ବିଶ୍ୱରେ ସବୁରି ଦୃଷ୍ଟି ଆକର୍ଷଣ କରୁଥିଲାବେଳେ ବିଦ୍ୟାଳୟ ପ୍ରତିଷ୍ଠାତା ଭାସ୍କରଚନ୍ଦ୍ର ପାଣିଗ୍ରାହୀ ଓ ଅନୁଷ୍ଠାନର ଉପ-ସଭାପତି କବି ଶ୍ରୀଦେବଙ୍କ ଦ୍ୱାରା ଏହି ଅଭିନବ 'ବିଜ୍ଞାନମେଳା'କୁ ଉଦ୍‌ଘାଟନ କରାଯାଇଥିଲା । ବିଦ୍ୟାଳୟର ମେଧାବୀ ଛାତ୍ରଛାତ୍ରୀ ଅର୍ପିତା ପାଣିଗ୍ରାହୀ, ଫରିନ୍ ଅଫ୍ରୋଜ୍, ଈପ୍‌ସିତା ପାଣିଗ୍ରାହୀ, ଅୟସ୍ମିତ୍ ସାମଲ, ମହମ୍ମଦ ସୋହେବ୍, ଜନ୍ମେଜୟ ପଣ୍ଡା, ଜ୍ୟୋତିର୍ମୟୀ ପଣ୍ଡା, ପ୍ରତ୍ୟୁଷ ମାଝି, ସୌମ୍ୟରଂଜନ ମାସନ୍ତ, ଶୁଭଶ୍ରୀ ଅଗସ୍ତି, ଆଦିତ୍ରି ନାୟକ, ଦେବରାଜ୍ ମାଝୀ, ନମନ ବେହେରା, ରାଜିକା କବି, ଆର୍ଯ୍ୟନ୍ ମଣ୍ଡଳ, ସଂପୂର୍ଣ୍ଣ ହୋତା, ଜୟରାଜ ବେହେରା, ପ୍ରୀତିମାନ ପଣ୍ଡା, ସ୍ୱୟଂଦୀପ ଶତପଥୀ, ଅମିତ୍ ମାଝୀ, ନିର୍ମାଲ୍ୟ ଖଟୁଆ, ଓମ୍ ପ୍ରକାଶ ପଣ୍ଡା, ସୀତାଂଶୁ ବେହେରା, ଆଲିଶା ମିଶ୍ର, ପୁନାମ୍ ମାଇତି, ତନ୍ମୟ କୁମାର ସାମଲ ପ୍ରମୁଖଙ୍କ ଦ୍ୱାରା ୨୭ପ୍ରକାର କରାଯାଇଥିବା ଆକର୍ଷଣକାରୀ ପ୍ରୋଜେକ୍ଟକୁ ସଂପୃକ୍ତ ଛାତ୍ରଛାତ୍ରୀମାନେ ଦର୍ଶକମାନଙ୍କୁ ସ୍ୱ-ଅଭିବ୍ୟକ୍ତି ବ୍ୟାଖ୍ୟା କରିଥିଲେ । ଅଧ୍ୟକ୍ଷା ସରୋଜିନୀ ମିଶ୍ର, ଶିକ୍ଷକ ସନ୍ତୋଷ କୁମାର ପଣ୍ଡା, ରଜତ ଦାଶ ଅଧିକାରୀ, ଏଚ୍.ଏଚ୍. ଶ୍ରୀରାମ, ଅଜୟ କୁମାର ପ୍ରଧାନ, ପ୍ରଣିତା ଅଗସ୍ତି, ସସ୍ମିତା ଆଚାର୍ଯ୍ୟ, ଗୁଲେସମା ସାହିନ୍, ମୋନାଲିସା ପଣ୍ଡା, ନାହିଦ୍ ସୁଲତାନ, ଆଫ୍ରିନ୍ କାଦ୍ରୀ, ଭାଗ୍ୟଲକ୍ଷ୍ମୀ ବେହେରା, କବିତା ବେହେରା, ଜୟନ୍ତୀ ଦାସ, ପ୍ରଣୀତା ପାଣିଗ୍ରାହୀ, ଜ୍ଞାନପ୍ରକାଶ ପାଣିଗ୍ରାହୀ ଏବଂ ଜୟନ୍ତ ଦାସ ପ୍ରମୁଖଙ୍କ ମିଳିତ ଉଦ୍ୟମରେ 'ବିଜ୍ଞାନମେଳା'ର ଉଦ୍ୟମ ଉପସ୍ଥିତ ଅଭିଭାବକମାନଙ୍କ ଦ୍ୱାରା ପ୍ରଶଂସିତ ହୋଇଥିଲା ।

ସମରେନ୍ଦ୍ର କୁଣ୍ଡୁ ଥିଲେ ଶ୍ରମଜୀବୀ ଜନଗଣଙ୍କ ସମ୍ମିଳିତ ସ୍ୱର

ବାଲେଶ୍ୱର, ୦୭/୧୨ (ଆ.ପ୍ର) : ବିଶିଷ୍ଟ ସମାଜବାଦୀ ନେତା, ପୂର୍ବତନ ବୈଦେଶିକ ମନ୍ତ୍ରୀ ତଥା ପ୍ରବୀଣ ଜନନେତା ସମରେନ୍ଦ୍ର କୁଣ୍ଡୁଙ୍କ ୩୨ତମ ଶ୍ରାଦ୍ଧସଭା ସମରେନ୍ଦ୍ର କୁଣ୍ଡୁ ସ୍ମୃତି କମିଟି ପକ୍ଷରୁ ଶନିବାର ପୂର୍ବାହ୍ନରେ ଷ୍ଟେସନଛକସ୍ଥିତ କୁଣ୍ଡୁଦା'ଙ୍କ ପୂର୍ଣ୍ଣାବୟବ ସ୍ଥଳୀରେ ପାଳିତ ହୋଇଯାଇଛି । କମିଟିର ଆବାହକ ଶ୍ରମିକନେତା ଅରୁଣ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତିସଭାରେ ମୁଖ୍ୟଅତିଥିଭାବେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଓ ମୁଖ୍ୟବକ୍ତାଭାବେ ପ୍ରାକ୍ତନମନ୍ତ୍ରୀ ରଘୁନାଥ ମହାନ୍ତି ବକ୍ତବ୍ୟ ଦେଇ କହିଥିଲେ କି ୪ କୁଣ୍ଡୁଦାଙ୍କ ସମଗ୍ର ରାଜନୈତିକ ଜୀବନ ଥିଲା ସମୂହକଲ୍ୟାଣ ଲାଗି ସମର୍ପିତ ଏବଂ ଶୋଷିତ ନିପୀଡ଼ିତ ଶ୍ରମଜୀବୀ ଜନଗଣଙ୍କ ଅଧିକାର ଲାଗି ସାଲିସ୍‌ହୀନ ସଂଗ୍ରାମର ସମ୍ମିଳିତ ସ୍ୱର । ସ୍ୱାଧୀନତା ପରବର୍ତ୍ତୀ ବିଜୟୀ ବାଲିଆପାଳ ଜନ ଆନ୍ଦୋଳନର ସେ ଥିଲେ ଅନ୍ୟତମ ସଫଳ ନାୟକ ତଥା ବାଲେଶ୍ୱର ବିକାଶର ଅଗ୍ରଣୀ ସୂତ୍ରଧର । ଦୀର୍ଘଦିନର ଲଢ଼େଇ ଫଳରେ ଶ୍ରମିକ ଶ୍ରେଣୀର ହିତପାଇଁ କୁଣ୍ଡୁଦା ପ୍ରମୁଖ ହାସଲ କରିଥିବା ଜନବାଦୀ ଶ୍ରମନୀତି ଆଜି ଭୂଲୁଣ୍ଠିତ । ବର୍ତ୍ତମାନ ସରକାର ଜାତୀୟ ଓ ଆନ୍ତର୍ଜାତିକ ଶ୍ରମଆଇନ୍‌ଗୁଡ଼ିକୁ ବାତିଲ କରି କାର୍ଯ୍ୟ ଦିବସ ୮ ଘଣ୍ଟାରୁ ୧୦ ଘଣ୍ଟାକୁ ବୃଦ୍ଧି କରିବା ଓ ମହିଳାମାନଙ୍କୁ ରାତ୍ରକାଳରେ କାର୍ଯ୍ୟରେ ନିଯୁକ୍ତି ଦେବାଭଳି ଶ୍ରମିକବିରୋଧି ତଥା ମହିଳା ସ୍ୱାର୍ଥବିରୋଧୀ ଆଇନକୁ ୪ କୁଣ୍ଡୁଦା' ଜୀବିତ ଥିଲେ ନିଶ୍ଚୟ ବିରୋଧ କରିଥାନ୍ତେ । ତେଣୁ ବହୁ ସଂଗ୍ରାମ ଫଳରେ ଶ୍ରମିକଶ୍ରେଣୀ ହାସଲ କରିଥିବା ଆଇନଗୁଡ଼ିକୁ ସୁରକ୍ଷା ଦେବାପାଇଁ ବର୍ତ୍ତମାନର ଶ୍ରମିକଶ୍ରେଣୀ କୁଣ୍ଡୁଦା'ଙ୍କ ଆଦର୍ଶକୁ ଗ୍ରହଣ କରି ଅଧିକ ସଂଗଠିତ ହେବାକୁ ସେମାନେ ଆହ୍ୱାନ ଦେଇଥିଲେ । ଉକ୍ତ ସଭାରେ ପ୍ରାକ୍ତନ ସାଂସଦ ରବୀନ୍ଦ୍ର କୁମାର ଜେନା, ପୂର୍ବତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ପ୍ରାକ୍ତନ ବିଧାୟକ, ପ୍ରଦୀପ୍ତ ପଣ୍ଡା, ସୁକାନ୍ତ ନାୟକ, ସୁଦର୍ଶନ ଜେନା, ସୁଧାଂଶୁ ପରିଡ଼ା ଓ ସ୍ୱରୂପ ଦାସଙ୍କ ସମେତ ଗିରିଶ ଚନ୍ଦ୍ର ଦାଶ, ଶ୍ରମିକନେତା ଗୌରାଙ୍ଗ ପାଣିଗ୍ରାହୀ ଓ ଶୁଭେନ୍ଦୁ ମଙ୍ଗରାଜ, ଆଇନଜୀବୀ ପୁରୁଷୋତ୍ତମ ବିଶ୍ୱାଳ, ଅଶୋକ ସେନାପତି, ମନୋଜ ନାୟକ, ତୁଷାର ମହାପାତ୍ର, ଭୁବନାନନ୍ଦ ଦାସ, ନିରଞ୍ଜନ ପରିଡ଼ା, ଶାନ୍ତନୁ ଦାସ, କବି ଶ୍ରୀଦେବ, ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, ସାମାଜିକକର୍ମୀ ଅରୁଣ ଜେନା, ପ୍ରତିମା ପଣ୍ଡା, ଅଜୟ ସାମଲ, ଅର୍ଚ୍ଚନା ନନ୍ଦୀ, ବରଦାପ୍ରସନ୍ନ ପଟ୍ଟନାୟକ, ଆଶ୍ରିତା ତରେଇ, ମିନତୀ ଦାସ, ମିନତୀ ସେଠୀ, ଚନ୍ଦ୍ରାଂଶୁ ବାନାର୍ଜୀ, ଗଦାଧର ପ୍ରଧାନ, ଗତିକୃଷ୍ଣ ମହାନ୍ତି ପ୍ରମୁଖ ବକ୍ତବ୍ୟ ଦେଇ କୁଣ୍ଡୁଦା'ଙ୍କର ଅମ୍ଳାନ ସ୍ମୃତିପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ପରିଶେଷରେ ଶରତ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ । ସଭାପୂର୍ବରୁ ଉପସ୍ଥିତମାନେ ସ୍ୱର୍ଗତ କୁଣ୍ଡୁଙ୍କ ପୂର୍ଣ୍ଣାବୟବରେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ ।

ନୀଳଗିରି କ୍ରିକେଟ ଲିଗ୍ ସିଜିନ୍- ୫ର ସାମ୍ବାଦଦାତା ସମ୍ମିଳନୀ



ନୀଳଗିରି, ୦୭/୧୨ (ଆ.ପ୍ର) : ପ୍ରତିବର୍ଷ ଭଳି ଚଳିତବର୍ଷ ଅନୁଷ୍ଠିତ ହେବାକୁଥିବା ନୀଳଗିରି କ୍ରିକେଟ ଲିଗ୍ (ଏନସିଏଲ) ସିଜିନ -୫ର ଆଗାମୀ ସଂସ୍କରଣ ଡିସେମ୍ବର ୧୭ତାରିଖରୁ ଅନୁଷ୍ଠିତ ହୋଇ ୨୮ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥିପାଇଁ ଚଳିତମାସ ୧୦ତାରିଖ ମହାବୀର ୟୁନାଇଟେଡ, ହରପ୍ରିୟା ଟେଲେଞ୍ଜର, ବାବା ସର୍ବେଶ୍ୱର ଫାଇଟରସ, ମୁକ୍ତି ଇଲେଭେନ୍, ୫ଏସ ଫାଇଟର୍ସ, ଓମସାଇ ଷ୍ଟାରପାୱାର ଆଦି ୬ଟି ଫ୍ରାଂଚାଇଜକୁ ନେଇ ଖେଳାଳୀ ନିଲାମି (ବିଡିଂ) ହେବ । ନୀଳଗିରି, ବାଲେଶ୍ୱର,ସୋର ଏବଂ ରେମୁଣା ନିର୍ବାଚନମଣ୍ଡଳୀରୁ ୧୫୦ରୁ ଊର୍ଦ୍ଧ୍ୱ ଯୁବଖେଳାଳୀ ନାମ ପଞ୍ଜିକରଣ କରିଥିବା ଆଜି ନୀଳଗିରି ହାଟଛକ ଜଗନ୍ନାଥ କଲ୍ୟାଣମଣ୍ଡପ ଠାରେ ଆୟୋଜକ 'ମାହି ସ୍ପୋର୍ଟସ' ଆନୁକୁଲ୍ୟରେ ନୀଳଗିରି କ୍ରିକେଟ ଲିଗ୍ ସଭାପତି ସୁମନ ଦାସ ଏକ ସାମ୍ବାଦଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି । ଏଥିସହ ନୀଳଗିରି ଅଂଚଳ ଏବଂ ଆଖପାଖ ପୋଡ଼ଶୀ ଜିଲ୍ଲାର ଗ୍ରାମାଂଚଳ ଓ ସହରାଂଚଳ ମାନଙ୍କର ଖେଳାଳୀମାନେ ନିଜ ନିଜ ର ଖେଳ ପ୍ରତିଭା ପ୍ରଦର୍ଶନ କରି କ୍ରୀଡାକ୍ଷେତ୍ରରେ ଆଗକୁଯାଇ ନିଜର ତଥା ଅଂଚଳର ଗୌରବଅର୍ଜନ କରିବାର ପ୍ଲାଟଫର୍ମ ଦେଉଛି ନୀଳଗିରି କ୍ରିକେଟଲିଗ୍ ବୋଲି ଅନ୍ୟ ମଂଚାସିନ କର୍ମକର୍ତା ମତ ରଖିଥିଲେ । ଏହି ଟୁର୍ଣ୍ଣାମେଂଟ ୧୨ଓଭର ବିଶିଷ୍ଟ ହେବାକୁ ଥିବାବେଳେ ବିଜୟୀଦଳକୁ ୧ଲକ୍ଷ ୧୧ହଜାର ୧ଶହ ୧୧ଟଙ୍କା ଏବଂ ଉପବିଜେତା ଦଳକୁ ୭୭ହଜାର ୭ଶହ ୭୭ଟଙ୍କା ଅର୍ଥରାଶି ପୁରସ୍କାରରେ ପୁରସ୍କୃତ କରାଯିବ । ଏହି ସାମ୍ବାଦିକ ସମ୍ମିଳନୀରେ ସଭାପତି - ସୁମନ ଦାସଙ୍କ ସହିତ ଜିତେନ୍ଦ୍ର ରାଉତ, ବିବେକ ସାହୁ, ଅଶ୍ୱିନୀ ପାତ୍ର, ଆଦର୍ଶ ଗୌରବ ଦାସ, ଗୟାଧର ବେହେରା, ନିଗମ ମହାପାତ୍ର, ସନ୍ତୋଷ ସାହୁ, ସୁଧାରଞ୍ଜନ ମହାପାତ୍ର, ଆନନ୍ଦ ମିଶ୍ରପ୍ରମୁଖ ସଦସ୍ୟଙ୍କ ସହିତ ସୁନୀଲ ମଣ୍ଡେଇ, ଉମାଶଙ୍କର ରାଉତ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ପରଲୋକ



ଭୋଗରାଇ, ୦୭/୧୨ (ଆ.ପ୍ର) : ଭୋଗରାଇ ବ୍ଲକ ଅନ୍ତର୍ଗତ ସାତଗୋହଳିଆ ପ୍ରାଥମିକ ବିଦ୍ୟାଳୟର ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ବିକ୍ରମାଦିତ୍ୟ ଗିରି ୭୨ ବର୍ଷ ବୟସରେ ତାଙ୍କ ଚାକୁଆସ୍ଥିତ ବାସଭବନରେ ଶନିବାର ରାତ୍ରି ୧୨ ଟା ୧୫ ମି. ସମୟରେ ପରଲୋକ ହୋଇଯାଇଛି । ୧୯୮୨ ମସିହାରେ ଶିକ୍ଷକତା ବୃତି ଆରମ୍ଭ କରି ଶେଷରେ ୨୦୧୩ ମସିହାରେ ସାତଗୋହଳିଆ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକଭାବେ ଅବସର ଗ୍ରହଣ କରିଥିଲେ । ସେ ଜଣେ ଆଦର୍ଶ ବିଚାରଧାରା, ଧର୍ମପରାୟଣ, ପରୋପକାରୀ, କର୍ତବ୍ୟନିଷ୍ଠ ତଥା ଛାତ୍ର ବତ୍ସଳ ଶିକ୍ଷକ ଭାବେ ସୁପରିଚିତ । ତତସହିତ ବିଭିନ୍ନ ଅନୁଷ୍ଠାନ, ଅନଳିଆ କାଳୀପୂଜା କମିଟିର ସଭାପତି, ନିଶନପୁର ନିଗମାନନ୍ଦ ସଂଘର ସଭାପତି ତଥା ଚକୁଆ ଗ୍ରାମର ଗ୍ରାମମୁଖ୍ୟ ଭାବେ କାର୍ଯ୍ୟରତ ଥିଲେ । ତାଙ୍କ ମୃତ୍ୟୁରେ ସାରା ଅଂଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ଖବର ପାଇ ଅନଳିଆ ପଂଚାୟତ ସରପଂଚ ସଙ୍ଗୀତା ରାଣୀ ମହାନ୍ତି, ସମିତି ସଭ୍ୟା ଅଞ୍ଜଳି ପାତ୍ରୀ, ପୂର୍ବତନ ସରପଂଚ ବ୍ରଜକିଶୋର ମହାନ୍ତି, ଚିତ୍ରାନନ୍ଦ ପାଳ, ପୂର୍ବତନ ସମିତି ସଭ୍ୟା ନମିତା ପାଳ, ପୂର୍ବତନ ସମିତି ସଭ୍ୟ ପୂର୍ଣ୍ଣଚନ୍ଦ୍ର ପାଳ, ଶିକ୍ଷକ ରାଜକିଶୋର ମହାନ୍ତିଙ୍କ ସହ ବହୁ ଶୁଭେଚ୍ଛୁ, ମାନ୍ୟଗଣ୍ୟ ବ୍ୟକ୍ତି ଶ୍ରଦ୍ଧାସୁମନ ଅର୍ପଣ କରି ଶେଷ ଦର୍ଶନ କରିଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ଧର୍ମପତ୍ନୀ, ବଡ଼ପୁଅ ଯତୀନ୍ଦ୍ର ଗିରି, ସାନପୁଅ ପୁର୍ଣ୍ଣଶଙ୍କର ଗିରି, ବଡ଼ବୋହୂ ଅଞ୍ଜଳି ଗିରି, ସାନବୋହୂ ଇପ୍ସିତା ଗିରି, ନାତି ନାତୁଣୀ, ଝିଅ ଜ୍ୱାଇଁ, ପୁତୁରା, ପୁତୁରାବୋହୂ, ପରିବାରବର୍ଗ ତଥା ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ । ଗ୍ରାମ ମଶାଣିରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା ।

ସେଇଥି ଆରମ୍ଭ
SEITHO ARAMBHA
ସୋମବାର, ୦୮ ଡିସେମ୍ବର,୨୦୨୫ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ଗୋ-ସୁରକ୍ଷା

ଯୁଗେ ଯୁଗେ ଗୋ-ସମ୍ପଦକୁ ପୂଜା କରାଯାଇ ଆସୁଛି । ପ୍ରଭୁ ଶ୍ରୀକୃଷ୍ଣଙ୍କ ଗୋ-ସମ୍ପଦ ସହ ନିବିଡ଼ ସମ୍ପର୍କ ରହିଛି । ସେହିପରି ଓଡ଼ିଶାର ବିଭିନ୍ନ ପର୍ବପର୍ବାଣୀରେ ମଧ୍ୟ ଗୋ-ପୂଜନ ପରମ୍ପରା ରହିଛି । ଲୋକେ ଗୋ-ମାତାଙ୍କୁ ମାଆ ବୋଲି ସମ୍ବୋଧନ କରିଥାନ୍ତି । ଗୋ-ରସ ପାନ କରିବା ଦ୍ୱାରା ଆମ ଶରୀରରେ ଶକ୍ତି ବଢ଼ିଥାଏ । କ୍ଷୀର, ସର, ଲବଣୀ, ଦହି, ଘିଅ ଭଳି ଅନେକ ସୁସ୍ୱାଦୁ ବ୍ୟଞ୍ଜନ ଗୋ-ମାତାଙ୍କଠାରୁ ଉତ୍ପାଦନ କରାଯାଏ । ଭାରତୀୟ ପରମ୍ପରାରେ ଗୋ ସମ୍ପଦର ସ୍ୱତନ୍ତ୍ରତା ରହିଛି । ପ୍ରତ୍ୟେକ ଦେବାଦେବୀଙ୍କ ମନ୍ଦିରରେ ଗୋ-ପୂଜନ ପାଇଁ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି । ଭୂମିକୁ କର୍ଷଣ କରିବା ପାଇଁ ହଳ ଲଙ୍ଗଳରେ ଗୋ-ସମ୍ପଦକୁ ବ୍ୟବହାର କରାଯାଏ । ସେହିପରି ଗୋବରକୁ ମଧ୍ୟ ବିଭିନ୍ନ ରସାୟନିକ ସାର ଓ ଇନ୍ଧନ ଗ୍ୟାସ୍ ରୂପେ ବ୍ୟବହାର କରାଯାଏ । ତେବେ ମଣିଷ ସମାଜକୁ ପ୍ରତି କ୍ଷେତ୍ରରେ ସହାୟତା କରୁଥିବା ଏହି ଗୋ-ସମ୍ପଦ କ୍ରମଶଃ ହ୍ରାସ ପାଇବାରେ ଲାଗିଛି । ପୂର୍ବରୁ ଲୋକେ ଘରେ ଘରେ ଗୋରୁ ଗାଈ ରଖୁଥିଲେ । ନିଜ ଘରର ସଦସ୍ୟ ଭଳି ଗୋରୁଗାଈଙ୍କ ଯତ୍ନ ନେଉଥିଲେ । ଗୋରୁଗାଈଙ୍କୁ ରୋଗ ବାଲାରୁ ରକ୍ଷା କରିବା ପାଇଁ ବିଭିନ୍ନ ଡାକ୍ତରୀ ପରାମର୍ଶ ନେଉଥିଲେ । ଗୋରୁଗାଈଙ୍କ ପାଇଁ ଗୋ-ଖାଦ୍ୟ ସଂଗ୍ରହ କରୁଥିଲେ । ଗୋରୁ ଗାଈଙ୍କ ପାଇଁ ବ୍ୟାପକ ଚାରଣ ଭୂଇଁ ଥିଲା । ହେଲେ ବର୍ତ୍ତମାନ ସମୟରେ ଗୋରୁଗାଈ ପାଳନ କରିବା ପାଇଁ ଅନେକ ଲୋକ ପସନ୍ଦ କରୁନାହାନ୍ତି । ଗୋ-ସମ୍ପଦ ଆଜି ବିପଦରେ । ଦିନକୁ ଦିନ ଗୋ-ସମ୍ପଦର ଚୋରା ଚାଲାଣ ଓ ବେଆଇନ କାରବାର ବଢ଼ିବାରେ ଲାଗିଛି । ଓଡ଼ିଶାର ବିଭିନ୍ନ ଜାତୀୟ ରାଜପଥ ଦେଇ ପଡ଼ୋଶୀ ଜିଲ୍ଲାମାନଙ୍କୁ ବେଆଇନ ଗୋ-ଚାଲାଣ କରାଯାଉଛି । ରାତ୍ରି ସମୟରେ ପିକଅପ, ଟ୍ରକ୍ ଯୋଗେ ହେଉଛି ଗୋ-ଚାଲାଣ । ପଡ଼ୋଶୀ ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ଛତିଶଗଡ଼କୁ ବିଭିନ୍ନ ସମୟରେ ବେଧଡ଼କ ଗୋ-ଚାଲାଣ ହେଉଛି । ବାହାର ରାଜ୍ୟର ଦଲାଲମାନେ ଗୋରୁଗାଈଙ୍କୁ ନଦୀ ପାର କରି ନେଉଛନ୍ତି । ବିଭିନ୍ନ କଂସେଇ ଖାନାକୁ ଏହି ଗୋରୁଗାଈଙ୍କ ନିଆଯାଉଛି । ଗୋ-ଚାଲାଣ କରିବା ପାଇଁ ଦଲାଲମାନେ ଆପଣେଇ ନେଉଛନ୍ତି ବିଭିନ୍ନ ତରିକା । ସେମାନେ ରାତିର ଅନ୍ଧାରରେ ଗୋରୁଗାଈମାନଙ୍କ ଶହ ଶହ କିଲୋମିଟର ଚଲେଇ ଚଲେଇ ନେଉଛନ୍ତି । ଦଲାଲମାନେ ଗୋ-ଚାଲାଣ ବେଳେ ପ୍ରଶାସନିକ ଅଧିକାରୀଙ୍କୁ ଡରୁନାହାଁନ୍ତି । କିଛି କିଛି ସ୍ଥାନରେ ଦଲାଲମାନେ ହାତଗୁଞ୍ଜା ଦେଇ ମଧ୍ୟ ଖସି ଯାଉଛନ୍ତି । ବିଧି ଓ ପରମ୍ପରା ଅନୁଯାୟୀ ଗୋ-ପୂଜନ କାର୍ଯ୍ୟ ହୋଇଥାଏ । ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରେ ଏହି ପୂଜା ପରମ୍ପରା ଧୁମ୍‌ଧାମ୍‌ରେ ପାଳନ କରାଯାଏ । ଓଡ଼ିଶାରେ ମଧ୍ୟ ଗୋ-ପୂଜନ ପରମ୍ପରା ରହିଛି । ଗହ୍ମାପୂର୍ଣ୍ଣିମା ଦିନ ସ୍ୱତନ୍ତ୍ର ଭାବେ ଗୋ-ପୂଜନ କରାଯାଏ । ଗୋରୁ ଗାଈଙ୍କୁ ସୁରକ୍ଷା ଦେବା ପାଇଁ ସରକାରଙ୍କ ପକ୍ଷରୁ ଗୋ-ଶାଳାମାନ ନିର୍ମାଣ କରାଯାଇଛି । ଯେଉଁଠାରେ ବୁଢ଼ା ଗୋରୁଗାଈଙ୍କୁ ରଖି ଯତ୍ନ ନେବାର ବ୍ୟବସ୍ଥା ରହିଛି । ସେଠାରୁ ନିର୍ଗତ ହେଉଥିବା ଗୋବରକୁ ମଧ୍ୟ ବିଭିନ୍ନ କାର୍ଯ୍ୟରେ ଲଗାଯାଇଥାଏ । ଆମ ରାଜ୍ୟରେ ଗୋ-ହତ୍ୟା ନିରୋଧ ଆଇନ ପୂର୍ବରୁ ରହିଛି । ଏହା ବ୍ରିଟିଶ୍ ଶାସନ ସମୟରୁ ପ୍ରଚଳିତ । ତେବେ ଏଥିରେ ଯେଉଁ ଦଣ୍ଡ ବ୍ୟବସ୍ଥା ରହିଛି ତାହା ବର୍ତ୍ତମାନ ସମୟରେ ଅନୁପଯୋଗୀ । ଗୋ-ଚାଲାଣ, ଗୋ-ହତ୍ୟା, କୃତ୍ରିମ ପ୍ରଜନନ ଓ ଗୋ-ବଂଶମାନଙ୍କ ପ୍ରତି ହେଉଥିବା ଅତ୍ୟାଚାର ବଢ଼ୁଥିବାରୁ ଏହି ଆଇନ ପ୍ରଣୟନ କରାଯାଇଛି । ଖୋଲା ବଜାରରେ, ସହର ମାନଙ୍କରେ, ବଡ଼ ବଡ଼ ହୋଟେଲ ରେଷ୍ଟୁରାଣ୍ଟମାନଙ୍କରେ ମଧ୍ୟ ଗୋମାଂସ ରୋଷେଇ ହୋଇ ବିତରଣ ହେଉଛି । ସହର ତଥା ଗ୍ରାମାଞ୍ଚଳର ଦଳିତ ବସ୍ତିରେ ଧର୍ମନାମରେ ଅଣହିନ୍ଦୁମାନେ ଗୋ-ହତ୍ୟା କରି ଅଧର୍ମ କରିଚାଲିଛନ୍ତି । ଗାଈ ତଥା ଗୋବଂଶର ଉପକାରିତା, ପଞ୍ଚଗବ୍ୟ ବ୍ୟବହାରରେ ଆରୋଗ୍ୟତା ଲାଭ ବିଷୟକୁ ଲୋକାଭିମୁଖୀ କରିବା ସମସ୍ତଙ୍କର ଦାୟିତ୍ୱ । କିନ୍ତୁ ଏଥିପ୍ରତି କାହାର ଆନ୍ତରିକତା କିମ୍ବା ସମ୍ବେଦନଶୀଳତା ନଥିବା ଭଳି ମନେ ହୁଏ । ରାଜ୍ୟରେ ଦିନକୁ ଦିନ ବେଆଇନ ଗୋ-ଚାଲାଣ ବଢ଼ିବାରେ ଲାଗିଛି । ବିଗତ କିଛିମାସ ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ଗୋରୁ ଚାଲାଣ ହୋଇଥିବା ନଜର ରହିଛି । କିଛି ଅସାମାଜିକ ବ୍ୟକ୍ତି ଟଙ୍କା ରୋଜଗାର କରିବା ପାଇଁ କୃଷକର ବଳ ତଥା ହିନ୍ଦୁଧର୍ମରେ ଗୋମାତା କୁହାଯାଉଥିବା ଗୋରୁଗାଈଙ୍କୁ ପଡ଼ୋଶୀ ରାଜ୍ୟକୁ ଚାଲାଣ କରୁଛନ୍ତି । ପଡ଼ୋଶୀ ରାଜ୍ୟଗୁଡ଼ିକରେ ଓଡ଼ିଶାରୁ ଚାଲାଣ ହେଉଥିବା ଗୋରୁମାନଙ୍କର କ୍ଷୁଧା ମେଣ୍ଟାଉଥିବା ଚର୍ଚ୍ଚା ହେଉଛି । ବେଆଇନ ଗୋରୁ ଚାଲାଣ କରୁଥିବା ବେପାରୀ ଓ ଦଲାଲମାନଙ୍କ ବିରୋଧରେ ସ୍ଥାନୀୟ ପୁଲିସ ଓ ପ୍ରଶାସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଉ ନଥିବାରୁ ବାରମ୍ବାର ଏଭଳି ଘଟଣା ଘଟୁଛି । ଗୋରୁଗାଈଙ୍କୁ ବିପଦସଂକୁଳ ଅବସ୍ଥାରେ ଗାଡ଼ିରେ ଭର୍ତ୍ତି କରି ନିଆଯାଉଥିବାରୁ କେତେକ ଗୋରୁଗାଈର ମୃତ୍ୟୁ ହେଉଥିବା ନଜରକୁ ଆସିଛି ।

ମହିଳାଙ୍କ ହାଇପୋଥାଇରୋଏଡ଼ିଜିମ୍

॥ ଡାକ୍ତର କାନ୍ତୀ ନାୟକ ॥

ହାଇପୋଥାଇରୋଏଡ଼ିଜିମ୍ ଏକ ମାରାତ୍ମକ ସମସ୍ୟା । ଏହା ଗଳଗ୍ରନ୍ଥି ବା ଥାଇରୋଏଡ଼୍ ହର୍ମୋନ୍ କ୍ଷରଣ କରିବାରେ ବାଧା ସୃଷ୍ଟି କରେ । ଗଳଗ୍ରନ୍ଥି କୋଷର ହର୍ମୋନ କ୍ଷରଣ କରିବାର କ୍ଷମତା ବି ହ୍ରାସ ପାଏ । ଥାଇରୋଏଡ଼୍ ହର୍ମୋନ ଟ୍ରାଇଓଡ଼ଥାଇରୋମାଇନ୍ (ଟି୩) ଏବଂ ଥାଇରୋକ୍ସିନ୍ (ଟି୪) କ୍ଷରଣ କମିଗଲେ ଏହା ପୂରା ଶରୀରକୁ ପ୍ରଭାବିତ କରେ । ଶାରୀରିକ ଅଭିବୃଦ୍ଧିରେ ସଂକଟ ସୃଷ୍ଟିକରେ । ଗଳଗ୍ରନ୍ଥିରେ ସମସ୍ୟା ଦେଖାଦେଲେ ସ୍ୱର କର୍କଶ ହୋଇଆସେ । କେଶ ଝଡ଼ିଯାଏ ଓ ଦୁର୍ବଳତା ଦେଖାଯାଏ । ଆଖି ଓ ମୁହଁ ଫୁଲିଯାଏ । ଅନେକ ବ୍ୟକ୍ତି ଏହା ଚାପ ଯୋଗୁଁ ହେଉଛି ବୋଲି ଭାବନ୍ତି, କିନ୍ତୁ ଏହା ଠିକ୍ ନୁହେଁ । ଏହାକୁ ଅଣଦେଖା କଲେ ହୃଦ୍‌ରୋଗ, ଗର୍ଭଧାରଣରେ ଅକ୍ଷମତା ପ୍ରକାଶ ପାଏ । ଶହେ ଜଣ ବିଷାଦ ଗ୍ରସ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ୧୪ଜଣ ଗଳଗ୍ରନ୍ଥି ସମସ୍ୟାରେ ପୀଡ଼ିତ ଥିବାର ଜଣାପଡ଼ିଛି । ଥାଇରୋଏଡ଼୍ ଷ୍ଟିମୁଲେଟିଙ୍ଗ୍ ହର୍ମୋନ୍ (ଟିଏସ୍‌ଏଚ୍) ଟି୩ ଓ ଟି୪ ହର୍ମୋନକୁ ନିୟନ୍ତ୍ରଣ କରେ । ଥାଇରୋଏଡ଼୍ ହର୍ମୋନ୍ ଟି୩ ଓ ଟି୪ କ୍ଷରଣ କମ୍ ବେଶୀ ହେବା ଟିଏସ୍‌ଏଚ୍ ସ୍ତର ସାଧାରଣ ରହିଲେ ଟି୩ ଓ ଟି୪ ହର୍ମୋନ କ୍ଷରଣ କମିଗଲେ ଟିଏସ୍‌ଏଚ୍ ସ୍ତର ରକ୍ତରେ ବଢ଼ିଯାଏ । ପିଟ୍ୟୁଟାରୀ ଗ୍ଲାଣ୍ଡ ଦ୍ୱାରା ଟିଏସ୍‌ଏଚ୍ କ୍ଷରଣ ହୋଇଥାଏ । ଏହି ଗ୍ଲାଣ୍ଡ କମ୍ ପରିମାଣର ଟିଏସ୍‌ଏଚ୍ କ୍ଷରଣ କରିବା ଦ୍ୱାରା ହୋଇପୋଥାଏରୋଡ଼ିଜିମ୍ ଦେଖାଦିଏ । ଅନ୍ୟପକ୍ଷରେ ପିଟ୍ୟୁଟାରୀ ଗ୍ଲାଣ୍ଡକୁ ନିୟନ୍ତ୍ରଣ କରୁଥିବା ହାଇପୋଥାଲାମସ୍ ଅକାମୀ ହୋଇଗଲେ ଟିଏସ୍‌ଏଚ୍ ପ୍ରଡ଼କ୍ସନ କମିଯାଏ । ଏହା ବି ହୋଇପୋଥାଏରୋଡ଼ିଜିମ୍‌ର ଆଉ ଏକ କାରଣ । ହାଇପୋଥାଲାମସ୍ ଦ୍ୱାରା କ୍ଷରଣ ହେଉଥିବା ଥାଇରେଟ୍ରୋପିନ୍ ହର୍ମୋନ୍ ପିଟ୍ୟୁଟାରୀ ଗ୍ଲାଣ୍ଡକୁ ନିୟନ୍ତ୍ରଣ କରିଥାଏ । ହାଇପୋଥାଇରୋଏର୍ଡ଼ିଜିମ୍ ମହିଳାମାନଙ୍କର ବେଶୀ କ୍ଷତିକରେ । ଥାଏରୋଏଡ଼୍ ହର୍ମୋନ୍ ସ୍ତର କମ୍ ରହିବା କାରଣରୁ ମହିଳା ମାନଙ୍କର ଗର୍ଭଧାରଣ କ୍ଷମତା କମିଯାଏ । ଏହା ଶରୀରରେ ପ୍ରୋଲାକ୍ଟିନ୍ ସ୍ତର ବୃଦ୍ଧିକରେ କିମ୍ବା ସିଧାସଳଖ ଡିମ୍ବାଣୁ ଉପରେ ପ୍ରଭାବ ପକାଏ । ପ୍ରୋଲାକ୍ଟିନ୍ ସ୍ତର ବୃଦ୍ଧିହେଲେ ଏହା ଡିମ୍ବାଣୁ ସୃଷ୍ଟିରେ ବାଧା ଆଣେ ଓ ଋତୁସ୍ରାବର ସମୟକୁ ଏପାଖ ସେପାଖ କରିଦିଏ । ପଲିଷ୍ଟିକ୍ ଓଭାରିଆନ୍ ସିନ୍‌ଡ୍ରମ ଓ ମେଦ ବହୁଳତା ମଧ୍ୟ ମହିଳା ମାନଙ୍କ ଠାରେ ପ୍ରକାଶ ପାଏ । ହାଇପୋଥାଇରୋ ଏଡ଼ିଜିମ୍‌ରେ ମହିଳାମାନଙ୍କ ଓଜନ ଅନେକ କ୍ଷେତ୍ରରେ ୧୫-୨୦ କିଲୋ ବୃଦ୍ଧି ପାଇଥାଏ । ଏହା କିନ୍ତୁ ଅତି ଖରାପ । ବ୍ୟାୟାମ ଓ ଖାଦ୍ୟରେ ପରିବର୍ତ୍ତନ ଆଣି ଏହାକୁ ଆୟତ୍ତରେ ରଖିବାକୁ ପଡ଼ିଥାଏ । ହାଇପୋଥାଇରୋଡ଼ିଜିମ୍ ସଂକଟଜନକ ସ୍ଥିତିରେ ଥିଲେ ଗର୍ଭସଂଚାର ବି ସମ୍ଭବ ହୁଏନାହିଁ । ଗର୍ଭଧାରଣ କରିଥିବା ସମୟରେ ଯଦି ଏହି ସମସ୍ୟା ଆସେ ତେବେ ତା'ର ପ୍ରଭାବ ଗର୍ଭସ୍ଥ ଶିଶୁ ଉପରେ ପଡ଼େ । ଏପରିକି ଶିଶୁର ଅବସ୍ଥା ସାଂଘାତିକ ହୋଇଯାଏ । ଭ୍ରୁଣ ବିକଶିତ ହୋଇପାରେ ନାହିଁ । ତା'ର ବୌଦ୍ଧିକ ଅବସ୍ଥା ମଧ୍ୟ କ୍ଷତିଗ୍ରସ୍ତ ହୁଏ । ଏହା ଥାଇରୋକ୍ସିନ୍ ହର୍ମୋନ୍ ଅଭାବରୁ ହିଁ ହୋଇଥାଏ । ଏଣୁ ଗର୍ଭଧାରଣ ପୂର୍ବରୁ ଆବଶ୍ୟକ ଚିକିତ୍ସା ବ୍ୟବସ୍ଥା ଗ୍ରହଣ କରିବା ପରେ ହିଁ ଆଗେଇବା ଦରକାର । ହାଇପୋଥାଇରୋଏଡ଼ିଜିମ୍ କ୍ଷେତ୍ରରେ ଲକ୍ଷଣ ହେଉଛି ରୋଗୀର କ୍ରମଶଃ ଓଜନ ବଢ଼ିବା ସହ ଦୁର୍ବଳତା ଦେଖାଦେଇଥାଏ । ମୁହଁ ଓ ଆଖି ଫୁଲିଯିବା ସହ ଗଣ୍ଠି ତଥା ମାଂସପେଶୀରେ ଭୀଷଣ ଯନ୍ତ୍ରଣା ଅନୁଭୂତ ହୋଇଥାଏ । ଭୁଲାପଣ ରହିବା ସହ ମୁଣ୍ଡ ଏପରିକି ଆଖି ପତାରୁ କେଶ ମଧ୍ୟ ଝଡ଼ିବା ଆରମ୍ଭ କରେ । ସେହିପରି କୌଣସି କାର୍ଯ୍ୟରେ ପ୍ରାୟତଃ ଆଗ୍ରହ ଲାଗିନଥାଏ । କଣ୍ଠସ୍ୱର କର୍କଶ ହେବା ସହ କିଛି ରୋଗୀମାନଙ୍କ କ୍ଷେତ୍ରରେ ହୃଦ୍ ସ୍ପନ୍ଦନ ମନ୍ଥର ହୋଇଯାଏ । ଏହି ସମସ୍ୟା ବେଳେ ରୋଗୀଟି ଥଣ୍ଡା ସହିପାରି ନଥାଏ । ଭୋକ ନହେବା ସହ କୋଷ୍ଠକାଠିନ୍ୟ ସମସ୍ୟା ଦେଖାଯିବା ସହ ଅନିୟମିତ ଋତୁସ୍ରାବ ସମସ୍ୟା ମଧ୍ୟ ଯନ୍ତ୍ରଣା ଦେଇଥାଏ । ହାଇପୋଥାଇରୋଏର୍ଡ଼ିଜିମ୍ ବା ହାଇପରଥାଇରୋଏଡ଼ିଜିମ୍ ନିରୂପଣ କରିବାକୁ ଶାରୀରିକ ପରୀକ୍ଷା ତଥା ବ୍ୟକ୍ତିର ଅସୁସ୍ଥତା ସମ୍ପର୍କିତ ଇତିହାସକୁ ଅନୁଧ୍ୟାନ କରାଯାଏ । ଶାରୀରିକ ପରୀକ୍ଷା ସମୟରେ ଆଖି, ତ୍ୱଚା, ହାର୍ଟ ଓ ନ୍ୟୁରୋଲୋଜିକ୍ ଉପରେ ଗୁରୁତ୍ୱ ଦିଆଯାଏ । ରକ୍ତ ପରୀକ୍ଷା କରି ଏଏସ୍‌ଏଚ୍ କ ଟି୩ ଓ ଟି୪ ସ୍ତର ନିରୂପଣ କରିବାକୁ ହୁଏ । ଖୁବ କମ୍ ପରିମାଣର ରେଡ଼ିଓ ଆକ୍ଟିଭ ଆଇଓଡ଼ିନ୍ ସେବନ କରିବାପରେ ନ୍ୟୁକ୍ଲିୟାର ଥାଇରୋଏଡ଼୍ ସ୍କାନ୍ କରାଯାଏ । ଥାଇରୋଏଡ଼୍ ଗ୍ଲାଣ୍ଡରେ ଥିବା ନୋଡ୍ୟୁଲ୍ କି ପ୍ରକାରର ଏହାର ସଂଖ୍ୟା ଓ ଆକାର ସମ୍ପର୍କରେ ଜାଣିବାକୁ ଥାଇରୋଏଡ଼୍ ଅଲଟ୍ରାସାଉଣ୍ଡ କରିବାକୁ ପଡ଼େ । ସିଟି ସ୍କାନ୍ କରାଯାଏ । ଥାଇରୋଏଡ଼୍ ଗ୍ଲାଣ୍ଡର ନୋଡ୍ୟୁଲରୁ ଥାଇରୋଏଡ଼୍ ଟିସ୍ୟୁ ସାମ୍ପଲ୍ ସଂଗ୍ରହ କରାଯାଇ ପରୀକ୍ଷା କରାଯାଏ । ଆବଶ୍ୟକ ପରିମାଣର ଥାଇରୋଏଡ଼୍ ହର୍ମୋନ୍ କ୍ଷରଣ କରିବାକୁ ଥାଇରୋଏଡ଼୍ ଗ୍ଲାଣ୍ଡକୁ କାର୍ଯ୍ୟକ୍ଷମ କରିବା ଆବଶ୍ୟକ । ଏଥିପାଇଁ ପ୍ରତିଦିନ ୧୫-୨୦ ମିନିଟ୍ ବ୍ୟାୟାମ ଲୋଡ଼ା । ବ୍ୟାୟାମ ମାଧ୍ୟମରେ ହୃଦ୍ ସ୍ପନ୍ଦନ ବଢ଼ାଇବା ଦ୍ୱାରା ଲାଭ ମିଳେ । କାର୍ଡ଼ିଓ ଏକ୍ସର୍ ସାଇଜ, ଡ୍ୟାନ୍ସ, ସୁଇମିଂ ଓ ସାଇକେଲିଂ ଏଥିପାଇଁ ସୁବିଧା ଭଲ । ଏହା ବ୍ୟତୀତ କ୍ୟାମେଲ୍ ଓ କୋବ୍ରା । ଭଙ୍ଗୀ ଓ ପଶ୍ଚିମୋତାସନ ଅଭ୍ୟାସ କରାଯାଏ । ହାଇପୋଥାଇରୋଏଡ଼ିଜିମ୍ ବଂଶଗତ ହୋଇପାରେ । ଡାଇବେଟିସ୍ ଓ ରିୟୁମାଟଏଡ଼ ଆର୍ଥରାଇଟିସ୍ ଥିବା ବ୍ୟକ୍ତିଙ୍କୁ ଏହା ଗ୍ରାସ କରିଥାଏ । ଅସଂଯତ ଜୀବନଶୈଳୀ ବି ଏହାର କାରଣ ହୋଇଥାଏ । ଆଇଓଡ଼ିନ୍‌ର ଅଭାବ ମଧ୍ୟ ଏଥି ପାଇଁ ଦାୟୀ । ହାଇପୋଥାଇରୋଏଡ଼ିଜିମ୍ ଶରୀରରେ କୋଲେଷ୍ଟେରୋଲ ଓ ଲିପିଡ଼୍ ସ୍ତର ବୃଦ୍ଧିକରେ ବୋଲି ଜଣାପଡ଼ିଛି । ଏହା ହୃଦ୍‌ରୋଗର କାରଣ ବି ହୁଏ । ମୋଟା ଫେସିଆଲ୍ ତ୍ୱଚା ଦେଖାଦେବା ଛଡ଼ା ହାଇପୋଥାଏରୋଏଡ଼ିଜିମ୍ କାରଣରୁ ହୃଦ୍‌ରୋଗ ହେବାର ଆଶଙ୍କା ମଧ୍ୟ ପ୍ରକାଶ ପାଏ । ଏମିତିକି ସ୍ୱାସ୍ଥ୍ୟ ଅବସ୍ଥାକୁ ସମ୍ପୂର୍ଣ୍ଣ ବିଗାଡ଼ି ଦେବାର କ୍ଷମତା ହାଇପୋଥାଏରୋଏଡ଼ିଜିମ୍‌ର ଅଛି । ସର୍ବପ୍ରଥମେ ମହିଳାମାନେ ତାଙ୍କ ଋତୁକାଳୀନ ସମସ୍ୟାକୁ ନଜର ଅନ୍ଦାଜ ନକରନ୍ତୁ । ଶରୀର ପରିଶ୍ରମ ତୁଳନାରେ ଯେପରି ବିଶ୍ରାମ ଓ ପୁଷ୍ଟିକର ଖାଦ୍ୟ ଯଥେଷ୍ଟ ଭାବେ ପାଇବ ସେ ଦିଗକୁ ଦେଖନ୍ତୁ । ପିଲାଦିନେ ବା କିଶୋରୀ ଅବସ୍ଥାରେ କୌଣସି ଅସ୍ଥିଜନିତ ସମସ୍ୟା ବା ଆଘାତ ଥିଲେ ଏହାକୁ ମଧ୍ୟ ଅଣଦେଖା କରନ୍ତୁ ନାହିଁ । କୌଣସି ପ୍ରକାର ଯନ୍ତ୍ରଣା ହେଲେ ବିନା ଡାକ୍ତରୀ ପରାମର୍ଶରେ ପେନ୍‌କିଲର ଗ୍ରହଣ କରନ୍ତୁ ନାହିଁ । କାରଣ ଏହା ପରବର୍ତ୍ତୀ ସମୟରେ ଆପଣଙ୍କୁ ଯନ୍ତ୍ରଣା ଭିତରକୁ ଠେଲି ଦେଇଥାଏ ।

ଅଧୀକ୍ଷକ, ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ, ଅର୍ବାନ ସିଏଚ୍‌ସି, ସିଡ଼ିଏ, କଟକ,
ଦୂରଭାଷ:୯୪୩୭୬୬୬୪୫୩

ସଡ଼କ ସୁରକ୍ଷା ମାସ ପାଳନ ଅବସରରେ

॥ ପ୍ରଦେଶ ପ୍ରତ୍ୟୁଷ ॥

ଲୋକଙ୍କୁ ସଚେତନ କରିବା ପାଇଁ ରାଜ୍ୟରେ ଗତ ଜାନୁଆରୀ ୨ ତାରିଖରୁ ଆରମ୍ଭ ହୋଇଛି ସଡ଼କ ସୁରକ୍ଷା ମାସ ପାଳନ । ସେହିପରି ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଜାନୁଆରୀ ୧୧ ତାରିଖରୁ ଜାନୁଆରୀ ୧୭,୨୦୨୫ ଯାଏ ପାଳନ ହେବ । ସଦ୍ୟ ରାଜ୍ୟ ସଡ଼କ ସୁରକ୍ଷା ମାସ ପାଳନରେ ରାଜ୍ୟ ସରକାରଙ୍କର ବାର୍ତ୍ତା ରହିଛି - 'ସଡ଼କ ସୁରକ୍ଷା , ପରିବାର ରକ୍ଷା', 'ସୁରକ୍ଷିତ ଭାବେ ଘରକୁ ଫେରିବା ...' । ରାଜ୍ୟରେ ଯେଉଁଭଳି ଭାବେ ସଡ଼କ ଦୁର୍ଘଟଣା ବଢ଼ି ଚାଲିଛି ଏହାକୁ ନଜର ରଖି ରାଜ୍ୟ ସରକାର ଏହି ବାର୍ତ୍ତା ଦେଇଛନ୍ତି । ଆଉ ଲୋକଙ୍କୁ ସତର୍କ କରାଇଛନ୍ତି । ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁ, ଆହତ ହେବା ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ହ୍ରାସ କରିବା ଦିଗରେ ସଚେତନ ପାଇଁ ଏହିପରି ଏକ ଅଭିନବ ପ୍ରୟାସ କରାଯାଇଛି । ସଡ଼କ ସୁରକ୍ଷା ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ । ଏହାସହ ସ୍ୱତନ୍ତ୍ର ଅଭିଯାନରେ ଚଢ଼ଉ ଓ ପାଟ୍ରୋଲିଂକୁ ଜୋରଦାର କରାଯିବ । ସଡ଼କ ସୁରକ୍ଷା ମାସ ପାଳନ ନେଇ ଗତ ମଙ୍ଗଳବାର (୩୧ ଡ଼ିସେମ୍ବର ୨୦୨୪)ରହ ସ୍ତରୀ ବୈଠକରେ ମୁଖ୍ୟ ସଚିବ ମନୋଜ ଆହୁଜା ପୁଲିସ ସହ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହ ରାଜ୍ୟର ସଡ଼କ ସ୍ଥିତିର ଆକଳନ କରିବା ସହ ଏହିକଥା କହିଛନ୍ତି । ବୈଠକର ଆଲୋଚ୍ୟ ପ୍ରସଙ୍ଗ ଅନୁସାରେ, ଗତ ୧୦ବର୍ଷରେ ସଡ଼କ ଦୁର୍ଘଟଣାରେ ଓଡ଼ିଶାରେ ୪୭ ହଜାରରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଛି । ପ୍ରତିବର୍ଷ ପାଖାପାଖି ୫ ହଜାର ଲୋକଙ୍କର ଜୀବନ ସଡ଼କ ଦୁର୍ଘଟଣାରେ ବଳି ପଡୁଛି । ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ, ସମଗ୍ର ପୃଥିବୀରେ ସଡ଼କ ଦୁର୍ଘଟଣାରେ ଯେତେ ପରିମାଣରେ ମୃତ୍ୟୁ ଘଟୁଛି, ଏହା ପ୍ରାକୃତିକ ବିପର୍ଯ୍ୟୟରେ ହେଉଥିବା ମୃତ୍ୟୁ ଠାରୁ ଖୁବ୍ ଅଧିକ । ଏଥିରୁ ଅନୁମାନ କରି ପାରିବା , ରାସ୍ତାରେ କାଳ ସାଜୁଛି ଦୁର୍ଘଟଣା । ଯାହାକୁ ଯେତେ ଚେଷ୍ଟା କଲେ ଏଡେଇ ହେଉନି । ଦ୍ରୁତ ଗତିରେ ଗାଡ଼ି ଚାଳନା, ମାଦକ ଦ୍ରବ୍ୟର ସେବନ, ବିଶ୍ରାମ ନନେଇ ଗାଡ଼ି ଚଲାଇବା ଓ ଟ୍ରାଫିକ ନିୟମକୁ ନମାନିବା ଆଦି ସଡ଼କ ଦୁର୍ଘଟଣାର କାରଣ ପାଲିଟିଛି । ଏଥିରେ ନିୟମ ଭଙ୍ଗକାରୀ ଲୋକଙ୍କ ସହ ଭଲ ଲୋକଟିଏ, ଯିଏ ସତର୍କ ଓ ସଚେତନର ସହ ରାସ୍ତାରେ ଯାଉଛି ସେ ବି ଏହି ଦୁର୍ଘଟଣାର ଶିକାର ହେଉଛି । ଏଥିରେ ଦୋଷୀତ ଦଣ୍ଡ ପାଇବ, ହେଲେ ନିରୀହ ଜୀବନଟେ ଏଥିରେ ବଳି ପଡ଼ିଥାଏ । ସରକାର ଯେତେ ସବୁ ନୀତି ନିୟମ ଜାରି କଲେ ବି ଅଟୁନି ସଡ଼କ ଦୁର୍ଘଟଣା । ପ୍ରତିବର୍ଷ ଏଦିଗରେ (ରାସ୍ତା ନିର୍ମାଣ ସଂକ୍ରାନ୍ତୀୟ) ଅନେକ ରାଜସ୍ୱ ଖର୍ଚ୍ଚ ହେଉଛି । ରାସ୍ତା ମରାମତି ଠାରୁ ନେଇ ରାସ୍ତାର ପ୍ରଶସ୍ତି ଯାଏ ସବୁ କିଛିର କାର୍ଯ୍ୟ ଚାଲୁ ରହିଛି । ନିୟମ ଭାଙ୍ଗିଲେ ଫାଇନ ଆଦାୟ ଠାରୁ ନେଇ ଦଣ୍ଡ ବିଧାନର ବ୍ୟବସ୍ଥା ଭିତରେ ବି ଦୁର୍ଘଟଣାରେ ରୋକ୍ ଲାଗୁନି । ଏଣି ଏ ଦିଗରେ ଲୋକଙ୍କ ଉପରେ ନିଶ୍ଚୟ ପ୍ରଭାବ ପକାଇବ ଏହି ସଡ଼କ ସୁରକ୍ଷା ଦିବସ । ଲୋକେ ବୁଝିବେ ଏହି ମୂଲ୍ୟବାନ ଜୀବନର ରହସ୍ୟକୁ । ବେପରୁଆ ଜୀବନ ବିତାଇବା ଅପେକ୍ଷା କିଛି ବୈଶିଷ୍ଟ୍ୟତା ପୂର୍ଣ୍ଣ ଚେତନାକୁ ମନରେ ଅନ୍ତର୍ଭୁକ୍ତ କରିବା । ଆମେ ଅମାନିଆ ଓ ଶିକ୍ଷିତ ଅପାଠୁଆ ବୋଲି ଆମ ପାଇଁ ନିୟମ ତିଆରି ହେଉଛି । ଆମେ ସୁରକ୍ଷାକୁ ଆପଣାଇବା ବଦଳରେ ଲୋକ ଦେଖାଣିଆ ସଡ଼କର ନିୟମକୁ ପାଳୁଛନ୍ତି । ସରକାରୀ ତଥ୍ୟ ଅନୁସାରେ , ୨୦୨୧ ରୁ ୨୦୨୩ ମଧ୍ୟରେ ସଡ଼କ ଦୁର୍ଘଟଣା କାରଣରୁ ୧୬୨୮୭ ମୃତ୍ୟୁ ହୋଇଛି, ଯେଉଁଥିରେ ୨୦୨୧ରେ ୫୦୮୧ , ୨୦୨୨ରେ ୫୪୬୭ ଓ ୨୦୨୩ ରେ ୫୭୩୯ ମୃତ୍ୟୁ ହୋଇଛି । ୨୦୨୧ରେ ବାର୍ଷିକ ମୃତ୍ୟୁ ହାରରେ ୭.୨ ପ୍ରତିଶତ , ୨୦୨୨ରେ ୭.୬ ପ୍ରତିଶତ ଓ ୨୦୨୩ରେ ୪.୮ ପ୍ରତିଶତ ମାମଲା ରେକର୍ଡ କରାଯାଇଛି । ଏବେ ନୂଆ ବର୍ଷରେ ନୂଆ ସଂକଳ୍ପ ନେବା ପୂର୍ବକ , ସଡ଼କ ଦୁର୍ଘଟଣାକୁ ରୋକିବା ଦିଗରେ ସଚେତନ ହେବା ଓ ଅନ୍ୟକୁ ସଚେତନ କରାଇବା । ଯାହାକି ଅନେକ ଅମୂଲ୍ୟ ଜୀବନକୁ ରକ୍ଷା କରିବା ସହ ରାସ୍ତାରେ ଲୋକେ ସ୍ୱଚ୍ଛନ୍ଦରେ ଯା' ଆସ କରି ପାରିବେ ।

କୁରୁମଟାଙ୍ଗର,ମଙ୍ଗଳପଡ଼ା, ଢେଙ୍କାନାଳ
ମୋବାଇଲ;୭୦୦୮୪୩୧୨୫୭

ଭାରତେନ୍ଦୁ ହରିଶ୍ଚନ୍ଦ୍ର

॥ ଡ଼ଃ. ଅରୁନ୍ଧତୀ ଦେବୀ ॥

ଆଧୁନିକ ହିନ୍ଦୀ ସାହିତ୍ୟ ତଥା ହିନ୍ଦୀ ନାଟକର ଜନକ ଭାରତେନ୍ଦୁ ହରିଶ୍ଚନ୍ଦ୍ର । ଆଧୁନିକ ଭାରତର ଅନ୍ୟତମ ମହାନ ହିନ୍ଦୀ ଲେଖକ ମଧ୍ୟରେ ସେ ଅନ୍ୟତମ । ଜଣେ ସୁଦକ୍ଷ କବି ମଧ୍ୟ । ହିନ୍ଦୀ ଗଦ୍ୟ ଲିଖନର ସେ ଥିଲେ ପଥପ୍ରଦର୍ଶକ । ଅନେକ ନାଟକର ସେ ରଚୟିତା । ଜନତାଙ୍କ ମତକୁ ପ୍ରାଧାନ୍ୟ ଦେବା ଉଦ୍ଦେଶ୍ୟରେ ରିପୋର୍ଟ, ପ୍ରକାଶନ, ସମ୍ପାଦକଙ୍କୁ ପତ୍ର, ଅନୁବାଦ ଏବଂ ସାହିତ୍ୟ କାର୍ଯ୍ୟ ଆଦି ନୂଆ ମିଡ଼ିଆ ସେ ବ୍ୟବହାର କରିଥିଲେ । ତାଙ୍କ ଲେଖାଗୁଡ଼ିକରେ ନିଜ ନାମ ପରିବର୍ତ୍ତେ ଛଦ୍ମନାମ ରାସା ନାମ ସେ ବ୍ୟବହାର କରୁଥିଲେ । ଲୋକଙ୍କ ବ୍ୟଥା, ଦାରିଦ୍ର୍ୟ, ପରାଧୀନତା, ଅମାନୁଷିକ ଶୋଷଣ, ମଧ୍ୟମ ବର୍ଗର ଅଶାନ୍ତି ଓ ଦେଶର ପ୍ରଗତି ଆଦିକୁ ସେ ନିଜ ଲେଖନୀରେ ଗୁରୁତ୍ୱ ଦେଉଥିଲେ । ୧୮୫୦ ସେପ୍ଟେମ୍ବର ୯ରେ ବାରାଣସୀରେ ଜନ୍ମିତ ଭାରତେନ୍ଦୁଙ୍କ ବାପା ଗୋପାଳ ଚନ୍ଦ୍ର ଜଣେ କବି ଥିଲେ । ତାଙ୍କର ପ୍ରଭାବ ଭାରତେନ୍ଦୁଙ୍କ ଉପରେ ପଡ଼ିଥିଲା । ପିଲାଦିନେ ମାତା ପିତାଙ୍କୁ ସେ ହରାଇଥିଲେ । ମାତ୍ର ୧୫ବର୍ଷ ବୟସରେ ଶ୍ରୀଜଗନ୍ନାଥ ଦର୍ଶନ ନିମନ୍ତେ ସେ ପୁରୀ ଧାମ ଆସିଥିଲେ । ହିନ୍ଦୀ ସାହିତ୍ୟର ବିକାଶ ଲାଗି ଭାରତେନ୍ଦୁ ନିଜ ଜୀବନ ଉତ୍ସର୍ଗ କରିଥିଲେ । ଜଣେ ଅଭିନେତା ଭାବେ ନାଟକ ଦୁନିଆରେ ସେ ପାଦ ଦେଇଥିଲେ । କିନ୍ତୁ ଖୁବଶୀଘ୍ର ନିର୍ଦ୍ଦେଶକ, ପ୍ରବନ୍ଧକ ଓ ନାଟ୍ୟକାର ଭାବେ ଖ୍ୟାତି ଅର୍ଜନ କଲେ । ତାଙ୍କ ପ୍ରମୁଖ ନାଟକ ମଧ୍ୟରୁ ବୈଦିକ ହିଂସା ହିସା ନଭବତି, ଜବଲପୁର, ଭାରତ ଦୁର୍ଦ୍ଦଶା, ନୀଳଦେବୀ, ଅନ୍ଧେର୍ ନଗରୀ ଆଦି ଅନ୍ୟତମ । କାବ୍ୟ ଜଗତରେ ସେହିପରି ପ୍ରେମ ମାଳିକ, ପ୍ରେମ ମାଧୁରୀ, ପ୍ରେମ ତରଙ୍ଗ, ହୋଲି, ମଧୁମୁକୁଳ, ରାଗ ସଂଗ୍ରହ, ବର୍ଷା ବିନୋଦ ଆଦି ବେଶ ପରିଚିତ ଲାଭ କରିଛି । ୧୮୮୫ ଜାନୁଆରୀ ଆଜିର ଦିନ ମାତ୍ର ୩୪ ବର୍ଷ ବୟସରେ ଭାରତେନ୍ଦୁଙ୍କ ଦେହାନ୍ତ ହୋଇଥିଲା ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,

ଚିନ୍ତାରେ ସଡ଼କ ସୁରକ୍ଷା : ସଡ଼କ ଦୁର୍ଘଟଣା କ୍ଷେତ୍ରରେ ଭାରତ ବିଶ୍ୱରେ ଆଗୁଆ

॥ ଯଶସ୍ୱିନୀ ପଟ୍ଟନାୟକ ॥

ଜାନୁଆରୀ ୧ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ଓଡ଼ିଶାରେ ରାଜ୍ୟ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହେଉଛି । ଏହାର ମୂଳ ଉଦ୍ଦେଶ୍ୟ ହେଉଛି ରାଜ୍ୟରେ ସଡ଼କ ଦୁର୍ଘଟଣାକୁ ହ୍ରାସ କରାଯିବା ନେଇ ଲୋକମାନଙ୍କ ଭିତରେ ସଚେତନତା ସୃଷ୍ଟି କରାଯିବା ସହ ଟ୍ରାଫିକ ନିୟମ ପାଳନ ପାଇଁ ଉପଦେଶ ଦିଆଯାଉଛି । ସେହିପରି ଜାନୁଆରୀ ୧୧ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ଦେଶରେ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯାଉଛି । ସଚେତନତା ଅଭାବରୁ ଦ୍ରୁତ ଗତିରେ ଗାଡ଼ି ଚାଳନା ଓ ବିଭିନ୍ନ ଅସାବଧାନତା ପାଇଁ ଦିନକୁ ଦିନ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି । ତଥ୍ୟ ମୁତାବକ ବିଶ୍ୱରେ ସଡ଼କ ଦୁର୍ଘଟଣା କ୍ଷେତ୍ରରେ ଭାରତ ସବୁଠାରୁ ଆଗୁଆ । ବିଶ୍ୱରେ ପ୍ରତିବର୍ଷ ୧.୩୫ ନିୟୁତ ଲୋକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଉଥିବାବେଳେ ପ୍ରତିଦିନ ୩ ହଜାରରୁ ଅଧିକ ଗୁରୁତର ଭାବେ ଆହତ ହେଉଛନ୍ତି । ସେହିପରି ବିଶ୍ୱ ଅର୍ଥନୈତିକ ମୂଲ୍ୟାୟନ ଅନୁଯାୟୀ ସଡ଼କ ଦୁର୍ଘଟଣା ଜନିତ କ୍ଷୟକ୍ଷତି ବାର୍ଷିକ ୫୧୮ ବିଲିଅନ ଡଲାର ।

ଆତ୍ୟାଧୁନିକ ବିଜ୍ଞାନ ଉପଯୋଗରେ ସଡ଼କ ସୁରକ୍ଷା ପାଇଁ ନିକଟରେ ଓଡ଼ିଶା ରାଜ୍ୟ ପରିବହନ କର୍ତ୍ତୃପକ୍ଷ ଆଇଆଇଟି ମାଡ୍ରାସ ସହିତ ଏକ ବୁଝାମଣା ସ୍ୱାକ୍ଷର କରିଛି । ଅଭିନବତାକୁ ସୁରକ୍ଷା କ୍ଷେତ୍ରରେ ପ୍ରୟୋଗ କରିବାର ଏହି ସାଧୁ ଉଦ୍ୟମ ସମୟୋପଯୋଗୀ, ପ୍ରଶଂସନୀୟ ଓ ସ୍ୱାଗତଯୋଗ୍ୟ । ଏଥିରେ ମୁଖ୍ୟତଃ ୪-ଇ ମଡ଼େଲ ଉପଯୋଗରେ ଯୋଜନା ପ୍ରସ୍ତୁତ ହୋଇଛି । ଏହି ମଡ଼େଲର ପ୍ରତିଟି ଇଂରାଜୀ ଅକ୍ଷର ଇ-ଇଞ୍ଜିନିୟରିଂ ବା ଯାନ୍ତ୍ରିକ ବିଜ୍ଞାନ, ଏନଫୋର୍ସମେଣ୍ଟ ବା ପ୍ରବର୍ତ୍ତନ, ଏମର୍ଜେନ୍ସି କେୟାର ବା ଜରୁରୀକାଳୀନ ସେବା ଓ ଏଜୁକେଶନ ବା ଶିକ୍ଷା । ତାତ୍ତ୍ୱିକ ଦୃଷ୍ଟିରୁ ଏହା ସର୍ବାଦୌ ଉପଯୋଗୀ ମନେ ହେଉଥିଲେ ମଧ୍ୟ ବାସ୍ତବତା ପ୍ରତି ଅଧିକ ଯତ୍ନଶୀଳ ହେଲେ ଯୋଜନାର ସୁଫଳ ଆହୁରି ପ୍ରଭାବଶାଳୀ ଓ ବିସ୍ତାରିତ ବୋଲି ବିଶେଷଜ୍ଞ ମହଲରୁ ମତ ପ୍ରକାଶ ପାଇଛି ।

ସରକାରୀ ତଥ୍ୟ ଅନୁଯାୟୀ, ଆମ ଦେଶରେ ଦୈନିକ ୪୭୪ ବା ପ୍ରତି ତିନି ମିନିଟରେ ଜଣେ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରୁଛନ୍ତି । ଏଥିରେ ଦେଶର ମୋଟ ଘରୋଇ ଉତ୍ପାଦର ୩-୫% ନଷ୍ଟ ହେଉଛି । ଏହାର ନିରାକରଣ ଦିଗରେ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଯେ ହାତ ବାନ୍ଧି ବସିଛନ୍ତି ତା ନୁହେଁ । ସରକାରୀ ନ ସହିତ ବେସରକାରୀ ସଂଗଠନ, ବ୍ୟକ୍ତିବିଶେଷ ଏ ଦିଗରେ ନିରନ୍ତର ଉଦ୍ୟମ ଜାରି ରଖିଛନ୍ତି । ବ୍ୟାପକ ଜନସଚେତନତା ସୃଷ୍ଟି କରିବା ଲାଗି ପ୍ରତିବର୍ଷ ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯାଉଛି । ବ୍ୟସ୍ତବହୁଳ ସଡ଼କ ପଥଗୁଡ଼ିକୁ ଦୁଇଥାକିଆରୁ ଆଠଥାକିଆ କରାଯାଉଛି । ଟ୍ରାଫିକ ସମସ୍ୟା ଏଡ଼ାଇବା ଲାଗି ବହୁଳ ପୁଞ୍ଜି ବିନିଯୋଗରେ ଓଭରବ୍ରିଜ, ଫ୍ଲାଏଓଭର ନିର୍ମାଣ ହେଉଛି । ଦ୍ରୁତଗତିରେ ଗାଡ଼ି ଚାଳନାକୁ ନିରୁତ୍ସାହିତ କରିବା ଲାଗି ଜାତୀୟ/ ରାଜ୍ୟ ରାଜପଥ ପାର୍ଶ୍ୱରେ ସ୍ପିଡ ଇଣ୍ଡିକେଟର ଓ ସ୍ପିଡ ବ୍ରେକର ବ୍ୟବସ୍ଥା ରହିଛି । ତଥାପି ସଡ଼କ ଦୁର୍ଘଟଣା ହ୍ରାସ ପାଇବା ବଦଳରେ ବଢ଼ିବାରେ ଲାଗିଛି । ଏହାପଛରେ କେତେକ ଅଦୃଶ୍ୟ କାରକ ରହିଥିବାରୁ ସଡ଼କ ଦୁର୍ଘଟଣା ନିୟନ୍ତ୍ରଣ ଆସିପାରୁନାହିଁ ।

ସଡ଼କ ଦୁର୍ଘଟଣା ପଛରେ ମୁଖ୍ୟ କାରଣ ହେଉଛି ଯାନବାହାନ ସଂଖ୍ୟା ବୃଦ୍ଧି । ବିଶ୍ୱର ଦ୍ୱିତୀୟ ବୃହତ୍ତମ ସଡ଼କ ଭିତ୍ତିଭୂମି ବିଶିଷ୍ଟ ରାଷ୍ଟ୍ର ଭାରତରେ ଗମନାଗମନ ଓ ପରିବହନ ପାଇଁ ସଡ଼କ ହିଁ ମୁଖ୍ୟ ଅବଲମ୍ବନ ବା ମାଧ୍ୟମ ୬୦% ହୋଇ ଆସିଛି । ଆମ ଦେଶ ୧୯୫୧ ମସିହାରେ ମୋଟ ପଞ୍ଜୀକୃତ ଯାନବାହନ ସଂଖ୍ୟା ୩ଲକ୍ଷ ୬ ହଜାର ଥିବାବେଳେ ଏହା ଏବେ ବାର୍ଷିକ ହାରାହାରି ୧ କୋଟି ୮୦ ହଜାର ୩୬ ଲକ୍ଷ ହାରରେ ବଢ଼ି ୨୦୨୨ ସୁଦ୍ଧା ୩୫ କୋଟି ୪୦ ଲକ୍ଷ ୧୮ ହଜାରରେ ପହଂଚିଛି । ୨୦୨୪ ସୁଦ୍ଧା ଏହା ଆନୁମାନିକ ୪୦ କୋଟି ଟପି ଯାଇପାରେ । ସେଥିମଧ୍ୟରୁ ପଞ୍ଜୀକୃତ ଦୁଇଚକିଆ ଯାନ ସଂଖ୍ୟା ୨୦୨୨ ସୁଦ୍ଧା ୨୬ କୋଟି ୩୩ଲକ୍ଷ ୭୮ ହଜାର । କେବଳ ୨୦୨୩-୨୪ ଆର୍ଥିକ ବର୍ଷରେ ସମଗ୍ର ଦେଶରେ ୧୮ ନିୟୁତ ଦୁଇଚକିଆ ଯାନ ବିକ୍ରି ହୋଇଥିଲା । ଓଡ଼ିଶାରେ ୨୦୨୦ ସୁଦ୍ଧା ୯୧ ଲକ୍ଷ ୧୬ ହଜାର ପଞ୍ଜୀକୃତ ଯାନ ଥିବାବେଳେ ଚାରିବର୍ଷ ଭିତରେ ତାହା କେତେ ବୃଦ୍ଧି ପାଇଥିବା ଅନୁମେୟ ।

ଏକଦା ମୋଟରଯାନ ଆମ ଆବଶ୍ୟକତା ଥିଲା । କିନ୍ତୁ ଏହା ଏବେ ପ୍ରତିଷ୍ଠା, ଆଭିଜାତ୍ୟ ଓ ଆତ୍ମସମ୍ମାନ ପ୍ରତୀକ ପାଲଟି ଯାଇଛି । କିଏ କେତେ ବିଳାସପୂର୍ଣ୍ଣ ଓ ବ୍ୟୟବହୁଳ ଗାଡ଼ି କିଣି ପାରୁଛି ତାହା ଏବେ ପ୍ରତିଯୋଗିତାର ରୂପ ନେଇଛି । ଏପରିକି ପରିବାରର ଲୋକ ସଂଖ୍ୟା ଠାରୁ ଗାଡ଼ି ସଂଖ୍ୟା ବଢ଼ିବାରେ ଲାଗିଛି । ଯୁବପିଢ଼ିଙ୍କ ପାଇଁ ଦୁଇଚକିଆ ଯାନ ସତେଯେପରି ଏକ ଅପରିହାର୍ଯ୍ୟ ଆବଶ୍ୟତା ହୋଇଯାଇଛି । ଭାରତୀୟଙ୍କ ଏହି ମାନସିକତାର ସୁଯୋଗ ନେଇ ଭାରତୀୟ ବଜାରରେ ଦିନକୁ ଦିନ ବହୁଦେଶୀୟ ବିଳାସପୂର୍ଣ୍ଣ ଓ ବ୍ୟୟବହୁଳ ମୋଟରଯାନ ନିର୍ମାତା ସଂଖ୍ୟା ବଢ଼ିବାରେ ଲାଗିଛି । ଭାରତରେ ଏବେ ପ୍ରତିଦିନ ୫୩୭୦୦ ଗାଡ଼ି ପଞ୍ଜୀକୃତ ହେଉଛି । ବ୍ୟାଙ୍କ ଓ ଘରୋଇ ଫାଇନାନ୍ସ କମ୍ପାନୀ ମାନଙ୍କର କୋହଳ ଋଣ ବ୍ୟବସ୍ଥାକୁ ଏହାର କାରଣ ରୂପ ବିଚାର କରାଯାଇପାରେ । ୨୦୨୨ରେ ଦୁଇଚକିଆ ଯାନ ଦୁର୍ଘଟଣା ସଂଖ୍ୟା ଥିଲା ୩୨.୯ ହଜାର । ଗତ ପାଂଚ ବର୍ଷ ଭିତରେ ଓଡ଼ିଶାରେ କିଶୋର ମାନଙ୍କ ଗାଡ଼ି ଚାଳନା ଯୋଗୁଁ ୩୫୦ ସଡ଼କ ଦୁର୍ଘଟଣା ଘଟି ୨୫ଟି ମୃତ୍ୟୁ ହୋଇଛି ।

ଯୁବପିଢ଼ି ଗାଡ଼ି ଚଳାଇବାର ଉନ୍ମାଦକୁ ନିରୁତ୍ସାହିତ କରିବା ଲାଗି ୧୮ ବର୍ଷରୁ କମ ବୟସର ଚାଳକଙ୍କୁ ଲାଇସେନ୍ସ ପ୍ରଦାନ ନକରିବା ଲାଗି ନିୟମ ରହିଛି । ଏଥିପାଇଁ ଜରିମାନା ବ୍ୟବସ୍ଥା ମଧ୍ୟ କରାଯାଇଛି । କେବଳ ଓଡ଼ିଶାରେ ଚଳିତ ବର୍ଷ ଅଦ୍ୟାବଧି ୩୫ ଠରୁ ଊର୍ଦ୍ଧ୍ୱ ଗାଡ଼ି ଜବତ ହେବା ସହିତ ୪ଲକ୍ଷ ୫୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ଜୋରିମାନା ଆଦାୟ ହୋଇସାରିଛି । ଏହି ପୃଷ୍ଠଭୂମିରେ ୪-ଇ ମଡ଼େଲର ଇଞ୍ଜିନିୟରିଂ ଉପରେ ଅଧିକ ଗୁରୁତ୍ୱ ଦେବାକୁ ପଡ଼ିବ । ସଡ଼କ ଦୁର୍ଘଟଣାର କାରଣ ମାନଙ୍କ ମଧ୍ୟରୁ ୬୦% ହେଉଛି ନିଶାସକ୍ତ ଗାଡ଼ି ଚାଳନା । ନିଶାସେବନ କରି ଚାଳକଙ୍କ ଆସନରେ ବସିଲେ ଗାଡ଼ି ଷ୍ଟାର୍ଟ ନ ହେବାର ଯେଉଁ ବ୍ୟବସ୍ଥା ଏବେ ବ୍ୟୟବହୁଳ ଗାଡ଼ିରେ ଉପଲବ୍ଧ ତାହା ସବୁ ଗାଡ଼ିରେ ବାଧ୍ୟତାମୂଳକ କରାଗଲେ ସଡ଼କ ଦୁର୍ଘଟଣା ଅନେକାଂଶରେ ହ୍ରାସ ପାଇପାରନ୍ତା । କର୍କଶ ହର୍ଣ୍ଣକୁ ସମ୍ପୂର୍ଣ୍ଣ ହଟାଇବା ସହିତ ଜରୁରୀକାଳୀନ ସେବା ବ୍ୟବସ୍ଥା କିପରି ପ୍ରଭାବଶାଳୀ ଭାବରେ ଲାଗି କରାଯାଇପାରିବ ସେ ଦିଗରେ ମଧ୍ୟ ଗୁରୁତ୍ୱ ଦେବାର ସମୟ ଆସିଛି । ବ୍ୟକ୍ତିଗତ ଗାଡ଼ି ଚଢ଼ିବାର ମାନସିକତା ପରିତ୍ୟାଗ କରି ସର୍ବସାଧାରଣ ଯାତାୟତର କିଭଳି ସର୍ବାଧିକ ଉପଯୋଗ କରାଯାଇପାରିବ ସେ ଦିଗରେ ଆମେ ଆମ ମାନସିକତାରେ ପରିବର୍ତ୍ତନ କରିବାର ସମୟ ଆସିଛି । ସଡ଼କ ଦୁର୍ଘଟଣାକୁ ଏଡ଼ାଇବା ଲାଗି ଯଦି ସରକାରଙ୍କ ଆନ୍ତରିକତା ଓ ନିଷ୍ଠା ଥାଏ ତେବେ ସାର୍ବଜନୀନ ପରିବହନ ସେବାକୁ ଆହୁରି ସୁସଂହତ, ଶୃଙ୍ଖଳିତ, ବ୍ୟବସ୍ଥିତ ଓ ଉନ୍ନତ କରିବା ସହିତ ପରିବାର ପିଛା ଗୋଟିଏ ଚାରିଚକିଆ ଗାଡ଼ି ନିୟମକୁ କଡ଼ାକଡ଼ି ଲାଗୁ କରିବା ଭଳି ନିର୍ଣ୍ଣାୟକ ଅଥଚ କଠୋର ଭୂମିକା ଗ୍ରହଣ କରିବାକୁ ପଡ଼ିବ । ଏଥିସହିତ ଏମଭି ଆଇନକୁ ସଂଶୋଧନ କରି ଆହୁରି କଠୋର କରିବାକୁ ହେବ ।

ଅଧ୍ୟକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ, ସେକ୍ଟର-୮, ସିଡିଏ, କଟକ,

ପାରାଦୀପରେ ଜରୁରୀକାଳୀନ ମକ ଡ୍ରିଲ ଅନୁଷ୍ଠିତ

ଜଗତସିଂହପୁର, ୦୭/୧୨ (ଆ.ପ୍ର) : ପାରାଦୀପରେ କଙ୍କର/ଇ ଫ କୋ ୱାଗନ୍ ଲୋଡିଂ ରୋଡ୍ ନିକଟରେ ଏକ ବୃହତ୍ ପରିମାଣର Offsite Emergency mock Drill ପରିଚାଳନା କରାଯାଇଥିଲା, ଯେଉଁଠାରେ ରୋଡ୍ ଟ୍ୟାଙ୍କରରୁ ଅମୋନିଆ ଲିକ୍ ହେବା ଓ ଏହା ଗୁରୁତର ସ୍ଥିତିରେ ପରିଣତ ହେବା ଘଟଣାକୁ ସିମୁଲେଟ କରାଯାଇଥିଲା । ଏହି ମହାଭ୍ୟାସଟି ପିପଏଲ୍ ପକ୍ଷରୁ ଜିଲ୍ଲା ପ୍ରଶାସନଙ୍କ ସହଯୋଗରେ ଓ ଫସକ୍ଟି ଆଣ୍ଡ ବଏଲର ସହ ନିର୍ଦ୍ଦେଶକ, ପାରାଦୀପଙ୍କ ଦିଗଦର୍ଶନ ରେ District Off-Site Emergency Plan ଅନୁଯାୟୀ ପରିଚାଳିତ ହୋଇଥିଲା । ମୁଖ୍ୟ ଉଦ୍ଦେଶ୍ୟ ଥିଲା ଯୋଗାଯୋଗ ପ୍ରଣାଳୀ, ସମ୍ପଦ ସୁଲଭତା, ଏବଂ ବହୁସଂସ୍ଥା ସମନ୍ୱୟକୁ ପରୀକ୍ଷା କରିବା ।ଏହି ଡ୍ରିଲରେ ନିରଞ୍ଜନ ବେହେରା (ଅତିରିକ୍ତ ଜିଲ୍ଲାପାଳ ପାରାଦୀପ), ଅଭିଷେକ ପଣ୍ଡା (ନିର୍ବାହୀ ଅଧିକାରୀ,ପାରାଦୀପ ମ୍ୟୁନିସିପାଲିଟି), ମନୋଜ କୁମାର ପଣ୍ଡା (ଫସକ୍ଟି ଆଣ୍ଡ ବଏଲର ଉପ ନିର୍ଦ୍ଦେଶକ, କଟକ) ଚନ୍ଦ୍ରଶେଖର ବେହେରା (ଫସକ୍ଟି ଆଣ୍ଡ ବଏଲର ସହ ନିର୍ଦ୍ଦେଶକ, ପାରାଦୀପ), ପୁଷ୍କର ଚନ୍ଦ୍ର ବେହେରା (ରିଜିଓନାଲ ଅଫିସର -ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ,) ଡ଼କ୍ଟର କେଳିକିଳା ଆଦିତ୍ୟ ରେଡ୍ଡି(ଡେପୁଟି କମାଣ୍ଡାଂଟ - ଏନଡିଆରଏଫ, କଟକ, କାର୍ତ୍ତିକ ଚନ୍ଦ୍ର ବିଶ୍ୱାଳ(ଫାୟାର ଅଫିସର, କୁଜଙ୍ଗ) ପୋଲିସ ବିଭାଗ, ଜିଲ୍ଲା ଆପଦ ବ୍ୟବସ୍ଥାପନ ଅଧିକାରୀ, ଘଉଜର କଟକ ଟିମ୍, ଅଠାରବଙ୍କି ହସ୍ପିଟାଲ, ମ୍ୟୁଚୁଆଲ୍ ଏଡ୍ ପାର୍ଟନର୍ ଏବଂ ଜଗତସିଂହପୁର ଜିଲା କ୍ରାଇସିସ ବିଭାଗର ସମସ୍ତ ସଦସ୍ୟମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ । ଘଟଣା ସନ୍ଦେହ ହେବା ସଙ୍ଗେ ସଙ୍ଗେ ଟ୍ୟାଙ୍କର ଡ୍ରାଇଭର ଗାଡିକୁ ସୁରକ୍ଷିତ ଜାଗାରେ ପାର୍କ କରିଥିଲେ, ଏରିଆକୁ ବ୍ୟାରିକେଡ୍ କରିଥିଲେ ଓ ଟେନ୍ସପୋର୍ଟ ଅପାତକାଳୀନ କାର୍ଡ ଅନୁଯାୟୀ ସମସ୍ତଙ୍କୁ ଏଲାର୍ଟ ଦେଇଥିଲେ । ଏହା ପରେ ପିପିଏଲ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ପାରାଦୀପ ଅଫିସରେ ଥିବା ଆପତକାଳୀନ ବିଭାଗକୁ ଅବଗତ କରାଯାଇଥିଲା । ପରେ ଆପତକାଳୀନ ବିଭାଗରୁ ସମସ୍ତ DCG ସଦସ୍ୟମାନଙ୍କ ସହ ସମ୍ପଦ ସମନ୍ୱୟ ଓ ସୂଚନା ବିତରଣ କରିଥିଲା । ପ୍ରଥମେ ପିପିଏଲର ଅଗ୍ନିଶମ ବିଭାଗ ଅପାତକାଳୀନ ସ୍ଥଳରେ ପହଂଚି ଅମୋନିଆ ଗ୍ୟାସ୍‌କୁ ନ୍ୟୁଟ୍ରାଲାଇଜ୍ ପାଇଁ ପାଣିର ସ୍ପ୍ରେ କରି ଆବରଣ କରୁଥିଲ । ପରେ ଇଫକୋ, ଆଇଓସିଲ, ପାରଦୀପ ପୋର୍ଟର ଅଗ୍ନିଶମ ବିଭାଗ ସହଯୋଗ ପାଇଁ ପହଂଚିଥିଲେ, ଏବଂ କୁଜଙ୍ଗ ଅଗ୍ନିଶମ ବିଭାଗ ଦ୍ୱାରା ରୋବଟିକ ମନିଟର ବ୍ୟବହାର କରି ନିକଟକୁ ଯାଇବା ବିନା ପ୍ରଭାବୀ ଭାବେ ପାଣି ସ୍ପ୍ରେକରିଥିଲେ ଓ ଏନଡିଆରଏଫ ଟିମ୍ Triage Station ସ୍ଥାପନା କରି ଆହତଙ୍କୁ ହସ୍ପିଟାଲକୁ ପଠାଇଲା । ପିପିଲ କମ୍ବାଟ ଟିମ ସମସ୍ତ ସୁରକ୍ଷା ସରଞ୍ଜାମ ସହିତ ସ୍ଥଳରେ ପ୍ରବେଶ କରି ଲିକେଜ୍ କୁ ସଫଳତାର ସହିତ ରୋକ୍ଥାମ କଲା ଓ ଶେଷରେ ଇକ୍ଷଣ-ଇକ୍ଷରବନ୍ଧ ସାଇରନ ଦିଆଗଲା । ପରବର୍ତ୍ତୀ ଡିବ୍ରିଫିଂରେ ଶିକ୍ଷା ଓ ସୁଧାର ପାଇଁ ପୃଥକ ଆଲୋଚନା ପରେ ଡ୍ରିଲ୍ ସଫଳ ଓ ସମନ୍ୱିତ ଭାବେ ସମ୍ପନ୍ନ ହେବା ଘୋଷଣା କରାଯାଇଥିଲା । ଶେଷରେ ପିପିଏଲ କାରାଖାନାର ମୁଖ୍ୟ ପାଲାନିସାମି ଭେଲୁସାମି ସମସ୍ତ ସଦସ୍ୟ ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବଙ୍କ ଯାଜପୁର ଜିଲ୍ଲା ଗସ୍ତ

ଯାଜପୁର, ୦୭/୧୨ (ଆ.ପ୍ର) : ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର (ଆଇଏଏସ୍) ଆଜି ଯାଜପୁର ଜିଲ୍ଲା ଗସ୍ତ କରି ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିବା ସହ କ୍ଷେତ୍ର ପରିଦର୍ଶନ କରିଛନ୍ତି । ଶ୍ରୀ ମିଶ୍ର ପ୍ରଥମେ ପ୍ରସ୍ତାବିତ ଗୋପାଳପୁର ହସ୍ତତନ୍ତ ଗ୍ରାମ ଏବଂ ହସ୍ତତନ୍ତ ସମବାୟ ପରିଦର୍ଶନ କରି ବୁଣାକାରମାନଙ୍କ ସ୍ଥିତି ବିଷୟରେ ତଦାରଖ କରିଥିଲେ । ଏହା ପରେ ସଠାପୁର କମ୍ପ୍ଲେକ୍ସ, ସାଇନ୍ସ ପାର୍କ ପ୍ରକଳ୍ପ ବୁଲି ଦେଖିଥିଲେ ଏବଂ ପର୍ଯ୍ୟଟନ ଦୃଷ୍ଟିରୁ ଏହାର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ । ଚାନ୍ଦମା ସ୍ଥିତ ଦକ୍ଷତା ବିକାଶ କେନ୍ଦ୍ର ଏବଂ ଦାନଗଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରିଥିଲେ । ଦାନଗଡି ଓ ସୁକିନ୍ଦା ଅଂଚଳରେ କିଡନୀ ରୋଗୀଙ୍କ ପାଇଁ ପ୍ରସ୍ତାବିତ ଡାୟଲିସିସ କେନ୍ଦ୍ର ଏବଂ କାଳିଆପାଣି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ମାଆ ଗୃହ ଓ ଏନଆରସି କେନ୍ଦ୍ର ସମ୍ପର୍କରେ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ଏହାସହ ଓଡ଼ିଶାର ୧୩ ଟି ନିର୍ଦ୍ଦିଷ୍ଟ ଦୁର୍ବଳ ଜନଜାତି ଗୋଷ୍ଠୀଙ୍କ ମଧ୍ୟରୁ ଅନ୍ୟତମ ମାଙ୍କିଡ଼ିଆ ଜନଜାତି ଗୋଷ୍ଠୀଙ୍କ ସହ ଆଲୋଚନା କରି ବିଭିନ୍ନ କଥା ପଚାରି ବୁଝିଥିଲେ । କ୍ଷେତ୍ର ପରିଦର୍ଶନ ସରିବା ପରେ ବ୍ୟାସନଗର ସ୍ଥିତ ଟାଉନ୍ ହଲରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ପ୍ରମୁଖ ଶାସନ ସଚିବ ଶ୍ରୀ ମିଶ୍ରଙ୍କ ସହ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଅତିରିକ୍ତ ଜିଲ୍ଲାପାଳ କଳିଙ୍ଗନଗର ସପନ କୁମାର ନନ୍ଦ, ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଉପ ଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ ଏବଂ ଜିଲ୍ଲାର ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ଜିଲ୍ଲାପାଳ ଶ୍ରୀ କର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ସମୀକ୍ଷା ବୈଠକରେ ଶ୍ରୀ ମିଶ୍ର କହିଥିଲେ ଯେ ଓଡ଼ିଶା ଏବେ ବିକାଶ ପଥରେ ଆଗେଇ ଚାଲିଛି, ଯେଉଁଥିରେ ଯାଜପୁର ଭଳି ଐତିହ୍ୟ ସମୃଦ୍ଧ ଜିଲ୍ଲାର ମଧ୍ୟ ଏକ ବଡ଼ ଯୋଗଦାନ ରହିଛି । ଶ୍ରୀ ମିଶ୍ର ନିଜ ବକ୍ତବ୍ୟରେ ଯାଜପୁରର ବୌଦ୍ଧକୀର୍ତ୍ତି ଏବଂ ପର୍ଯ୍ୟଟନ ଉପରେ ଗୁରୁତ୍ୱ ଦେଇଥିଲେ । ଏହାସହ ସମାଜର ସବୁଠୁ ଦୁର୍ବଳ ଶ୍ରେଣୀ ନିକଟରେ ଯେମିତି ସରକାରୀ ଯୋଜନା ଏବଂ ସୁବିଧା ପହଂଚି ପାରିବ, ସେ ଦିଗରେ ସମସ୍ତେ ମିଳିତ ପ୍ରୟାସ କରିବା ପାଇଁ ଜିଲ୍ଲା ସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ପ୍ରମୁଖ ଶାସନ ସଚିବ ଶ୍ରୀ ମିଶ୍ରଙ୍କ ଦିଗଦର୍ଶନ ଅନୁଯାୟୀ ଯାଜପୁର ଜିଲ୍ଲାରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକୁ ସୁଚାରୁ ରୂପେ କାର୍ଯ୍ୟକ୍ଷମ କରିବା ସହ ବିଭିନ୍ନ ପଦକ୍ଷେପ ନିଆଯିବ ବୋଲି ଜିଲ୍ଲାପାଳ ଅମ୍ବର କୁମାର କର କହିଥିଲେ । କାର୍ଯ୍ୟକ୍ରମ ଶେଷରେ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ଧନ୍ୟବାଦ ଅର୍ପଣ କରିଥିଲେ ।

ଜଳବାୟୁ ସୁରକ୍ଷା ପରିଷଦ ତରଫରୁ ଆରୋଗ୍ୟ ମିତ୍ର ଯୋଗାଭ୍ୟାସ ଶିବିର



ବଣାଇଁ, ୦୭/୧୨ (ଆ.ପ୍ର) : ବଣାଇଁ ସାମ୍ପ୍ରଦିକ ଭବନ ଠାରେ ଜଳବାୟୁ ସୁରକ୍ଷା ପରିଷଦ ତରଫରୁ ଆରୋଗ୍ୟ ମିତ୍ର ନିଯୁକ୍ତି ଓ ଯୋଗାଭ୍ୟାସ ନିମନ୍ତେ ତାଲିମ ଶିବିରର ବ୍ଲକ ସଂଯୋଜକ ଜୟନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବରେ ରାଜ୍ୟ ଜଳବାୟୁ ସୁରକ୍ଷା ପରିଷଦର ଅବାହକ ଜ୍ଞାନ ରଞ୍ଜନ ସ୍ୱାଇଁ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ବିପିନ କୁମାର ଭୋଏ, ସମ୍ମାନିତ ଅତିଥି ଭାବରେ ଲକ୍ଷ୍ମୀ ନାରାୟଣ ସାହୁ, କାଂଚନ ପାତ୍ର, ସାମ୍ପ୍ରଦିକ ପ୍ରଦୀପ କୁମାର ସାହୁ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଶିବିରକୁ ଉଦଘାଟନ କରିଥିଲେ । ବଣାଇ ବ୍ଲକ, ଗୁରୁଣ୍ଡିଆ ବ୍ଲକ, କୋଇଡା ବ୍ଲକ ଓ ଲହୁଣୀ ପଡା ବ୍ଲକରୁ ୪୫ ଜଣ ପୁରୁଷ ଓ ମହିଳା ଶିବିରରେ ଯୋଗଦେଇ ଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଯୋଗ ଶିକ୍ଷକ ଲୋଚନ ମାଝୀ, ଆୟୁର୍ବେଦ ଡାକ୍ତର ସୁରେନ୍ଦ୍ର କୁମାର ମୁଣ୍ଡା, ଦୁଷ୍ମନ୍ତ ସାହୁ, ସୁନୀଲ ମାହାନ୍ତ, ରଶ୍ମିତା ନାଏକ ପ୍ରମୁଖ ଯୋଗ ଦେଇ ସହଯୋଗ କରିଥିଲେ । ଶେଷରେ ଗୁରୁଣ୍ଡିଆ ବ୍ଲକ ସଂଯୋଜକ ସୁନୀଲ ଦଣ୍ଡସେନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ବଡ଼ ଚାମ୍ପିଆ ଠାରେ ରାୟଗଡ଼ା ଜିଲ୍ଲା କଳାକାର ମହାସଂଘ ପକ୍ଷରୁ କଳାକାର ସମ୍ମିଳନୀ ଅନୁଷ୍ଠିତ

ରାୟଗଡ଼ା, ୦୭/୧୨ (ଆ.ପ୍ର) : ରାୟଗଡ଼ା ଜିଲ୍ଲା କୋଲନରା ବ୍ଲକ୍ ବଡ଼ ଚମ୍ପିଆ ଗ୍ରାମ ଠାରେ ରାୟଗଡ଼ା ଜିଲ୍ଲା କଳାକାର ମହାସଂଘ ପକ୍ଷରୁ କଳାକାର ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଏଥିରେ ଜିଲ୍ଲା ସଭାପତି ସନ୍ତୋଷ କୁମାର ବଛା ଉପସ୍ଥିତ ରହିଥିବା ବେଳେ ମୁଖ୍ୟ ଅତିଥି ଭାବେ ମୁକୁନ୍ଦପୁର ବିଜେପି ମଣ୍ଡଳ ସଭାପତି ମନୋଜ କୁମାର ନାଲା ଉପସ୍ଥିତ ରହିଥିଲେଏବାଂ ସମ୍ମାନୀତ ଅତିଥି ଭାବେ ସରପଂଚ କୁନି ମାଣ୍ଡାଙ୍ଗି, ସମିତି ସଭ୍ୟା ସୁଜାତା ତୁନ, ନାଟ ଗୁରୁ ଉଜାରାଓ ମୁଟିକା, ଦାଶରଥି ଶବର, କଳାକାର ନାଗେଶ୍ୱର ହାରାକା, ରାମଚନ୍ଦ୍ର ତାଡ଼ିଙ୍ଗି ମଂଚାସିନ ରହିଥିଲେ । ଏଥିରେ ମୁଖ୍ୟତଃ କଳାକାର ମହାସଂଘ ମାଧ୍ୟମରେ । ସ୍ଥାନୀୟ କଳାକାର ସଂଗଠିତ ହୋଇ ଆଂଚଳିକ ଭାଷା କଳା ସଂସ୍କୃତିର ପ୍ରଚାର ପ୍ରସାର କରିବା ସହ କଳାକାରଙ୍କ ଜୀବନ ଜୀବିକା ସୁଦୃଢ଼ ହୋଇ କେମିତି ସେମାନଙ୍କର ଆର୍ଥିକ ଅଭିବୃଦ୍ଧି ହେବ ସେ ନେଇ ବିସ୍ତୃତ ଆଲୋଚନା ହୋଇଥିଲା । ପ୍ରଶାସନ ଓ ସରକାରଙ୍କ ନିର୍ଦ୍ଦେଶକୁ ପାଳନ କରି ସମାଜରେ ଜନ ସଚେତନ ଆଣିବା ସହ ଅଧିକରୁ ଅଧିକ ଲୁଚ୍ଛାୟିତ କଳାକାରଙ୍କୁ ଚିହ୍ନଟ କରି ଲୋକଲୋଚନ କରିବା ପାଇଁ ଜିଲ୍ଲା ସଭାପତି ଆହ୍ୱାନ କରିଥଲେ ।

କଂଟିଲୋ ପାର୍କିଙ୍ଗ ସ୍ଥଳରେ ଭୋଜିଭାତ କରୁଥିବା ପର୍ଯ୍ୟଟକ ଓ ଯାତ୍ରୀମାନଙ୍କ ଠାରୁ ଅର୍ଥ ଆଦାୟକୁ ନେଇ ଅସନ୍ତୋଷ

ଖଣ୍ଡପଡ଼ା, ୦୭/୧୨ (ଆ.ପ୍ର) : ନୟାଗଡ ଜିଲ୍ଲାର ଅନ୍ୟତମ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ପ୍ରଭୁ ଶ୍ରୀନୀଳମାଧବଙ୍କ କ୍ଷେତ୍ର କଂଟିଲୋକୁ ପରିଦର୍ଶନରେ ଆସୁଥିବା ଯାତ୍ରୀ, ପର୍ଯ୍ୟଟକ ଓ ଜନସାଧାରଣଙ୍କ ଠାରୁ କେତକ ଅସାମାଜିକ ବ୍ୟକ୍ତି ବିଭିନ୍ନ ଆଳ ଦେଖାଇ ଜୋର ଜୁଲୁମ କରି ମୋଟା ଅଙ୍କର ଅର୍ଥ ଆଦାୟ କରୁଥିବା ଅଭିଯୋଗ ହେଉଛି । ଫଳରେ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଯାନବାହନ ଗୁଡିକ ପାର୍କିଙ୍ଗ ନିମନ୍ତେ ଉଦ୍ଦିଷ୍ଟ ସ୍ଥାନରେ ଭୋଜିଭାତ କରୁଥିବା ଜନସାଧାରଣଙ୍କ ଠାରୁ କେତେକ ଅସାମାଜିକ ବ୍ୟକ୍ତି ଜୋର ଜବରଦସ୍ତ ଅର୍ଥ ଆଦାୟ କରୁଥିବା ଜଣାପଡିଛି । ପାର୍କିଙ୍ଗ ସ୍ଥାନରେ ଗାଡି ପାର୍କିଙ୍ଗ ବାବଦକୁ ଅର୍ଥ ଆଦାୟ ସହ ଜୋର ଜୁଲୁମ କରି ଭୋଜିଭାତ ବାବଦରେ ଅନଧିକାର ଭାବେ ଅର୍ଥ ଆଦାୟ କରାଯାଉଥିବା ଅଭିଯୋଗ ହେଉଛି । ଏପରି ବେଆଇନ ଭାବେ ଯଦି ଜନସାଧାରଣ, ପର୍ଯ୍ୟଟକ ଓ ସେଠାକୁ ପରିଦର୍ଶନରେ ଆସୁଥିବା ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଠାରୁ ଅର୍ଥ ଆଦାୟ କରାଯାଏ ତେବେ ଆଗାମୀ ଦିନରେ ପ୍ରଭୁ ଶ୍ରୀନୀଳମାଧବଙ୍କ କ୍ଷେତ୍ର କଂଟିଲୋକୁ ପରିଦର୍ଶନରେ ଆସୁଥିବା ଜନସାଧାରଣ ଓ ପର୍ଯ୍ୟଟକଙ୍କ ସଂଖ୍ୟା ହ୍ରାସ ପାଇବ ବୋଲି ସ୍ଥାନୀୟ ଅଂଚଳରେ ଚର୍ଚ୍ଚା ହେଉଛି । ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି । ତେବେ ଏ ସମ୍ପର୍କରେ ଖଣ୍ଡପଡ଼ା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ତହସିଲଦାର ବିଶ୍ୱବିଶ୍ରୁତ ତ୍ରିପାଠୀଙ୍କ ସହ ଯୋଗାଯୋଗ କରିବାରେ ସେଥିପ୍ରତି ସେ ଦୃଷ୍ଟି ଦେବେ ବୋଲି କହିଛନ୍ତି । ନୟାଗଡ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ଦୃତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି ।

ଗଜପତି ଜିଲ୍ଲାରେ ଗର୍ଭବତୀ ମହିଳା ୩କିମି ବୁହା ହେଲେ

ପାରଳାଖେମୁଣ୍ଡି, ୦୭/୧୨ (ଆ.ପ୍ର) : ଗଜପତି ଜିଲ୍ଲା ମୋହନା ବ୍ଲକ ଡେପାଗୁଡା ପଂଚାୟତର ମଣିଡିଅ ଗ୍ରାମର ଜଣେ ଗର୍ଭବତୀ ମହିଳା ଯନ୍ତ୍ରଣା ଅନୁଭବ କରିବାରୁ ଦୀର୍ଘ ୩ କିମି ଗ୍ରାମବାସୀଙ୍କ ଦ୍ୱାରା ବୁହାହୋଇ ନିଆଗଲା । ମଣିଡିଅରୁ ବାଙ୍କାରଡମା ପର୍ଯ୍ୟନ୍ତ ତାଂକୁ ବୁହାଇ ନିଆଯାଇଥିଲା । ସେଠାରୁ ଗଂଜାମ ଜିଲ୍ଲାର ଡେଂଗାକଣ୍ଡା ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା । ବହୁ ଦିନ ଧରି ସ୍ଥାନୀୟ ଗ୍ରାମବାସୀ ରାସ୍ତା ନିର୍ମାଣ ପାଇଁ ଦାବୀ ଜଣାଇଥିଲେ । ସେମାନେ ପ୍ରଶାସନର ଅବହେଳା ପାଇଁ ଦୁଃଖ ପ୍ରକାଶ କରିଛନ୍ତି ।

ଗଜପତି ଉତ୍ସବ ପ୍ରସ୍ତୁତି ବୈଠକ ବାତିଲ

ପାରଳାଖେମୁଣ୍ଡି, ୦୭/୧୨ (ଆ.ପ୍ର) : ପ୍ରସ୍ତାବିତ ଗଜପତି ଉତ୍ସବ ୨୦୨୫ ପ୍ରସ୍ତୁତି ବୈଠକ ବାତିଲ ହୋଇଯାଇଛି । ୬ ତାରିଖରେ ହେବାକୁ ଥିବା ଏହି ବୈଠକ ହଠାତ୍ ବାତିଲ ଘୋଷଣା କରାଯାଇଥିବାରୁ ଶିକ୍ଷାବିତ ମାନେ ଦୁଃଖ ପ୍ରକାଶ କରିଛନ୍ତି । ପ୍ରତ୍ୟେକ ବର୍ଷ ସାଧାରଣତଃ ଡିସେମ୍ବର ମାସରେ ୫ଦିନିଆ ଗଜପତି ଉତ୍ସବ ହୋଇଥାଏ ।ମାସକ ପୂର୍ବରୁ ଏହାର ପ୍ରସ୍ତୁତି ବୈଠକ ହୋଇଥାଏ । କିନ୍ତୁ ଏହି ବର୍ଷ ହଠାତ୍ ବନ୍ଦ ହୋଇଯିବାରୁ ଏହି ଉତ୍ସବ ହେବାନେଇ ଆଶଂକା ରହିଛି । ଗଜପତି ଜିଲ୍ଲାର ଐତିହ୍ୟ ଓ ସଂସ୍କୃତିକୁ ପରିପ୍ରକାଶ କରିବାପାଇଁ ପ୍ରତ୍ୟେକ ବର୍ଷ ଏହି ଉତ୍ସବ ଆଡମ୍ବର ସହକାରେ ପାଳନ କରାଯାଇଥାଏ ।

ଜି.ଉଦୟଗିରି ରାଜ୍ୟର ସବୁଠାରୁ ଶୀତଳତମ ସହର ରାଜ୍ୟରେ ସର୍ବନିମ୍ନ ତାପମାତ୍ରା ୪.୪ ଡିଗ୍ରୀ ସେଲସିୟସ

ଜି.ଉଦୟଗିରି, ୦୭/୧୨ (ଆ.ପ୍ର) : ଓଡ଼ିଶାର କନ୍ଧମାଳ ଜିଲ୍ଲାର ସବୁଜ ସୁନ୍ଦର ଚତୁଃପାର୍ଶ୍ୱରେ ପାହାଡ଼ ପର୍ବତ ଘେରି ରହିଥିବା ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ଜି.ଉଦୟଗିରି ଅଂଚଳ ରାଜ୍ୟର ସବୁଠାରୁ କମ୍ ତାପମାତ୍ରା ସହ ଶୀତଳତମ ସହର ଭାବେ ପରିଚିତ । ଭୁବନେଶ୍ୱର ପାଣିପାଗ ବିଭାଗର ସୂଚନା ଅନୁସାରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ଜି.ଉଦୟଗିରିରେ ରବିବାର ସକାଳ ୮ ଟା ସୁଦ୍ଧା ତାପମାତ୍ରା ୪.୪ ଡିଗ୍ରୀ ରେକର୍ଡ କରାଯାଇଛି । ଶନିବାର ଦିନ ୫.୪ ଡିଗ୍ରୀ ତାପମାତ୍ରା ରହିଥିଲା । ସରକାରୀ ସୂଚନା ଅନୁସାରେ ରବିବାର ସେମିଳିଗୁଡ଼ା ୬.୧, ରାଉରକେଲା ୭.୨, ଦାରିଙ୍ଗବାଡ଼ି ୭.୫, ଝାରସୁଗୁଡ଼ା ୭.୬, ଫୁଲବାଣୀ ୮ ଡିଗ୍ରୀ ସେଲସିୟସ ସହ ସର୍ବନିମ୍ନ ତାପମାତ୍ରା ରେକର୍ଡ଼ କରାଯାଇଛି । କିଛି ଦିନର ଲୁଚକାଳି ପରେ ଜି.ଉଦୟଗିରିରେ ଶୀତର ପ୍ରକୋପ ବଢ଼ିବାରେ ଲାଗିଛି । ପ୍ରବଳ ଜାଡ଼ ଥଣ୍ଡା ଶୀତଳ ଲହରୀ ଯୋଗୁଁ ଦେହ କାଲ ମାରୁଛି ଯେତେ ଶୀତ ବସ୍ତ୍ର ପିନ୍ଧିଲେ ମଧ୍ୟ ଅସହ୍ୟ କରିଛି ଶୀତ ଯନ୍ତ୍ରଣା । ଗାଁ ଠାରୁ ସହର ପର୍ଯ୍ୟନ୍ତ ଲୋକଙ୍କ ପାଇଁ ଶୀତ ଦାଉରୁ ରକ୍ଷା ପାଇବାକୁ ନିଆଁ ହିଁ ଏକମାତ୍ର ସାହା ଭରସା ବୋଲି ଅଂଚଳବାସୀଙ୍କ ମଧ୍ୟରେ ଚର୍ଚ୍ଚା ଚାଲିଛି । ଯେତେ ଗନ୍ଥା, କମ୍ବଳ, ରେଜେଇ ଘୋଡ଼େଇ ହେଲେ ମଧ୍ୟ ଅସହ୍ୟ ମନେ ହେଉଛି ଶୀତ । ସାହି ସାହିରେ ଗଳି କନ୍ଦିରେ ନିଆଁ ଜାଳି ଲୋକେ ନିଆଁ ପୁଇଁ ଥଣ୍ଡା ଉପଭୋଗ କରୁଛନ୍ତି । ଭୋର୍ ସକାଳୁ ଯୁବ ପିଢ଼ି ବ୍ୟାୟମ କରି ଶୀତ ସହ ସଂଘର୍ଷ କରୁଥିବା ବେଳେ ଶୀତର ମଜା ନେଉଛନ୍ତି । ସ୍ଥାନୀୟ ଅଂଚଳରେ ଥିବା ବିଭିନ୍ନ ପ୍ରାକୃତିକ ପର୍ଯ୍ୟଟନ ସ୍ଥଳୀ ଗୁଡ଼ିକରେ ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳୁଛି । ଆଗକୁ ଆହୁରି ତାପମାତ୍ରା କମିବା ସହ ପ୍ରବଳ ଶୀତ ହେବ ଓ ତୁଷାରପାତ ମଧ୍ୟ ହେବ ବୋଲି ବୁଦ୍ଧିଜିବୀ ମହଲରେ ଆଲୋଚନା ହେଉଛି ।

ଟ୍ରଲର ଧକ୍କାରେ ଦୁଇ ବାଇକ୍ ଆରୋହୀ ମୃତ

ବଣାଇଁ, ୦୭/୧୨ (ଆ.ପ୍ର) : ବଣାଇଁ ଉପଖଣ୍ଡ ଲହୁଣୀପଡା ଥାନା ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥ ରାସ୍ତା ଗମଲେଇ ଛକ ନିକଟରେ ମର୍ମାନ୍ତୁଦ ସଡ଼କ ଦୁର୍ଘଟଣାରେ ଦୁଇ ଜଣ ବାଇକ ଆରୋହୀଙ୍କର ଶୋଚନୀୟ ମୃତ୍ୟୁ ଘଟିଛି । ଘଟଣାରୁ ପ୍ରକାଶ ଯେ ଟିକିରାପୋଷ ଗ୍ରାମର ଝାସକେତନ(୪୭), ଲକ୍ଷ୍ମୀଧର କିଷାନ (୩୫) ବାଇକ ଯୋଗେ ଦୁଇ ଜଣ ଯୁବକ ଗମଲେଇ ସାପ୍ତାହିକ ହାଟକୁ ଛେଳି କିଣାବିକା କରିବା ପାଇଁ ଆସୁଥିବା ବେଳେ ନରେନ୍ଦ୍ର ପଟ୍ଟୁ ଆସୁଥିବା ଏକ ଟ୍ରଲର ଓଡି- ଜିରୋ ୨- ସି ଏଫ ୨୯୬୯ ନମ୍ବର ଗାଡି ଗମଲେଇ ଛକ ନିକଟରେ ବାଇକ ଆରୋହୀଙ୍କୁ ଧକ୍କା ଦେଇଥିଲା । ଫଳରେ ବାଇକରେ ବସିଥିବା ଦୁଇ ଜଣ ଯୁବକ ଟ୍ରଲର ଗାଡିର ଚକା ତଳେ ପଡିଯିବାରୁ ଗାଡ଼ିର ଚକା ଚଢି ଯିବାରୁ ଉଭୟଙ୍କ ମୁଣ୍ଡ ସହିତ ସମଗ୍ର ଶରୀର ମାଡିଯିବା ଫଳରେ ଘଟଣା ସ୍ଥଳରେ ଉଭୟଙ୍କ ଶୋଚନୀୟ ମୃତ୍ୟୁ ହୋଇଯାଇଥିବା ଜଣାପଡିଛି । ଖବର ପାଇ ଲହୁଣୀପଡା ପୋଲିସ ଥାନା ଅଧିକାରୀ ସୁରଜ ଝଙ୍କାର ଘଟଣାସ୍ଥଳରେ ପହଂଚି ଦୁର୍ଘଟଣା ଘଟି ଥିବା ଉଭୟ ଯୁବକର ଶବକୁ ଉଦ୍ଧାର କରି ଡାକ୍ତରଖାନାକୁ ପଠାଇଥିବା ସହିତ ଧକ୍କାରେ ଦେଇ ଥିବା ଟ୍ରଲରଟିକୁ ଅଟକ ରଖିବା ସହ ଡ୍ରାଇଭରକୁ ଥାନାରେ ଅଟକ ରଖି ଘଟଣାର ତଦନ୍ତ ଚାଲାଇଥିବା ଜଣାପଡ଼ିଛି ।

୧୯୮୬ ମାଟ୍ରିକ ବ୍ୟାଚ ସହପାଠୀଙ୍କ ବନ୍ଧୁମିଳନ

ଖଣ୍ଡପଡ଼ା, ୦୭/୧୨ (ଆ.ପ୍ର) : ଖଣ୍ଡପଡ଼ା ସହରର ଆରାଧ୍ୟା ମା' ଉମାଦେବୀଙ୍କ ପୀଠରେ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ଓ ଖଣ୍ଡପଡ଼ା ବାଳିକା ଉଚ୍ଚବିଦ୍ୟାଳୟ ୧୯୮୬ ମାଟ୍ରିକ ବ୍ୟାଚ ସହପାଠୀ, ସହପାଠିନୀଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି । ଦିର୍ଘ ୪୦ ବର୍ଷ ପରେ ୭୦ରୁ ଉର୍ଦ୍ଧ୍ୱ ସହପାଠୀ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଯୋଗଦେଇ ନିଜ ନିଜ ମଧ୍ୟରେ ଭାବର ଆଦାନ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ମା ଉମାଦେବୀଙ୍କ ନିକଟରେ ପୂଜାର୍ଚ୍ଚନା ପରେ ଗୁରୁପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପୂଜ୍ୟଗୁରୁ ଗୋପୀନାଥ ପ୍ରଧାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସହପାଠୀ ଓ ସହପାଠିନୀମାନେ ଭକ୍ତିପୂତ ପ୍ରଣାମ ଜଣାଇଥିଲେ । ପଣ୍ଡିତ ମନୋଜ ଦାଶ ଶ୍ଳୋକ ପାଠ କରିଥିଲେ । ବନ୍ଧୁମିଳନ କାର୍ଯ୍ୟକ୍ରମ ପରିଚାଳନାରେ ରାଜକିଶୋର ରଥ, ଅନନ୍ତ ମହାପାତ୍ର, ଭବାନୀଶଙ୍କର ସିଂହସାମନ୍ତ, ମନୋରଞ୍ଜନ ରଥ, ମନୋଜ କୁମାର ଦାଶ, ସନ୍ତୋଷ କୁମାର ଶତପଥୀ, ପ୍ରସନ୍ନ କୁମାର ଖୁଂଟିଆ, ବନପ୍ରସାଦ ମହାପାତ୍ର, ମାନସ ମୋହନ ମିଶ୍ର, କମଳାକାନ୍ତ ଦାଶ, ବିଭୂତି ମହାପାତ୍ରଙ୍କ ସମେତ ଅନ୍ୟମାନେ ସକ୍ରୀୟ ସହଯୋଗ କରିଥଲେ ।

ନବରଙ୍ଗପୁରର ଜିଲ୍ଲା ଯୁବ ରେଡକ୍ରସର ତ୍ରି-ଦିବସୀୟ ଶିକ୍ଷା ଓ ତାଲିମ ଶିବିର ଉଦ୍‌ଯାପିତ

ନବରଙ୍ଗପୁର, ୦୭/୧୨ (ଆ.ପ୍ର) : ନବରଙ୍ଗପୁର ଜିଲ୍ଲାର ସରକାରୀ ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ଠାରେ ଭାରତୀୟ ରେଡକ୍ରସ୍ ସୋସାଇଟି ଓଡ଼ିଶା ରାଜ୍ୟଶାଖା ଆନୁକୂଲ୍ୟରେ ନବରଙ୍ଗପୁର ଜିଲ୍ଲାସ୍ତରୀୟ ଯୁବ ରେଡକ୍ରସର ତିନି ଦିନିଆ ଶିକ୍ଷା ଓ ତାଲିମ ଶିବିର ଉଦଯାପିତ ହୋଇଯାଇଅଛି । ଉକ୍ତ ଉଦଯାପନୀ ଦିବସରେ ନବରଙ୍ଗପୁରର ବିଶିଷ୍ଟ ସମାଜସେବୀ ଜଗନ୍ନାଥ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ ନବରଂଗପୁର ମହାବିଦ୍ୟାଳୟର ଅଧକ୍ଷ ଡି ଗୋବିନ୍ଦା ରାଓ, କୋରାପୁଟ ଜିଲ୍ଲା ଯୁବ ରେଡକ୍ରସ ସଂଯୋଜକ ଡ. ନରେଶ ଚନ୍ଦ୍ର ସାହୁ, ନବରଙ୍ଗପୁରର ଜିଲ୍ଲା ଆବାହକ ଦିଲ୍ଲୀପ କୁମାର ହୋତା, ଜିଲ୍ଲା ସଂଯୋଜକ ଅକ୍ଷୟ କୁମାର ଭଟ୍ଟ, ଅଧାପିକା ଡ ସଂଯୁକ୍ତା ପଣ୍ଡା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଥିଲେ । ଅନୁଷ୍ଠାନର ଅଧକ୍ଷ ବିନୋଦ ବିହାରୀ ବେହେରା କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ବେଳେ ଅନୁଷ୍ଠାନର କାଉନସିଲର ଡ ସଂଯୁକ୍ତା ନାୟକ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ । ଅନୁଷ୍ଠାନର ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ମଂଚାସୀନ ଅତିଥିମାନେ ରେଡ କ୍ରସ ଭଳି ଅନ୍ତର୍ଜାତୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନର ଏହି ତିନି ଦିନିଆ ତାଲିମ୍ କାର୍ଯ୍ୟକ୍ରମରେ ରେଡ କ୍ରସ କିଭଳି ନିରପେକ୍ଷ ନିରନ୍ତର ଓ ସ୍ୱାଧୀନ ଭାବେ ସେବା କାର୍ଯ୍ୟ କରି ଜରୁରୀ ସମୟରେ ମାନବିକ ସେବା ଓ ସହଯୋଗର ହାତ ବଢ଼ାଇ ଆସୁଅଛି ସେ ସଂପର୍କରେ ଆଲୋକପାତ କରିବା ସହ ଯେଉଁ ବିଷୟ ଗୁଡିକ ବିଷୟରେ ତାଲିମ୍ ପ୍ରଦାନ କରାଗଲା ସେ ସବୁକୁ ନିଜ ନିଜ ଅନୁଷ୍ଠାନ ଗୁଡିକରେ ଉପଯୋଗ କରାଇ ପାରିଲେ ରେଡକ୍ରସ୍‌ର ବାର୍ତ୍ତା ସମସ୍ତଙ୍କ ପାଖରେ ପହଂଚି ପାରିବ ବୋଲି ମତ ପ୍ରକାଶ କରିଥିଲେ । ଏହାପରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଓ ସମସ୍ତ ସ୍ୱେଚ୍ଛାସେବୀମାନଙ୍କୁ ଅତିଥି ମାନେ ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ । ପ୍ରଥମ ଅଧିବେଶନରେ ରକ୍ତଦାନ ସମ୍ପର୍କରେ କୋରାପୁଟ ଜିଲ୍ଲା ଯୁବ ରେଡକ୍ରସ ସଂଯୋଜକ ଡ. ନରେଶ ଚନ୍ଦ୍ର ସାହୁ ଓ ସ୍ଥାନୀୟ ପୁଲିସ ବିଭାଗର ଏସଡିପିଓ କୃଷ୍ଣ ଚନ୍ଦ୍ର ଭତ୍ରା ଓ ତାଙ୍କରି ସହକର୍ମୀ ସାଇବର ସୁରକ୍ଷା ସମ୍ପର୍କରେ ସ୍ୱେଚ୍ଛାସେବୀ ମାନଙ୍କୁ ଶିକ୍ଷାଦାନ କରିଥିଲେ । ପ୍ରକାଶ ଥାଇ କି ଉକ୍ତ ତିନିଦିନିଆ ତାଲିମ୍ କାର୍ଯ୍ୟକ୍ରମ ଗତ ୫ ତାରିଖରୁ ଆରମ୍ଭ ହୋଇ ସ୍ୱେଚ୍ଛାସେବୀ ମାନଙ୍କ ପାଇଁ ବହୁ ଅଭିଜ୍ଞ ରାଜ୍ୟସ୍ତରୀୟ ଟ୍ରେନର ମାନେ ଯଥା ଗୋବିନ୍ଦ ରାଓ, ଉମାକାନ୍ତ ନାଗ, ଡଃ ନରେଶ ଚନ୍ଦ୍ର ସାହୁ, ଅକ୍ଷୟ କୁମାର ଭଟ୍ଟ ଓ ଜାତୀୟ ସ୍ତରର ପ୍ରଶିକ୍ଷକ ରଞ୍ଜନ ସ୍ୱାଇଁ ଯୋଗଦାନ କରି ରେଡକ୍ରସ ସମ୍ପର୍କିତ ଏହାର ଇତିହାସ, ମୌଳିକ ନୀତି, ପ୍ରାଥମିକ ଚିକିତ୍ସା, ନାରୀ ସଶକ୍ତି କରଣ, ଏଚ୍‌ଆଇଭି ଏଡ୍ସ, ସାଇବର ସୁରକ୍ଷା, ବିପର୍ଯ୍ୟୟ ପରିଚାଳନା, ସମ୍ପର୍କରେ ବିଭିନ୍ନ ଶୈଳୀରେ ଶିକ୍ଷା ଦାନ କରି ସ୍ୱେଚ୍ଛାସେବୀ ମାନଙ୍କୁ ଉତ୍ସାହିତ କରିଥିଲେ । ଜିଲ୍ଲାର ୩୫ ଗୋଟି ଉଚ୍ଚ ମାଧ୍ୟମିକ ଓ ମହାବିଦ୍ୟାଳୟର ପ୍ରାୟ ୧୨୦ ଜଣ ସ୍ୱେଚ୍ଛାସେବୀଙ୍କୁ ତାଲିମ୍ ପ୍ରଦାନ କରଯାଇଥିଲା । ଏହି ତିନି ଦିନିଆ ତାଲିମ୍ କାର୍ଯ୍ୟକ୍ରମରେ ଜିଲ୍ଲା ଯୁବ ରେଡକ୍ରସ ଅଧକ୍ଷ ଡି ଗୋବିନ୍ଦା ରାଓ, ଅନୁଷ୍ଠାନର ଅଧକ୍ଷ ବିନୋଦ ବିହାରୀ ବେହେରା, ଜିଲ୍ଲା ସଂଯୋଜକ ଅକ୍ଷୟ କୁମାର ଭଟ୍ଟ, ଆବାହକ ଦିଲ୍ଲୀପ କୁମାର ହୋତା , କାଉନସିଲର ଡ ସଂଯୁକ୍ତା ନାୟକ ପ୍ରମୁଖ ସହଯୋଗ କରିଥିଲେ ।

ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ରଙ୍କ ନୂଆପଡ଼ା ଗସ୍ତ: ତରବୋଡ ମଣ୍ଡି ଉଦ୍ଘାଟନ, ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦାନ

ନୂଆପଡା, ୦୭/୧୨ (ଆ.ପ୍ର) : ଓଡ଼ିଶା ରାଜ୍ୟର ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଆଜି ଦିନିକିଆ ଗସ୍ତରେ ନୂଆପଡ଼ା ଜିଲ୍ଲାକୁ ପହଂଚି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦାନ କରିଛନ୍ତି । ଗସ୍ତ ଅବସରରେ ସେ କୋମନା ବ୍ଲକ ଅନ୍ତର୍ଗତ ତରବୋଡ ମଣ୍ଡିର ଉଦ୍ଘାଟନ କରି ଚାଷୀମାନଙ୍କ ପାଇଁ ନୂତନ ବଜାର ସୁବିଧା ଆରମ୍ଭ କରିଛନ୍ତି । ମନ୍ତ୍ରୀ ପାତ୍ର ପରେ ଜିଲ୍ଲାର ବିଭିନ୍ନ ମଣ୍ଡି ପରିଦର୍ଶନ କରି ବର୍ତ୍ତମାନ ଚଳିଥିବା କ୍ରୟ-ବିକ୍ରୟ ପ୍ରକ୍ରିୟା ନିରୀକ୍ଷଣ କରିଛନ୍ତି । ମଣ୍ଡି ପରିଦର୍ଶନ ବେଳେ ସେ ଆନୁଷଙ୍ଗିକ ବ୍ୟବସ୍ଥା, ଚାଷୀ ସୁବିଧା ଓ ପ୍ରଶାସନିକ ନିୟମିତତା ନେଇ ବିଭାଗୀୟ ଅଧିକାରୀଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏହି ଗସ୍ତ ଅବସରରେ ନୂଆପଡ଼ା ବିଧାୟକ ଜୟ ଢୋଲକିଆ, ପୂର୍ବତନ ମନ୍ତ୍ରୀ ହିମାଂଶୁ ମେହେର, ପୂର୍ବତନ ସାଂସଦ ପ୍ରଭାତ ସିଂ, ସହିତ ଅନେକ ଦଳୀୟ ନେତା, କର୍ମୀ ଓ ସ୍ଥାନୀୟ ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ । ତାପରେ ମନ୍ତ୍ରୀ ପାତ୍ର ଭାଇଁସମୁଣ୍ଡି ଠାରେ ଆୟୋଜିତ ଧନ୍ୟବାଦ ଉତ୍ସବରେ ଯୋଗଦାନ କରିଛନ୍ତି । ସଭାରେ ସେ ଉପନିର୍ବାଚନ ସମୟରେ ଜୟଜଙ୍ଗା ମଣ୍ଡଳର ସମସ୍ତ ଗ୍ରାମବାସୀ ଓ ଅଂଚଳବାସୀଙ୍କ ଅପାର ସମର୍ଥନ ପାଇଁ ସାଧୁବାଦ ଜଣାଇଛନ୍ତି । ଦିନର ଶେଷରେ ସେ ନୂଆପଡ଼ା ଜିଲ୍ଲାପାଳ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଆୟୋଜିତ ସମୀକ୍ଷା ବୈଠକ ରେ ଯୋଗ ଦେଇ ଜିଲ୍ଲାର ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଓ ଯୋଗାଣ ବିଭାଗର କାର୍ଯ୍ୟନିଷ୍ପାଦନ ବିଷୟରେ ଅଲୋଚନା କରିଛନ୍ତି ।

ଜିଲ୍ଲାସ୍ତରରେ ଆତ୍ମ ନିର୍ଭର ସ୍ୱଦେଶୀ ମେଳା ଆୟୋଜନ ନିମନ୍ତେ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଆଭାଷିରେ ଜିଲ୍ଲା ପ୍ରଶାସନ ସହ ବୈଠକ

ଖୋର୍ଦ୍ଧା, ୦୭/୧୨ (ଆ.ପ୍ର) : ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଉନ୍ନୟନ କମିଶନର ଅନୁଗର୍ଗ ରାଜ୍ୟ ଲୋକସଭା ଭବନ ଦ୍ୱିତୀୟ ମହଲା ସମ୍ମିଳନୀ କକ୍ଷରୁ ସ୍ୱଦେଶୀ ମେଳା, ଆତ୍ମନିର୍ଭର ଭାରତ ପ୍ରତ୍ୟେକ ଜିଲ୍ଲା ସ୍ତରରେ ଆୟୋଜନ କରାଯିବା ନିମନ୍ତେ ବୈଠକ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ବୈଠକରେ ରାଜ୍ୟ ମିଶନ ଶକ୍ତି ବିଭାଗ ଶାସନ ସଚିବ, ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଶାସନ ସଚିବ, କୃଷି ବିଭାଗ ଶାସନ ସଚିବ, ଉଚ୍ଚ ଶିକ୍ଷା ବିଭାଗ ଶାସନ ସଚିବ, ଦକ୍ଷତା ବିକାଶ ଶାସନ ସଚିବ, ସଂସ୍କୃତି ବିଭାଗ ଶାସନ ସଚିବ, ଅଣୁ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ବିଭାଗ ଶାସନ ସଚିବ, ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ଶାସନ ସଚିବ ପ୍ରମୁଖ ଯୋଗଦେଇ ବିଭାଗୀୟ କାର୍ଯ୍ୟକ୍ରମ ଉପରେ ଜିଲ୍ଲା ସ୍ତରରେ ଆୟୋଜନ କରିବା ନିମନ୍ତେ ସୂଚନା ପ୍ରଦାନ କରିଥିଲେ । ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓସ୍ୱାନ୍ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଜିଲ୍ଲାର ବିଭିନ୍ନ ବିଭାଗୀୟ ଅଧିକାରୀ ଓ ଲାଇନ୍ ଡିପାର୍ଟମେଂଟ ଅଧିକାରୀମାନେ ଯୋଗ ଦେଇଥିଲେ । ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ଉନ୍ନୟନ କମିଶନର ଅନୁ ଗର୍ଗ ଆତ୍ମ ନିର୍ଭର ସ୍ୱଦେଶୀ ମେଳାର ଅଭିଯାନ ଓ ମେଳା ଆୟୋଜନ ସମ୍ବନ୍ଧରେ ପ୍ରମୁଖ ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ଉପରେ ସମସ୍ତ ଜିଲ୍ଲାପାଳ ତଥା ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ ମାନଙ୍କ ସହ ଆଲୋଚନା କରିଥିଲେ । ସ୍ୱଦେଶୀ ମେଳା ଓଡ଼ିଆ ଅସ୍ମିତା ଉଜ୍ଜୀବିତ କରିବା, ବୟନ, ହସ୍ତତନ୍ତ, ହସ୍ତ ଶିଳ୍ପ, ଅନୁସୂଚିତ ଜନଜାତି ମାନଙ୍କ ଟେରାକୋଟା ନିପୁଣ କାରିଗରୀ କୌଶଳକୁ ପ୍ରୋତ୍ସାହନ ଦେବା, ଜିଲ୍ଲାର ପାରମ୍ପାରିକ କଳାକୁ ପ୍ରାଧାନ୍ୟ ଦେବା, ବିଭିନ୍ନ, ପାରମ୍ପାରିକ କୃଷି, ମତ୍ସ୍ୟ ଚାଷ, ଗୋପାଳନ, ଉତ୍ପାଦ ଦ୍ରବ୍ୟ ବିପଣନ ବଜାର କାରବାରର ଅପୂର୍ବ ସୁଯୋଗ ସୃଷ୍ଟି କରାଯିବା ଉପରେ ଗୁରୁତ୍ୱ ପ୍ରଦାନ କରାଯିବ ବୋଲି ଅତିରିକ୍ତ ଶାସନ ସଚିବ ଶ୍ରୀମତୀ ଗର୍ଗ ପ୍ରକାଶ କରିଥିଲେ । ଜିଲ୍ଲାରେ ଏହି ସ୍ୱଦେଶୀ ମେଳା, ଆତ୍ମ ନିର୍ଭର ଭାରତ ୫ ରୁ ୬ ଦିନ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି ସମୟରେ ଗ୍ରାମୀଣ ଏବଂ ସ୍ଥାନୀୟ ଉତ୍ପାଦକୁ ପ୍ରୋତ୍ସାହନ ଦେବା, ପ୍ରଦର୍ଶନୀ କରି ବ୍ୟାପକ ପ୍ରଚାର ପ୍ରସାର କରାଯିବ । ସେହିପରି ଓଡ଼ିଆ ଓ ଓଡ଼ିଶାର ଅସ୍ମିତା ସଂସ୍କୃତି ଓ ପରମ୍ପରା, ପର୍ଯ୍ୟଟନ, ଐତିହ୍ୟ ର ବିକାଶ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବ । ଅଣୁ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ ଗୁଡ଼ିକ ଉତ୍ପାଦ ଜିଲ୍ଲା ଶିଳ୍ପ କେନ୍ଦ୍ର ପକ୍ଷରୁ, ପାରମ୍ପାରିକ ଜୈବିକ କୃଷି ଆଧୁନିକ ପଦ୍ଧତିରେ ଯନ୍ତ୍ରପାତି ବ୍ୟବହାର କରିବା ମତ୍ସ୍ୟ ଓ ପଶୁପାଳନ ଚାଷ, ମେଳାର ସୁରକ୍ଷା ଓ ନିରାପତା ଦିଗରେ ଯଥା ଅଗ୍ନିଶମ ସେବା, ପାନୀୟ ଜଳ, ପରିମଳ ସମସ୍ତ ପ୍ରକାର ବ୍ୟବସ୍ଥା, ସ୍ୱାସ୍ଥ୍ୟ ସେବା ଆଦି ସେବା ପ୍ରଦାନ କରିବାକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ନିର୍ଦ୍ଦେଶ ଦେଇଛନ୍ତି । କ୍ରୀଡ଼ାର ପ୍ରଚାର ପ୍ରସାର ନିମନ୍ତେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ର ଛାତ୍ରୀ ମାନଙ୍କୁ ନେଇ ପଦଯାତ୍ରା, ରାଲି କରାଇବା ବିଭିନ୍ନ ପ୍ରକାରର ପ୍ରତି ଯୋଗିତା କରାଇବାକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଖୋର୍ଦ୍ଧା କସ୍ତୁରୀ ବଳା ଜେନା, ଜିଲ୍ଲା କ୍ରୀଡ଼ା ଅଧିକାରୀ ଗୀତାଞ୍ଜଳି ପଣ୍ଡା, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ମୀରା ବେହେରା, ଜିଲ୍ଲା ମଙ୍ଗଳ ଅଧିକାରୀ ଡ଼ଃ ଗୀତାନଶ୍ରୁ ଦାଶ, ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଜିଲ୍ଲା ଶିକ୍ଷା ଅଧିକାରୀ ସୋନାମିକା ରାୟ, ସାଧାରଣ ପରିଚାଳିକା, ଜିଲ୍ଲା ଶିଳ୍ପ କେନ୍ଦ୍ର, ଖୋର୍ଦ୍ଧା,ସମୁଚିତା ମଲ୍ଲିକ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ସହକାରୀ ନିର୍ଦ୍ଦେଶକ, ବୟନ ଓ ହସ୍ତତନ୍ତ ଓ ହସ୍ତଶିଳ୍ପ ପ୍ରମୁଖ ଯୋଗଦେଇଥିଲେ ।

ବଣାଇଁଗଡ଼ ମହାବିଦ୍ୟାଳୟରେ ୫୩ ତମ କ୍ରୀଡା ଉତ୍ସବ ଉଦ୍ଯାପିତ

ବଣାଇଁ, ୦୭/୧୨ (ଆ.ପ୍ର) : ବଣାଇଁଗଡ଼ ମହା ବିଦ୍ୟାଳୟ ପରିସରରେ ଠାରେ ୫୩ ତମ ବାର୍ଷିକ କ୍ରୀଡା ଉତ୍ସବ ଅଧ୍ୟକ୍ଷ ଡ଼ଃ କେନାମଣି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବଣାଇ ସହକାରୀ ବନ ସଂରକ୍ଷକ ରବିକାନ୍ତ ମିନା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ବିଜୟ ବେହେରା, ଅଧ୍ୟାପକ ଡ଼ଃ ପ୍ରେମ ସାଗର ମାହାନ୍ତ, ଅଧ୍ୟାପିକା ଲିପିକା ପ୍ରଧାନ, ସାମ୍ବାଦିକ ପ୍ରଦୀପ କୁମାର ସାହୁ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ । ଏହି କ୍ରୀଡା ଉତ୍ସବ ଦୁଇ ଦିନ ଧରି ମହା ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ମହା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା । ଖେଳରେ କୃତି ଛାତ୍ର ଛାତ୍ରୀଙ୍କୁ ମଂଚାସିନ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରା ଯାଇଥିଲା । ଉଦଯାପିତ ଦିବସରେ ବ୍ୟବହୃତ ମଶାଲ ଜ୍ୟୋତିକୁ ବୁଝାଇ ଥିଲେ ଓ ବ୍ୟବହୃତ କ୍ରୀଡା ଝଣ୍ଡାକୁ ଅବତରଣ କରି ସମାପ୍ତ କରିଥିଲେ । ଏହି କ୍ରୀଡା କାର୍ଯ୍ୟକ୍ରମକୁ ପରିଚାଳନା କରିବା ପାଇଁ ମହା ବିଦ୍ୟାଳୟର ପରୀକ୍ଷାଗାର ସହାୟକ ବଜରଂଗୀ ଯାଦବ, ବିଜୟ ଦେହୁରୀ, ମହେଶ ମାହାନ୍ତ ଉପସ୍ଥିତ ରହି ପରିଚାଳନା କରି ଥିଲେ । କ୍ରୀଡା ଉତ୍ସବରେ ମହା ବିଦ୍ୟାଳୟର ଅଧ୍ୟାପକ ଅଧ୍ୟପିକା, କର୍ମଚାରୀ ଓ ଛାତ୍ର ଛାତ୍ରୀ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ । ଅଧ୍ୟାପକ ଜୟନ୍ତ ବେହେରା କ୍ରୀଡାର ମଂଚ ପରିଚାଳନା କରିଥିଲେ ।

ସରକାରୀ ମାନ୍ୟତା ପାଇଲା ସାଇ ସରସ୍ୱତୀ କନଭେଂଟ ସ୍କୁଲ

ଦଶପଲ୍ଲା/ଗଣିଆ, ୦୭/୧୨ (ଆ.ପ୍ର) : ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ ଅନ୍ତର୍ଗତ କରଡାପଡ଼ା ପଂଚାୟତ ଅଧୀନ ଗୋପିବଲ୍ଲଭପୁର ଗ୍ରାମରେ ଅବସ୍ଥିତ ସାଇ ସରସ୍ୱତୀ କନଭେଂଟ ସ୍କୁଲ୍ ଏକ ସରକାରୀ ଅନୁମତି ପ୍ରାପ୍ତ ଇଂରାଜୀ ମିଡିୟମ ସ୍କୁଲ୍ । ଏଠାରେ ତାଲିମ୍ ପ୍ରାପ୍ତ ଅଭିଜ୍ଞ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ଦ୍ୱାରା ସିବିଏସ୍‌ଇ ପାର୍ଟନ୍‌ରେ ପଂଚମ ଶ୍ରେଣୀ ପର୍ଯ୍ୟନ୍ତ କୁନି କୁନି ଛାତ୍ର ଛାତ୍ରୀ ମାନଙ୍କୁ ଶିକ୍ଷା ଦିଆଯାଇଥାଏ । ଉକ୍ତ ଶିକ୍ଷା ଅନୁଷ୍ଠାନଟି ଗଣିଆ ଅଂଚଳରେ ଏକ ଅଗ୍ରଣୀ ଶିକ୍ଷା ଅନୁଷ୍ଠାନ ରୂପେ ପରିଚିତ ହୋଇଥିବା ବେଳେ ଅନୁଷ୍ଠାନଟି ଗତ ନଭେମ୍ବର ମାସରେ ସରକାରଙ୍କ ଠାରୁ ମାନ୍ୟତା ପାଇଛି । ଏଅବସରରେ ସାଇ ସରସ୍ୱତୀ କନଭେଂଟ ସ୍କୁଲର ଅଧ୍ୟକ୍ଷ ଦୀପ୍ତି ରଞ୍ଜନ ଘଡ଼େଇ ଶୁକ୍ରବାର ଅପରାହ୍ନରେ ଏକ ସାମ୍ବାଦିକ ସମ୍ମିଳନୀ କରିଥିଲେ ।

ଧାନ କ୍ରୟ ଠିକ୍ ସମୟରେ କରିବାକୁ ବିଧାନସଭାରେ ପାରଳା ବିଧାୟକଙ୍କ ପ୍ରଶ୍ନ

ପାରଳାଖେମୁଣ୍ଡି, ୦୭/୧୨ (ଆ.ପ୍ର) : ପାରଳାଖେମୁଣ୍ଡି ବିଧାୟକ ରୂପେଶ କୁମାର ପାଣିଗ୍ରାହୀ ବିଧାନସଭା ଶୀତ ଅଧିବେଶନରେ ଚାଷୀମାନଙ୍କ ଠାରୁ ଠିକ୍ ସମୟରେ ଧାନ କ୍ରୟ କରିବାକୁ ପ୍ରଶ୍ନ କଲେ । ଗଜପତି ଜିଲ୍ଲାର ବିଶେଷ କରି କାଶୀନଗର ଓ ଗୋଷାଣି ବ୍ଲକରେ ବହୁ ପରିମାଣରେ ଧାନ ଉତ୍ପାଦିତ ହୋଇଥାଏ । ଜିଲ୍ଲା ପ୍ରଶାସନ ଡିସେମ୍ବର ୩୦ ତାରିଖରେ ମାଣ୍ଡି ଖୋଲାଯାଇ ଧାନ କ୍ରୟ କରିବାକୁ ନିର୍ଦ୍ଧାରଣ କରାଯାଇଛି । ତେଣୁ ଠିକ୍ ସମୟରେ ଚାଷୀମାନଙ୍କ ଠାରୁ ଧାନ କ୍ରୟ କରିବାକୁ କହିଥିଲେ । କାରଣ ଉଭୟ ଗୋଷାଣି ଓ କାଶୀନଗର ବ୍ଲକରେ ତେଲୁଗୁ ଭାଷାଭାଷୀ ଲୋକ ରୁହନ୍ତି । ସେମାନେ ପୋଂଗାଲ ମୁଖ୍ୟ ପର୍ବ ଭାବେ ପାଳନ କରିଥାନ୍ତି । ତେଣୁ ସେମାନଙ୍କର ଦୀର୍ଘ ବର୍ଷର ପରିଶ୍ରମର ମୂଲ୍ୟ ଦେବାକୁ ସେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଗତ ବର୍ଷ ଟୋକନ୍ ମିଳିବାରେ ବିଳମ୍ବ ହୋଇଥିଲା । ତେଣୁ ଏହି ବର୍ଷ ଏହି ସବୁ ସମସ୍ୟା ଯେମିତି ନ ଉପୁଜେ ସେଥିପାଇଁ ଦୃଷ୍ଟି ଦେବାକୁ କହିଛନ୍ତି ।

ପ୍ରଶାସନର ଆଡୁଆଳରେ ଗୋଠିଣା ବସନ୍ତା କାଳିପଡିଆ ରାସ୍ତା ମାଟି ପକାଇ ରାସ୍ତା ନିର୍ମାଣ କଲେ ଚାଷୀ

ଜଗତସିଂହପୁର, ୦୭/୧୨ (ଆ.ପ୍ର) : ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଜଗନ୍ନାଥପୁର ଗ୍ରାମ ପଂଚାୟତ ଗୋଠିଣା ଗ୍ରାମର ଚାଷୀ ନିଜ ପ୍ରଚେଷ୍ଟାରେ ମାଟି ପକାଇ ରାସ୍ତା ନିର୍ମାଣ କରୁଥିବାର ଦେଖିବାକୁ ମିଳିଛି । ଏଠାରେ ପ୍ରକାଶ ଥାଉ କି ମାଛଗାଁ ମୁଖ୍ୟ କେନାଲର ଶାଖା କେନାଲ ଯଥା ୬ ନମ୍ବର ଗୋଠିଣା ଆର୍ ଡି ରାସ୍ତା ଠାରୁ ଦୀର୍ଘ ୩ କିମିରୁ ଉର୍ଦ୍ଧ୍ୱ ରାସ୍ତା ବସନ୍ତା କାଳି ପଡ଼ିଆ ରାସ୍ତାଟି ରଘୁନାଥପୁର ଜଗତସିଂହପୁର ସଦରମହକୁମାକୁ ଯାଇଥିବା ପୂର୍ତ୍ତବିଭାଗ ରାସ୍ତାକୁ ସଂଯୋଗ କରିଛି । ଏହି ରାସ୍ତା ମଧ୍ୟରୁ ଗୋଠିଣା ଗ୍ରାମର ୬ ନମ୍ବର କେନାଲ ବନ୍ଧ ଗତବର୍ଷ ଜଗନ୍ନାଥ ପୁର ପଂଚାୟତର ଅର୍ଥ ଅନୁଦାନରେ କିଛି ଢଳେଇ ରାସ୍ତା ହୋଇଥିବା ବେଳେ ଆଉକିଛି ପରିମାଣର ରାସ୍ତା ଜଗତସିଂହପୁର ଜଳସେଚନ ବିଭାଗ ଦ୍ୱାରା ନାଳି ମୋହରମ୍ ରାସ୍ତା କରାଯାଇଥିଲେ ମଧ୍ୟ ଆଉ ଅବଶିଷ୍ଟ ୨ କିମିରୁ ଉର୍ଦ୍ଧ୍ୱ ରାସ୍ତା ମାଟି ରାସ୍ତା ରହିଛି । ଯାହା ଫଳରେ ଏହି ରାସ୍ତା ଦେଇ ଯାତାୟାତ ସନ୍ତୋଷପର ନୁହେଁ । ତେବେ ଏହି ରାସ୍ତା ଉପରେ ଗୋଠିଣା, ବିରାଟ କଟକ, ବସନ୍ତା, କନ୍ଦରାପଟି, ପାଟଣା, ଧରାଧରପୁର ଗୋପାଳପୁର ପ୍ରାୟ ୭ଗୋଟି ଗ୍ରାମର ଚାଷୀ ଧାନ, ଆଖୁ, ବିରି, ମୁଗ ଏବଂ ବିଭିନ୍ନ ପନିପରିବା ଫସଲ ଅମଳକରି ନେବାପାଇଁ ଟ୍ରାକ୍ଟର,ଟ୍ରକ ପରି ଚାରି ଚକିଆ ଯାନ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି । ଦୁଃଖ ଓ ପରିତାପର ବିଷୟ ଏହି କି ଯେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ଏହି ରାସ୍ତାର ପୂନ୍ନର ଉଧାର ପାଇଁ ପ୍ରସାନର ନିଦଭାଙ୍ଗୁନାହିଁ । ତେବେ ଏହି ଅଂଚଳର କିଛି ଚାଷୀ ତାଙ୍କର ଖରିଫଧାନ ଫସଲ ଅମଳ କରି ଆଣିବା ପାଇଁ ନିଜ ଚେଷ୍ଟାରେ ମାଟି ପକାଇ ପ୍ରତିବର୍ଷ ଏହି ରାସ୍ତା ନିର୍ମାଣ କରିଥାନ୍ତି । ଚଳିତ ବର୍ଷ ମଧ୍ୟ ଗ୍ରାମବାସୀ ଏହି ରାସ୍ତାରେ ମାଟିପକାଇ ନିର୍ମାଣ କରୁଥିବାର ଦେଖିବାକୁ ମିଳିଛି । ସରକାର ଚାଷୀମାନଙ୍କ ସମସ୍ୟାକୁ ନଜରଦେଇ ତୁରନ୍ତ ଏହି ରାସ୍ତାଟିକୁ ପକ୍କା ରାସ୍ତା କରିବା ପାଇଁ ଅଂଚଳର ଚାଷୀ ଶରତ ଚନ୍ଦ୍ର ବାରିକ, ଗୋପାଳ ସ୍ୱାଇଁ, ପବିତ୍ର ନାୟକ, ସମୟ ସ୍ୱାଇଁ, ସମ୍ଭୁନାଥ ସ୍ୱାଇଁ, ଏବଂ ନୃସିଂହ ମହାପାତ୍ରଙ୍କ ସମେତ ଅଂଚଳର ଶତାଧିକ ଚାଷୀ ସରକାରଙ୍କ ନିକଟରେ ଦୃଢ଼ ଦାବି କରିଛନ୍ତି ।

ନାଗପୁର ଠାରେ କାର୍ଯ୍ୟକର୍ତ୍ତା ବୈଠକ

ନିମାପଡା, ୦୭/୧୨ (ଆ.ପ୍ର) : ନିମାପଡା ଗୋପ ନିର୍ବାଚନ ମଣ୍ଡଳୀର ନାଗପୁର ପଂଚାୟତରେ ପୂର୍ବତନ ମନ୍ତ୍ରୀ ତଥା ବିଜେପି ରାଜ୍ୟ ମୁଖପାତ୍ର ସମୀର ରଞ୍ଜନ ଦାସ ମହୋଦୟଙ୍କ ନେତୃତ୍ୱରେ କାର୍ଯ୍ୟକର୍ତ୍ତା ବୈଠକ ଅନୁଷ୍ଠିତ ହୋଇଯାଇଛି ଏହି ବୈଠକରେ ବରିଷ୍ଠ ନେତୃତ୍ୱ - ଜୀବନାନନ୍ଦ ମହାପାତ୍ର, ପୂର୍ବତନ ସରପଂଚ- ଅକ୍ଷୟ କୁମାର ନିସଙ୍କ, ପଂଚାୟତ ନେତୃତ୍ୱ- ପ୍ରଦୀପ କୁମାର ପାତ୍ର, ଗୋପ ବ୍ଲକ ଯୁବନେତୃତ୍ୱ - ମନ୍ଦୀପ ପାଇକିରାୟ, ନାୟବ ସରପଂଚ- ନିରଞ୍ଜନ ରାଉତ, ନାରୀନେତ୍ରୀ- କଞ୍ଚନା ଦାଶ, ପ୍ରଫୁଲ କୁମାର ଦାଶ, ପ୍ରକାଶ କାଣ୍ଡି, ସୁବାସ ମାଣିକ, ପବିତ୍ର ମହାପାତ୍ର, କାର୍ତ୍ତିକ ନାୟକ ଏବଂ ୩୦୦ରୁ ଉର୍ଦ୍ଧ୍ୱ ସକ୍ରିୟ କାର୍ଯ୍ୟକର୍ତ୍ତା ପ୍ରମୁଖ ଯୋଗ ଦେଇଥିଲେ ଏହି ବୈଠକ ରେ ସର୍ବ ସମ୍ମତି କ୍ରମେ ଏକ ୧୭ ଜଣିଆ କମିଟି ଗଠନ କରାଗଲା ଓ ଏହି କମିଟିର ଆବାହକ ଭାବେ- ପ୍ରଦୀପ କୁମାର ପାତ୍ର, ସହ ଆବାହକ ଭାବେ- ନିରଞ୍ଜନ ରାଉତ ଓ କାର୍ତ୍ତିକ ନାୟକଙ୍କୁ ମନୋନିତ କରାଗଲା । ପରେ ଶ୍ରୀ ଦାସ ଚାରି ଛକ ଦୈନିକ ହାଟରେ ହେଉଥିବା ଲକ୍ଷ୍ମୀ ପୂଜା କାର୍ଯ୍ୟ କ୍ରମରେ ଯୋଗ ଦେଇଥିଲେ । ଦୈନିକ ହାଟ ପକ୍ଷରୁ ପୂର୍ବତନ ମନ୍ତ୍ରୀ ଶ୍ରୀ ଦାସ, ବରିଷ୍ଠ ସାମ୍ବାଦିକ ବସନ୍ତ ଦାସ, ଗୋଦର ସରପଂଚଙ୍କ ପ୍ରତିନିଧି ପ୍ରଶାନ୍ତ ବେହେରା, ସଭାପତି ରମା ରମଣ ଦେବ ପାତ୍ର ଥାନା ଅଧିକାରିଣୀ ମମତା ବିଶ୍ୱାଳଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । କମିଟି ସଭାପତି ଗୌରାଙ୍ଗ ପରିଡା, ହାଟ ପରିଚାଳକ ଶିଶିର ନାୟକ, ବ୍ରଜ କିଶୋର ଦାସ, ବାବୁ ସାହୁ, ସମେତ ବହୁ କର୍ମୀ ଓ ହାଟ ବ୍ୟବସାୟୀ ମାନେ ଯୋଗ ଦେଇଥିଲେ । ପ୍ରିୟଙ୍କା ଦର୍ଶିନୀ ସାହୁ ଓ ସାଥି ମାନଙ୍କ ଦ୍ୱାରା ପାଲା ପରିବେଷଣ ଅତି ଉଚ୍ଚ କୋଟିର ହୋଇଥିଲା । ଆସନ୍ତା କାଲି ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ପ୍ରକାଶ ।

ଏକ ଦିନିଆ ଦକ୍ଷତା ବିକାଶ କର୍ମଶାଳା

କଲ୍ୟାଣସିଂହପୁର, ୦୭/୧୨ (ଆ.ପ୍ର) : ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ଅନ୍ତର୍ଗତ ଶିକରପାଇ ସରକାରୀ ଉଚ୍ଚ ବିଦ୍ୟାଳୟ ଆନୁକୂଲ୍ୟରେ ପରିବେଶ ଅଧ୍ୟୟନ କେନ୍ଦ୍ର ତଥା ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଅଧୀନରେ ଏକଦିନିଆ ଦକ୍ଷତା ବିକାଶ କର୍ମଶାଳା ଆୟୋଜିତ ହୋଇଯାଇଛି । ଏହି କର୍ମଶାଳାର ପ୍ରସଙ୍ଗ ଥିଲା 'ପରିବେଶ ଅନୁକୂଳ ମାଟି କଳା' । ଏହି କର୍ମଶାଳା ରେ କଲ୍ୟାଣସିଂହପୁର ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ପ୍ରାୟ ୫୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ସହ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ଏହି କର୍ମଶାଳାର ମୁଖ୍ୟ ଆଭିମୁଖ୍ୟ ଥିଲା ପିଲାମାନେ ଏବଂ ଯୁବ ପିଢ଼ି ପ୍ରକୃତି ଏବଂ ବ୍ୟବହାରିକ କାର୍ଯ୍ୟକଳାପରୁ ଅଭିଜ୍ଞତା ସହିତ ଶ୍ରେଣୀଗୃହରୁ ଲାଭ କରୁଥିବା ଜ୍ଞାନକୁ ପରିପୂରକ କରିବା । ପ୍ରକୃତି ସହ ଜଡ଼ିତ ହୋଇ ମାଟିକୁ ତଥା ମାଟିକୁ ନେଇ ବଂଚୁଥିବା କର୍ମଜୀବୀ ମାନଙ୍କୁ ସମ୍ମାନ ଦେବା । ଏହି କାର୍ଯ୍ୟକ୍ରମ ବିଦ୍ୟାଳୟର ଅଧ୍ୟକ୍ଷ ରଞ୍ଜିତ କୁମାର ଗିରିଙ୍କ ପୃଷ୍ଠପୋଷକତାରେ ତଥା ଇକୋ କ୍ଲବ୍‌ର ପରିଚାଳକ ତାପସ ଦଳାଇଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା । ମୁଖ୍ୟ ଅତିଥି ରୂପେ ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଦୀପକ ବେହେରା, ସମ୍ମାନିତ ଅତିଥି ରୂପେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁରଜ୍ ବାତ୍ରିଆ, ବିଦ୍ୟାଳୟ ପରିଚାଳନା କମିଟିର ଉପାଧ୍ୟକ୍ଷ ଡ଼ମ୍ବରୁଧର କଞ୍ଚାକା , ସାମ୍ବାଦିକ ତଥା ସମାଜସେବୀ ମାଲେସ କୌଶଲ୍ୟା ମଂଚାସୀନ ହୋଇଥିଲେ । ସ୍ଥାନୀୟ କୁମ୍ଭାର ମାନଙ୍କୁ ସମ୍ମାନିତ କରିବା ସହ ସେମାନଙ୍କ କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପିଲାମାନଙ୍କ ସହ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଅତି ଉତ୍ସାହର ସହ ଭାଗ ନେଇ ମାଟିରେ ବିଭିନ୍ନ ଜିନିଷ ଗଢ଼ିଥିଲେ । ଏଥି ସହ ବିଦ୍ୟାଳୟରେ ପୁସ୍ତକ ପ୍ରଦର୍ଶନୀ କରାଯାଇଥିଲା । ସ୍ଥାନୀୟ ବୁଦ୍ଧିଜୀବୀ ମାନଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମର ଉଚ୍ଚ ପ୍ରଶଂସା କରାଯାଇଥିଲା । ସିକରପାଇ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ କର୍ମଚାରୀଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସୁରୁଖୁରୁରେ ସମ୍ପାଦିତ ହୋଇଥିଲା ।

ପ୍ରାକ୍ତନ ବିଧାୟକ ସ୍ୱର୍ଗତ ମୁରଲୀଧର ଜେନାଙ୍କ ୫୯ ତମ ଶ୍ରାଦ୍ଧ ସମାରୋହ ବିଭିନ୍ନ ସ୍ଥାନରେ ପାଳନ

ଧାମନଗର, ୦୭/୧୨ (ଆ.ପ୍ର) : ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଅବିଭକ୍ତ ଧାମନଗର- ଭଣ୍ଡାରୀପୋଖରୀ ନିର୍ବାଚନ ମଣ୍ଡଳୀର ପ୍ରାକ୍ତନ ବିଧାୟକ, ଦରଦୀ ଜନନେତା ସ୍ୱର୍ଗତ ମୁରଲୀଧର ଜେନାଙ୍କ ୫୯ ତମ ଶ୍ରାଦ୍ଧ ସମାରୋହ ଧାମନଗର ସ୍ଥିତ ସ୍ୱାଧୀନତା ସଂଗ୍ରାମର ପୀଠ ମହତାବ ସେବାସଦନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସଭା ପ୍ରାରମ୍ଭରେ ଅତିଥି ମାନଙ୍କ ଦ୍ୱାରା ସେବାସଦନ ପରିସରରେ ଥିବା ସ୍ୱର୍ଗତ ମୁରଲୀଧର ଜେନାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା । ହାଇକୋର୍ଟର ଆଇନଜୀବୀ ଦେବାଶିଷ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ବରିଷ୍ଠ ସାମ୍ବାଦିକ ତଥା ମହତାବ ସେବାସଦନର ପରିଚାଳକ ବାସୁଦେବ ତ୍ରିପାଠୀ ପ୍ରାରମ୍ଭିକ ଭାଷଣ ଦେଇଥିଲେ । ଏବିଭାଗ ହେମେନ୍ଦ୍ର ନାଥ ମହାନ୍ତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ସାଂସଦ ମୁରଲୀଧର ଜେନା, ସମ୍ମାନିତ ଅତିଥି ଭାବେ ଭଦ୍ରକ ଜିଲ୍ଲାପରିଷଦ ଉପାଧ୍ୟକ୍ଷା ଟୁଳିବାଳା ବିଶ୍ୱାଳ, ପ୍ରାକ୍ତନ ପଂଚାୟତ ସମିତି ଅଧ୍ୟକ୍ଷ ଅଶୋକ କୁମାର ନାୟକ, କଂଗ୍ରେସ ଯୁବ ନେତା ଅଭିଷେକ ରାଉତ, କାନ୍ତ ସାହିତ୍ୟ ପରିଷଦର ସଭାପତି ରସାନନ୍ଦ ମହାପାତ୍ର, ଅବସରପ୍ରାପ୍ତ ପ୍ରାଧ୍ୟାପକ ରବୀନ୍ଦ୍ର କୁମାର ଦେହୁରିଆ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଜେନାଙ୍କ ସେବା ସମର୍ପଣ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଶ୍ରଦ୍ଧାଞ୍ଜଳି ସଭାରେ ଶିକ୍ଷାବିତ ମହେଶ୍ୱର ସ୍ୱାଇଁ, ହୃଦାନନ୍ଦ କର, ଭାବଗ୍ରାହୀ ଖୁଂଟିଆ, ଆଇନଜୀବୀ ଅମରେନ୍ଦ୍ର ମହାନ୍ତି, ମାନସ ରଞ୍ଜନ ସାହୁ, ମାନସ କୁମାର ରାଉତ, ପ୍ରସନ୍ନ କୁମାର ଧଳ, କୁଳମଣି ବେହେରା, ଶିକ୍ଷକ ମନୋଜ ସିଂ, ସାମ୍ବାଦିକ ସେକ ଜାଫର ଅଲ୍ଲୀ, ରଜତ କୁମାର ପଣ୍ଡା, ସରୋଜ କୁମାର ସେଠୀ, ଗୋଲାମ ଜିଲାନୀ ହବିବି, ପ୍ରଦୀପ କୁମାର ମହାପାତ୍ର, ପ୍ରମୋଦ କୁମାର ସ୍ୱାଇଁ, ଅନନ୍ତ ଜେନା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମୁରଲୀଧର ଜେନାଙ୍କ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏଥିରେ ବହୁ ସାମ୍ବାଦିକ, ଶିକ୍ଷାବିତ୍, ସାହିତ୍ୟିକ, ବୁଦ୍ଧିଜୀବୀ ଓ ସମାଜସେବୀ ପ୍ରମୁଖ ଯୋଗଦେଇଥିଲେ । ଶେଷରେ ସାମ୍ବାଦିକ କୃଷ୍ଣ ଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ସହିପରି ଧାମନଗର ବ୍ଲକ ଅନ୍ତର୍ଗତ ଭଗବାନପୁର ସରକାରୀ ବିଦ୍ୟାଳୟ ପରିସରରେ ସ୍ୱର୍ଗତ ଜେନାଙ୍କ ଶ୍ରାଦ୍ଧ ସଭା ଅନୁଷ୍ଠିତ ହୋଇଥିବା ବେଳେ ବ୍ଲକ ଅଧିନ ଧୁସୁରୀ ସ୍ଥିତ ମୁରଲୀଧର ସରକାରୀ ହାଇସ୍କୁଲ ପରିସରରେ ମୁରଲୀଧର ଯେନଙ୍କ ଶ୍ରାଦ୍ଧ ଦିବସ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ହୋତାଙ୍କ ସଭାପତତ୍ୱରେ ଅନୁଷ୍ଠିତ ଶ୍ରାଦ୍ଧ ସଭାରେ ବରେଣ୍ୟ ଅତିଥି ଭାବେ ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ ରାମହରି ଗୋସ୍ୱାମୀ ପ୍ରଥମେ ପ୍ରଦୀପ ପ୍ରଜ୍ୱଳନ କରି ସଭା ଆରମ୍ଭ କରିଥିଲେ । ଏଥିରେ ବରେଣ୍ୟ ଅତିଥି ଭାବେ ଧାମନଗର ପଂଚାୟତ ସମିତିର ପ୍ରାକ୍ତନ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ସରପଂଚ ଅନ୍ତର୍ଯ୍ୟାମୀ ପତି, ପ୍ରାକ୍ତନ ଜିଲ୍ଲା ସଭାପତି ରମାକାନ୍ତ ପରିଡ଼ା, ପ୍ରାକ୍ତନ ପ୍ରଧାନ ଶିକ୍ଷକ ବାବାଜୀ ଚରଣ ପଣ୍ଡା ଓ ଶାନ୍ତନୁ କୁମାର ରାଉତ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଓ କାହିଁ ନେତା ମୁରଲୀ ସଙ୍ଗୀତ ପରିବେଷଣ କରି ଥିଲେ । ଏହି ଅବସରରେ ମାଟ୍ରିକ ପରୀକ୍ଷା ରେ ପ୍ରଥମ ହୋଇ ଥିବା ଛାତ୍ର ଆଦ୍ୟ ଓଁକାର ଦାଶଙ୍କୁ ଗୟାଧର ପଣ୍ଡା ସ୍ମୃତି ସମ୍ମାନ ଓ ଅର୍ଜ୍ଜୁନ ଚରଣ ହୋତା ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା । ଓ ଦଶମ ଶ୍ରେଣୀର ଛାତ୍ରୀ ବିଜୟ ଲକ୍ଷ୍ମୀ ସେଠୀଙ୍କୁ ତୁଳସୀ ହୋତା ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା । ବକ୍ତୃତା ଓ ସଂଗୀତ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପ୍ରମାଣ ପତ୍ର ଓ ପୁରସ୍କାର ପ୍ରଦାନ୍ କରାଯାଇଥିଲା ।

୨୦୦୦ ବ୍ୟାଚର ବନ୍ଧୁମିଳନ ଅନୁଷ୍ଠିତ

ତିର୍ତୋଲ, ୦୭/୧୨ (ଆ.ପ୍ର) : ତିର୍ତୋଲ ବ୍ଲକ ଅଧିନସ୍ଥ ଜଗନ୍ନାଥପୁର ପଂଚାୟତ ର ଜଗନ୍ନାଥପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ୨୦୦୦ ମସିହା ମେଟ୍ରିକ୍ ବ୍ୟାଚର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କିଛି ଛାତ୍ର ସ୍କୁଲର ସେହି ଦିନର କିଛି ପୁରୁଣା ଛାତ୍ର ଛାତ୍ରୀ ମାନଙ୍କୁ ଯୋଗାଯୋଗ କରିଥିଲେ । ଚଳିତ ବର୍ଷ ଏହି ବନ୍ଧୁ ମିଳନ କରିବାରେ କିଛି ଛାତ୍ରଙ୍କ ଭିତରୁ ପ୍ରମୁଖ ଭୂମିକା ନେଇଥିବା ବ୍ୟକ୍ତି ମାନେ ହେଲେ ବିଶ୍ୱଜିତ୍ ମହାନ୍ତି, ସତ୍ୟଜିତ ମଲ୍ଲିକ, ସୁଶାନ୍ତ ମାଣୀକ, ମାନସ ବିଶ୍ୱାଳ, ମୌସୁମୀ ପ୍ରିୟଦର୍ଶିନୀ, ରଞ୍ଜିତା ମହାପାତ୍ର ପ୍ରଭାତ ପରିଡା, ରଂଜିତ ମଲ୍ଲିକ, ସବୁ ମିଶିକି ଚଳିତ ବର୍ଷ ୨୦୦୦ ମେଟ୍ରିକ୍ ବ୍ୟାଚ୍‌ର ସାଙ୍ଗ ମାନଙ୍କୁ ଏକଜୁଟ କରିବାରେ ସକ୍ଷମ ହୋଇଥିଲେ । ଏହା ଭିତରେ ଚାଲିଥିଲା ଭୋଜି ଭାତର ଆୟୋଜନ । ଏହି ବନ୍ଧୁ ମିଳନ କର୍ଯ୍ୟକର୍ମ ରେ ୨୦୦୦ ମେଟ୍ରିକ୍ ବ୍ୟାଚ୍‌ର ପ୍ରାୟ ୪୦ରୁ ଅଧିକ ସାଙ୍ଗ ମାନେ ଯୋଡି ହୋଇଥିଲେ । ଏହାପରେ ଆରମ୍ଭ ହୋଇଥିଲା ବନ୍ଧୁ ମିଳନ କାର୍ଯ୍ୟକ୍ରମ ବହୁଦିନ ପରେ ପୁରୁଣା ବନ୍ଧୁ ମାନଙ୍କୁ ପାଇ ବନ୍ଧୁ ମାନେ ପରସ୍ପର ଭିତରେ ସେଇ ଦିନର ପୁରୁଣା ସ୍ମୃତିକୁ ମନେ ପକାଇ ଆତ୍ମ ବିଭୋର ହୋଇ ପଡିଥିଲେ । ସେହିପରି ପରସ୍ପରକୁ ଆଲିଙ୍ଗନ କରି ନିଜ ଭିତରେ କୃତଜ୍ଞତା ପ୍ରକାଶ କରିଥିଲେ । ପ୍ରତ୍ୟେକ ବନ୍ଧୁ ଅନେକ ଦିନ ପରେ ଦେଖା ହୋଇ ଥିବାରୁ ନିଜ ନିଜ ଅଭୁଲା ସ୍ମୃତିକୁ ବଖାଣି ଥିଲେ । ସମସ୍ତଙ୍କ ମନ ଭିତରେ ଥିଲା ସେହି ପିଲା ଦିନର ଖୁସି ମୁହୂର୍ତ୍ତ । ପରିଶେଷରେ ସମସ୍ତ ସାଙ୍ଗ ମାନେ ଏକାଠି ହୋଇ ସମସ୍ତ ସାଙ୍ଗଙ୍କୁ ଏକାଠି କରିଥିବା କିଛି ଆଗଧାଡିର ପିଲା ମାନଙ୍କୁ ଧନ୍ୟବାଦ ଦେବା ସହ ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମ ପୁଣି ଆଗାମୀ ବର୍ଷ ୨୦୨୬ ଡିସେମ୍ବର ୨୭ ତାରିଖରେ ପାଳନ କରିବେ ବୋଲି ସବୁ ସାଙ୍ଗମାନେ ମିଶି ପ୍ରତିଶ୍ରୁତି ଦେଇଥିଲେ ।

ସେଇଥି ଆରମ୍ଭ
SEITHO ARAMBHA
ସୋମବାର, ୦୮ ଡିସେମ୍ବର, ୨୦୨୫ : ବାଲେଶ୍ୱର : ପୃଷ୍ଠା -୭

ଓମସା ଡାକ୍ତରଙ୍କ ୧୮ ଦଫା ଦାବି ନେଇ କଳା ବ୍ୟାଜ୍ ପରିଧାନ

ଜି.ଉଦୟଗିରି, ୦୭/୧୨(ଆ.ପ୍ର) : ଓଡ଼ିଶା ମେଡିକାଲ୍ ସର୍ଭିସେସ୍ ଏସୋସିଏସନ୍ ତରଫରୁ କାର୍ଯ୍ୟରତ ଡାକ୍ତରଙ୍କ ୧୮ ଦଫା ଦାବି ନେଇ ନଭେମ୍ବର ମାସ ୨୦ ତାରିଖରୁ ଆନ୍ଦୋଳନ ଚାଲିଥିବା ବେଳେ ଡାକ୍ତରମାନେ କଳା ବ୍ୟାଜ୍ ପିନ୍ଧି ରୋଗୀ ସେବା କରୁଥିବା ଦେଖିବାକୁ ମିଳିଛି । ଶନିବାର ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତରମାନେ ମଧ୍ୟ କଳା ବ୍ୟାଜ୍ ଓ ଡ୍ରେସ୍ ପରିଧାନ କରି ରୋଗୀ ସେବା ସହ ପ୍ରତିବାଦ କରୁଥିବା ଦେଖିବାକୁ ମିଳିଛି । ଏହି ପରିପ୍ରେକ୍ଷୀରେ କନ୍ଧମାଳ ଓମ୍‌ସା ପକ୍ଷରୁ ଜିଲ୍ଲା ସଚିବ ଡ଼ ପଙ୍କଜ କୁମାର ବିହାରୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଗତ ନଭେମ୍ବର ୨୦ ତାରିଖରୁ କଳାବ୍ୟାଜ୍ ପରିଧାନ ସହ ପ୍ରତିବାଦ ଚାଲିଥିବା ବେଳେ ଡାକ୍ତର ମାନଙ୍କୁ ୧୮ ଟି ସୁବିଧା ଯୋଗେଇ ଦେବା ନେଇ ସରକାରଙ୍କୁ ଅବଗତ କରାଯାଇଛି । ଡାକ୍ତର ମାନଙ୍କ ଦାବି ଗୁଡ଼ିକ ହେଲା ସେଂଟ୍ରାଲ୍ ଡିଏସିପିର ପ୍ରବର୍ତ୍ତନ, କେଭିକେ ଏହିଟ୍ ପ୍ରଣାଳୀ ଛାଡିକରଣ, ଷ୍ଟାଟିକ ସ୍କେଲ ବଦଳି ପ୍ରକ୍ରିୟା, କ୍ୟାଡର ପୁନର୍ଗଠନ, ନିୟମିତ ଡିପିସି ସଭା, ଡାକ୍ତର ମାନଙ୍କ ସୁରକ୍ଷା ଏବଂ ସୁରକ୍ଷିତ କାର୍ଯ୍ୟ ପରିବେଶ, ସମସ୍ତ ଡାକ୍ତରଙ୍କ ପାଇଁ ସ୍ୱାସ୍ଥ୍ୟ ବୀମା, ଡେଂଟାଲ୍ ଏବଂ ଆଡ୍‌ହକ୍ ଡାକ୍ତର ମାନଙ୍କୁ ଡିଏସିପି ରେ ଅନ୍ତର୍ଭୁକ୍ତ କରାଯାଉ, ସମସ୍ତ ସରକାରୀ ସୁବିଧା ଉପଲବ୍ଧ କରାଯାଉ, ସିଡିଏମଓ. ବିପିଏଲ୍. ଏମଓଆଇସି ଏବଂ ସୁପରିଟେଣ୍ଡେଂଟଙ୍କୁ ସଶକ୍ତିକରଣ, ସ୍ୱଚ୍ଛ ଏବଂ ନିର୍ମଳ ଶାସନ, ଏକାକୀ ଓପିଡି ଏବଂ ଆପାତକାଳୀନ ସେବା ସମୟ ସୂଚୀ, କ୍ୟାପିଟାଲ୍ ହସ୍ପିଟାଲ୍ ପୁନର୍ବାସନ / ସ୍ଥାନାନ୍ତରଣ, ବିଭିନ୍ନ ଭତାର ପୁନର୍ବିବେଚନ, ଆଡ୍‌ହକ୍ ଡାକ୍ତରଙ୍କୁ ନିୟମିତ କରିବା, ସଂସ୍ଥାଗତ ଗଠନକୁ ସୁଦୃଢ କରିବା, ଡେଂଟାଲ୍ ଏବଂ ଆଡ୍‌ହକ୍ ଡାକ୍ତରଙ୍କର ଡିଏସିପି ରେ ସମ୍ପୂର୍ଣ୍ଣ ଅନ୍ତର୍ଭୁକ୍ତି, ଓମସା ସହିତ ଆଲୋଚନା କରାଯାଉ । ସରକାରଙ୍କ ଡାକ୍ତରଙ୍କୁ ଅଣଦେଖାର ପ୍ରତିବାଦ ରେ କଳା ବ୍ୟାଜ୍ ଓ କଳା ଡ୍ରେସ୍ ପ୍ରତିବାଦ ଏକ ମାସ ଧରି ଚାଲିବ ବୋଲି ଜିଲ୍ଲା ଓମ୍‌ସା ସଚିବ ସୂଚନା ଦେଇଛନ୍ତି । ସରକାର ଯଦି ଦାବି ନ ଶୁଣନ୍ତି ତେବେ ରାଜ୍ୟ ଓମ୍‌ସା କେନ୍ଦ୍ରୀୟ କମିଟିର ପରବର୍ତ୍ତୀ ନିଷ୍ପତ୍ତି ଅନୁସାରେ କାର୍ଯ୍ୟ କରାଯିବ ବୋଲି କହିଛନ୍ତି ।

ସର୍ବପୁରାତନ ମହାବୀର କ୍ରିକେଟ ଟୁର୍ଣ୍ଣାମେଂଟର ଉଦ୍‌ଘାଟନୀ ସନ୍ଧ୍ୟା

ନୀଳଗିରି, ୦୭/୧୨ (ଆ.ପ୍ର) : ନୀଳଗିରି ମହାବୀର କ୍ରିକେଟ କ୍ଲବପକ୍ଷରୁ ଆୟୋଜିତ ୨୦୨୫/୨୬ କ୍ରିକେଟ ଟୁର୍ଣ୍ଣାମେଂଟର ଉଦ୍ଘାଟନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ଗୋଷ୍ଠୀଉନ୍ନୟନ ଅଧିକାରୀ ବିକ୍ରମକେଶରୀ ପରିଡା ଏବଂ ମୁଖ୍ୟବକ୍ତା ଭାବେ ନୀଳଗିରି ତହସିଲଦାର ସୋନମ୍ ଦାସ ଉପସ୍ଥିତ ଥିଲେ । କ୍ରୀଡା ହିଁ ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିଥାଏ ବୋଲି ନିଜ ଅଭିଭାଷଣରେ ଅତିଥିମାନେ ପ୍ରକାଶ କରିଥିଲେ । କ୍ଲବର ସଭାପତି ସବ୍ୟସାଚୀ ମହାପାତ୍ର, ସମ୍ପାଦକ ସୂର୍ଯ୍ୟକାନ୍ତ ବିଶ୍ୱାଳ ନିଜ ନିଜର ଅଭିଭାଷଣ ରଖିଥିଲେ । ଏହି ଟୁର୍ଣ୍ଣାମେଂଟରେ ରାଜ୍ୟ ତଥା ରାଜ୍ୟ ବାହାରୁ ଅନେକ ଖେଳାଳି ଆସୁଛନ୍ତି ବୋଲି ସଭାପତି ପ୍ରକାଶ କରିଛନ୍ତି । ଏହି

ଅବସରରେ ସ୍ୱର୍ଗତ କୌଶିକ ରାୟଙ୍କ ସ୍ମୃତିରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ମଂଚ ପରିଚାଳନା କରିଥିଲେ ଭାସ୍କର ବିଶ୍ୱାଳ । ଏହି ଟୁର୍ଣ୍ଣାମେଂଟ ଆଠ ଦିନ ଧରି ଚାଲିବ ବୋଲି ସମ୍ପାଦକ ପ୍ରକାଶ କରିଥିବା ବେଳେ, ଏହି ଅବସରରେ ନୀଳଗିରି ଅଂଚଳର ବିଭିନ୍ନକ୍ରୀଡା କ୍ଷେତ୍ରରେ ଜିଲ୍ଲା ଏବଂ ରାଜ୍ୟସ୍ତରରେ ଉନ୍ନତଖେଳ ପ୍ରଦର୍ଶନ କରି କୃତି ଅର୍ଜନ କରିଥିବା ଖେଳାଳୀ ମାନଙ୍କୁ ଅନୁଷ୍ଠାନ ପକ୍ଷରୁ ମାନପତ୍ର, ଉତରୀୟଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

ଶରଧାବାଲିରେ ଜଳିଲା ବିରାଟ ଦୀପ

ପୁରୀ, ୦୭/୧୨ (ଆ.ପ୍ର) : ଭକ୍ତର ଭାବପୂର୍ଣ୍ଣ ଡାକ ଶୁଣହେ ମଣିମା । ଭକ୍ତ ପ୍ରାର୍ଥନା ଶୁଣି ଉଠହେ ମହାବାହୁ । ପୁରୀବାସୀଙ୍କୁ ଶ୍ରୀମନ୍ଦିର ରେ ସୁରୁଖୁରୁରେ ପ୍ରବେଶର ମାର୍ଗଦର୍ଶକ ହୁଅ ହେ ମହାପ୍ରଭୁ । ଏପରି ଆକୁଳ ନିବେଦନ ସହ ଜୟ ଜଗନ୍ନାଥ ଧ୍ୱନି, ହରିବୋଲ-ହୁଳହୁଳି ରେ ରବିବାର ଦିନ ସନ୍ଧ୍ୟାରେ କମ୍ପିଛି ପୁରୀ । ଶହଶହ ମହିଳା, ବରିଷ୍ଠ ନାଗରିକ, ସେବାୟତ, ପ୍ରବଚକ, ସାହିତ୍ୟିକ, ବିଭିନ୍ନ ସାହି ବାସିନ୍ଦା, ଗବେଷକ, ବିଭିନ୍ନ ସାମାଜିକ ଅନୁଷ୍ଠାନ ଓ ଯୁବଗୋଷ୍ଠୀ ଏଥିରେ ସାମିଲ ହୋଇ ଘୋଷଣା କରିଛନ୍ତି ଯେ ଠାକୁରଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିର ପ୍ରବେଶ ଏକ ଦାବି କିମ୍ବା ଆନ୍ଦୋଳନ ହୋଇନପାରେ । ଜଗନ୍ନାଥଙ୍କ ଦର୍ଶନ ଓ ଶ୍ରୀମନ୍ଦିରରେ ସୁରୁଖୁରୁରେ ପ୍ରବେଶ, ପୁରୀବାସୀଙ୍କ ଜନ୍ମଗତ ଅଧିକାର ଓ ପରମ୍ପରା । ବିଧର୍ମୀଙ୍କ କବଳରୁ ଠାକୁରଙ୍କୁ ୧୭ ଥର ପୁରୀବାସୀ ରକ୍ଷା କରିଛନ୍ତି । ପ୍ରାକୃତିକ ଦୁର୍ବିପାକ ଠାରୁ କରୋନାରେ ପୁରୀବାସୀ ପ୍ରଶାସନ ଓ ସରକାରଙ୍କୁ ସହଯୋଗ କେବଳ ଦେଇନାହାନ୍ତି, ଶହଶହ ବର୍ଷଧରିହ ,ହିରାଗତ ଯାତ୍ରୀ, ପର୍ଯ୍ୟଟକ ଓ ଭକ୍ତଙ୍କୁ ନିଃସ୍ୱାର୍ଥପର ସହଯୋଗ ଦେଇ ଆସିଛନ୍ତି । ଅଥଚ ପୁରୀବାସୀଙ୍କ ଶ୍ରୀମନ୍ଦିରରେ ସୁରୁଖୁରୁରେ ପ୍ରବେଶ, ମହାଲକ୍ଷ୍ମୀଙ୍କ ଦର୍ଶନ, ସତ୍ୟନାରାୟଣ ଦର୍ଶନ, ମହାପ୍ରସାଦ ଓ ଶୁଖିଲା ପ୍ରସାଦ ଆଣିବା ନେଇ ଜନପ୍ରିୟ ରାଜ୍ୟ ସରକାର, ସାଂସଦ ସମ୍ବିତ ପାତ୍ର, ଶୁଭାଶିଷ ଖୁଂଟିଆ ଓ ବିଧାୟକ ସୁନୀଲ ମହାନ୍ତି ଏହା ପ୍ରତି ସକରାତ୍ମକ ସଂକେତ ଦେବାପରେ ମଧ୍ୟ ଜିଲ୍ଲା ପ୍ରଶାସନ ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏଯାବତ୍, ଆଶାଜନକ ଓ ନିର୍ଦ୍ଦିଷ୍ଟ ଘୋଷଣା ନେଇ ଆଲୋଚନା ହୋଇ ପାରିନାହିଁ । ଏଥିରେ ଯୋଗଦାନ କରି ପ୍ରାକ୍ତନ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ କହିଛନ୍ତି ଯେ ସରକାର ସଦାସର୍ବଦା ପୁରୀ ବାସୀଙ୍କ ସହିତ ଅଛନ୍ତି ଓ ଖୁବ୍ ଶୀଘ୍ର ଅଭିଯାନ ମଂଚ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା ହେବ ଏବଂ ଠାକୁର ପୁରୀ ବାସୀଙ୍କୁ ସଫଳତା ଦେବେ । ତେବେ ଆଜି ର ଏହି କାର୍ଯ୍ୟକ୍ରମ ଶାନ୍ତିପୂର୍ଣ୍ଣ ଓ ଅହିଂସାଧର୍ମୀ ଥିଲା । ପୁରୀ ବାସୀଙ୍କ ପାଇଁ ପ୍ରଶାସନ ହୃଦୟର ସହ ଆଲୋଚନା କରିବାକୁ ମଂଚ ନିବେଦନ ରଖିବା ସହ ପରବର୍ତ୍ତୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବ ବୋଲି ଘୋଷଣା କରିଛି ।

ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପ୍ରଦାନରେ ଅନିମିତତା ଅଭିଯୋଗ

ମାହାଙ୍ଗା, ୦୭/୧୨ (ଆ.ପ୍ର) : ମାହାଙ୍ଗା ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଅନିୟମିତତା ବିଗତ ବିଜେଡି ସରକାର ଅମଳରେ ହୋଇଥିବା ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ଏହା ବିରୁଦ୍ଧରେ ସରକାର କୌଣସି ଦୃଢ଼ ପଦକ୍ଷେପ ଗ୍ରହଣ କରୁ ନଥିବାରୁ ସାଧାରଣ ଲୋକଙ୍କ ଅସନ୍ତୋଷ ବଢ଼ିବାରେ ଲାଗିଛି । ବିଗତ ଦିନରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କୋଠାଘର ଥାଇ ମଧ୍ୟ ହିତାଧିକାରୀଙ୍କୁ ଘର ମିଳିଛି । ଏପରିକି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନିର୍ମିତ ଗୃହ ଦୋକାନଘର ପାଲଟିଛି । ଅନେକ ସ୍ଥାନରେ ପ୍ରକୃତ ହିତାଧିକାରୀଙ୍କୁ ଏହି ଯୋଜନାରେ ଅର୍ନ୍ତଭୁକ୍ତ କରାଯାଇ ନଥିବା ଅଭିଯୋଗ ହେଉଛି । ଏଠାରେ ସୂଚନା ଯୋଗ୍ୟ ଯେ ମାହାଙ୍ଗା ବ୍ଲକର ଆନନ୍ଦପୁର ପଂଚାୟତର ଆନନ୍ଦପୁର ଗ୍ରାମର କ୍ଷୀରୋଦ ଚନ୍ଦ୍ର ମହାପାତ୍ର ଅସାଧୁ ଉପାୟରେ ତାଙ୍କ ସ୍ତ୍ରୀ ନାମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ହାତେଇଛନ୍ତି । ତାଙ୍କର ପ୍ରଥମ ସ୍ତ୍ରୀ କୋରାପୁଟ ଜିଲ୍ଲାରେ ବନ୍ଧୁଆ ପ୍ରକଳ୍ପ ଅଧିନରେ ଅଙ୍ଗନୱାଡି କର୍ମୀଭାବେ କାର୍ଯ୍ୟରତ ଥିଲା ବେଳେ ତାଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ ଅଛନ୍ତି । ପରେ ସେ ଦ୍ୱିତୀୟ ସ୍ତ୍ରୀ ନାମରେ ପ୍ରଧାନମନ୍ତ୍ରୀ ଆବାସ ଗୃହ ହାତେଇଥିବା ତା୧୮.୧୧.୨୦୨୫ରିଖରେ ମାହାଙ୍ଗା ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀ ନିକଟରେ ଲିଖିତ ଅଭିଯୋଗ କରାଯାଇଛଇ । ବ୍ଲକ କାର୍ଯ୍ୟାଳୟ ଚିଠି ନଂ୫୧୭୧ ତା ୧୯.୧୧.୨୦୨୫ରିଖରେ ଏହାର ତଦନ୍ତ ପାଇଁ ବିଡିଓ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି । ଏପରି ମାହାଙ୍ଗା ବ୍ଲକରେ ବିଗତ ୧୫ବର୍ଷ ମଧ୍ୟରେ ବିଜେଡି ସରକାର ଅମଳରେ ବ୍ୟାପକ ଅନିୟମିତତା ହୋଇଥିବା ସାଧାରଣରେ ଚର୍ଚ୍ଚା ହେଉଥିବା ବେଳେ ଏହାର ନିରପେକ୍ଷ ତଦନ୍ତ କରାଯାଇ ଅସାଧୁ ଉପାୟରେ ପକ୍କାଘର ହାତେଇଥିବା ହିତାଧିକାରୀଙ୍କ ବିରୁଦ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟସରକାର ନିକଟରେ ସର୍ବସାଧାରଣରେ ଦାବି ହେଉଛି ।

୪ ବାଇକ ଚୋରକୁ ଧରିଲା ଖଣ୍ଡପଡା ଓ ଫତେଗଡ଼ ପୋଲିସ

ଖଣ୍ଡପଡା, ୦୭/୧୨ (ଆ.ପ୍ର) : ବାଇକ ଚୋରି ରାକେଟକୁ ଧରିଲା ଖଣ୍ଡପଡା ଓ ଫତେଗଡ଼ ଥାନା ପୋଲିସ । ୪ ଅନ୍ତରାର୍ଜ୍ୟ ଚୋର ଗିରଫ । ବହୁ ଦିନଧରି ଖଣ୍ଡପଡା ଓ ଫତେଗଡ଼ ଅଂଚଳରେ ଗାଡ଼ି ଚୋରି ବୃଦ୍ଧି ପାଉଥିଲା । ଗାଡି ଚୋରିକୁ ନେଇ ପୋଲିସର ମୁଣ୍ଡବ୍ୟଥା ପାଲଟିଥିଲା । ପୋଲିସ ଆଖିରେ ଧୂଳି ଦେଇ ଚୋର ମାନେ କୌଶଳକ୍ରମେ ଗାଡ଼ି ସବୁ ଚୋରି କରି ନେଇଯାଉଥିଲେ । ଖଣ୍ଡପଡା ଏସଡିପିଓଙ୍କ ତତ୍ୱାବଧାନରେ ଖଣ୍ଡପଡା ଓ ଫତେଗଡ଼ ପୋଲିସ ଗାଡ଼ିଚୋରଙ୍କୁ ଧରିବାପାଇଁ ଏକ ଟିମ ଡିଆରି କରିତଦନ୍ତ ଆରମ୍ଭ କରିଥିଲେ । ସଫଳତାର ସହିତ ୧୫ଟି ମୋଟର ସାଇକେଲ ସହ ୪ଚୋରଙ୍କୁ ଧରିବାରେ ସଫଳ ହୋଇଥିଲେ । ଚୋର ମାନଙ୍କ ନାଁରେ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଥିବା ନେଇ ସୂଚନା ଦେଇଛନ୍ତି ନୟାଗଡ଼ ଜିଲ୍ଲା ଷ୍ଟକ୍ସ ଏସ ସୁଶ୍ରୀ । ତେବେ ଚୋର ମାନଙ୍କୁ ରିମାଣ୍ଡରେ ନେଇ ଅଧିକ ତଦନ୍ତ କରାଯିବ ବୋଲି ସ୍ୱଳ୍ପ ଜଣାଇଛନ୍ତି ।

ସହୀଦ ଜୟୀ ରାଜଗୁରୁଙ୍କ ୨୨୦ତମ ମହାପ୍ରୟାଣ ଦିବସ ପାଳିତ

ପୁରୀ, ୦୭/୧୨ (ଆ.ପ୍ର) : ସହୀଦ ଜୟୀ ରାଜଗୁରୁ ସ୍ୱାଧୀନତା ଆନ୍ଦୋଳନର ଏକ ସ୍ୱର୍ଣ୍ଣିତ ନାମ । ସାହସ, ଶୌର୍ଯ୍ୟ ଓ ଅଦମ୍ୟ ବୀରତ୍ୱର ପ୍ରତୀକ ଥିଲେ ସେ । ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଅବଦାନ ଚିର ଅମର ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା । ଜିଲ୍ଲା ପ୍ରଶାସନ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଜୟୀ ରାଜଗୁରୁଙ୍କ ଜନ୍ମ ସ୍ଥାନ ବୀର ହରେକୃଷ୍ଣପୁର ଛକ ନିକଟସ୍ଥ ପ୍ରତିମୂର୍ତ୍ତି ଓ ବୀର ହରେକୃଷ୍ଣପୁର ଗ୍ରାମରେ ଥିବା ଜୟୀ ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତିରେ ୨୨୦ ତମ ମହାପ୍ରୟାଣ ତିଥିରେ ସହୀଦଙ୍କ ମହାପ୍ରୟାଣ ଦିବସ ଅବସରରେ ପୂର୍ବାହ୍ନରେ ମାଲ୍ୟାର୍ପଣ କରାଯାଇଥିଲା । ପରେ ନିକଟସ୍ଥ ପୁଷ୍କରିଣୀରେ ସହୀଦଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ କରାଯାଇଥିଲା । ସହୀଦଙ୍କ ଜନ୍ମସ୍ଥାନ ବୀର ହରେକୃଷ୍ଣ ପୁର ଗ୍ରାମ ଠାରେ ଜିଲ୍ଲା ପ୍ରଶାସନ ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଗୋପୀନାଥ ଦେବସ୍ଥାନ ସମିତି ଓ ସହୀଦ ଜୟୀ ରାଜଗୁରୁ ସ୍ମୃତି ପରିଷଦ ଓଡିଶାଙ୍କ ମିଳିତ ସହଯୋଗରେ ଆୟୋଜିତ ମହାପ୍ରୟାଣ ଦିବସ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ଓ ସଦର ବିଡ଼ିଓ ସମ୍ବିତ ଶତପଥୀ ଜୟୀ ରାଜଗୁରୁଙ୍କ ସ୍ମୃତି ଚାରଣ କରି ସଂଗ୍ରାମୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଜୟୀ ରାଜଗୁରୁ ଜଣେ ଦୃଢ଼ମନା, ଅଦମ୍ୟ ଦେଶପ୍ରେମୀ ଓ ସାହସୀ ଭାବେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ଆଜିର ଯୁବ ପିଢ଼ି ତାଙ୍କ ବିଷୟରେ ପଢ଼ିବା, ତାଙ୍କ ଚରିତ୍ର ଓ ଆଦର୍ଶକୁ ଅନୁସରଣ କଲେ ଏକ ସମୃଦ୍ଧ ଓ ଶୃଙ୍ଖଳିତ ସମାଜ ଗଠନ ହୋଇ ପାରିବ ବୋଲି ସେ କହିଥିଲେ । ସହୀଦ ଜୟୀ ରାଜଗୁରୁ ସ୍ମୃତି ପରିଷଦର ସମ୍ପାଦକ ଜଟାଧାରୀ ମିଶ୍ର ଜୟୀ ରାଜଗୁରୁଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିବା ସହ ସହୀଦଙ୍କ ସମ୍ପର୍କରେ ଅଧିକ ପ୍ରଚାର ପ୍ରସାର ପାଇଁ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଓ ସ୍ମୃତି ପରିଷଦର ସହଯୋଗରେ ଜୟୀ ରାଜଗୁରୁଙ୍କ ଉପରେ ପୁସ୍ତକ ପ୍ରକାଶିତ ହୋଇଛି ବୋଲି ସୂଚନା ଦେଇଥିଲେ । ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଏଥିରେ ଅଧ୍ୟକ୍ଷତା କରିବା ସହ ଜୟୀ ରାଜଗୁରୁଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଅତିଥି ମାନେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବୀର ହରେକୃଷ୍ଣପୁର ଗ୍ରାମ କମିଟି ସଭାପତି ଭାସ୍କର ନାରାୟଣ ରଥ, ଉପ ସଭାପତି ପ୍ରକାଶ ଚନ୍ଦ୍ର ରଥ, ସମିତି ସଭ୍ୟ ଅଜୟ କୁମାର ପ୍ରଧାନ ପ୍ରମୁଖ ସ୍ମୃତି ଚାରଣ କରିଥିଲେ । ଗ୍ରାମ୍ୟ କମିଟି ସଦସ୍ୟ ହରି ଶଙ୍କର ମିଶ୍ର, ଦେବୀ ପ୍ରସାଦ ମହାପାତ୍ର, ରାଜେଶ କୁମାର ରଥ, ରବି ନାରାୟଣ ମିଶ୍ର, ଆଶୁତୋଷ ମିଶ୍ର, ହିମାଂଶୁ ମିଶ୍ର, ସତ୍ୟଜିତ ତ୍ରିପାଠୀ, ବିଷ୍ଣୁ ପ୍ରସାଦ ମିଶ୍ର, ଶକ୍ତି ପ୍ରସାଦ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ରେ ଯୋଗ ଦେଇ ମାଲ୍ୟାର୍ପଣ ଓ ସ୍ମୃତି ଚାରଣ କରିଥିଲେ । ପୂର୍ବରୁ ପୁରୀ ରେଲୱେ ଷ୍ଟେସନ ଠାରେ ଥିବା ଜୟୀ ରାଜଗୁରୁ ଙ୍କ ପ୍ରତିମୂର୍ତ୍ତି ରେ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଉପ ନିର୍ଦ୍ଦେଶକ ଶ୍ରୀ ସେଠୀ ଓ ଅନ୍ୟ ମାନେ ମାଲ୍ୟାର୍ପଣ କରାଯାଇଥିଲା ।

ରାସ୍ତା ଉପରେ ଜଳିଲା ହାଇୱା, ଡ୍ରାଇଭର ସୁରକ୍ଷିତ

ବଣାଇଁ, ୦୭/୧୨ (ଆ.ପ୍ର) : ବଣାଇଁ ଉପଖଣ୍ଡର ଟିକାୟତପାଲି ଥାନା ଅନ୍ତର୍ଗତ ଟିକାୟତପାଲି ଗ୍ରାମ ୧୪୩ ନମ୍ବର ଜାତୀୟ ରାଜପଥରେ ଆଜି ଅପରାହ୍ନ ତିନିଟା ପାଖାପାଖି ଟିକାୟତପାଲି ଷ୍ଟେଟ ବ୍ୟାଙ୍କ ନିକଟରେ ଥିବା ରାସ୍ତା ଉପରେ ଏକ ହାଇୱା ଗାଡ଼ି ବାଉଁକୋଟ ଆଡକୁ ଯାଉଥିବା ବେଳେ ହଠାତ୍ ହାଇୱା ଗାଡିଟି ହୁହୁ ହୋଇ ଜଳିବାକୁ ଲାଗିଥିଲା । ଗାଡିର ଡ୍ରାଇଭର କୌଣସି ମତେ ଗାଡିକୁ ଠିଆ କରିବାରେ ସଫଳ ହେବାପରେ ନିଜର ଜୀବନ ରକ୍ଷା ନେଇ ଗାଡି ଉପରୁ ଡେଇଁ ପଡି ନିଜକୁ ସୁରକ୍ଷିତ କରିଥିଲେ ବୋଲି ସ୍ଥାନୀୟ ପ୍ରତ୍ୟକ୍ଷଦର୍ଶୀ କହିବା ସହିତ ନିକଟସ୍ଥ ଟିକାୟତପାଲି ପୋଲିସ ଥାନାକୁ ଖବର ଦେଇଥିଲେ । ପରେ ଦମକଳବାହିନୀ ଘଟଣାସ୍ଥଳରେ ପହଂଚି ଟ୍ରକରେ ଲାଗିଥିବା ନିଆଁକୁ ଆୟତ କରିବା ଜଣାପଡିଛି । ହାଇୱା ଜଳିବା ନେଇ ଘଂଟାଏ ସମୟ ରାସ୍ତା ଜାମ ରହିଥିଲା ।

ଜିଲ୍ଲାସ୍ତରୀୟ ବାଳିକା କ୍ରିକେଟ ଟିମ୍ର କେନ୍ଦ୍ରାପଡ଼ା ଗ୍ରସ୍ତ

ହାଟଡିହି, ୦୭/୧୨ (ଆ.ପ୍ର) : କେନ୍ଦୁଝର ଜିଲ୍ଲାର ଜିଲ୍ଲା ସ୍ତରୀୟ ବାଳିକା କ୍ରିକେଟ ଟିମ୍ ର ଜଗତସିଂହପୁର ଗ୍ରସ୍ତ । ଏହି ଗ୍ରସ୍ତ ରେ ପନ୍ଦର ଜଣ ଝିଅ ରହିଥିବା ବେଳେ ଏସ କେ ଏକାଡେମୀ ଜଗତସିଂହପୁର ମ୍ୟାଚ୍ ଖେଳାଯିବ । ଏଥିରେ ସତର ବର୍ଷରୁ କମ ବାଳିକା ବର୍ଗରେ ମ୍ୟାଚ୍ ଅନୁଷ୍ଠିତ ହେବ । ଏହି ଖେଳାଳି ମାନଙ୍କୁ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ବରିହା ଶୁଭେଚ୍ଛା ଜଣାଇ ଥିଲା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରି ଶ୍ରୀକାନ୍ତ ବେହେରା, ଡିପିଓ ରାମକୃଷ୍ଣ ବେହେରା, ହାଟଡିହି ବ୍ଲକ ଶିକ୍ଷା ଅଧିକାରି ରାଜୀବ ଦଳେଇ, ଏବିଓ ପ୍ରମୋଦ ନାୟକ, ଓଷ୍ଟା ଶିକ୍ଷା ସମ୍ପାଦକ ରଞ୍ଜନ ଘଡ଼େଇ, ଓଷ୍ଟା ରାଜ୍ୟ ଯୁଗ୍ମ ସମ୍ପାଦକ ମୃତ୍ୟୁଞ୍ଜୟ ପଲେଇ ଓଷ୍ଟା ବ୍ଲକ ସଭାପତି ନବଘନ ନାୟକ, ବ୍ଲକ କ୍ରୀଡା ଶିକ୍ଷକ ସଂଘର ସଭାପତି ସତ୍ୟବ୍ରତ ସାମଲ, ହାଟଡିହି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପରମା ନନ୍ଦ ପରିଡ଼ା, ଶାସଙ୍ଗ ଉଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନବ କିଶୋର ବିଶ୍ୱାଳ, ଅନ୍ୟ ମାନଙ୍କ ମଧ୍ୟରେ ଶିକ୍ଷକ ରାଧାକ୍ରୀଷ୍ଣାପତି, ଶିଶିର କୁମାର ବିଶ୍ୱାଳ, ମାଧବାନନ୍ଦ ଜେନା, ଲକ୍ଷ୍ମୀ କାନ୍ତ ମିଶ୍ର, ପଦ୍ମନାଭ ପଣ୍ଡା, ପ୍ରଦୀପ କୁମାର ସ୍ୱାଇଁ, ସତ୍ୟବ୍ରତ ବିଶ୍ୱାଳ, ପର୍ଶୁରାମ ନାୟକ, ନବଘନ ନାୟକ, ଅନିରୁଦ୍ଧ ସେଠୀ ପ୍ରଦୀପ ସାହୁ, ଆନନ୍ଦ ଚନ୍ଦ୍ର ସାହୁ, ସୁଧାଂଶୁ ବିଶ୍ୱାଳ, ଲକ୍ଷ୍ମୀଧର ଜେନା ପ୍ରମୁଖ ଶିକ୍ଷକ ମାନେ ଖେଳାଳି ମାନଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି ।

ବାଣପୁର ଗ୍ରାମୀଣ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରତିଷ୍ଠାତାଙ୍କର ଶ୍ରାଦ୍ଧ ବାର୍ଷିକୀ ପାଳିତ

ବାଣପୁର/ଚିଲିକା, ୦୭/୧୨ (ଆ.ପ୍ର) : ସ୍ୱର୍ଗତ ଲକ୍ଷ୍ମୀଧର ଭୋଳଙ୍କ ଊନବିଂଶତମ ଶ୍ରାଦ୍ଧବାର୍ଷିକୀ ଉତ୍ସବ ଗ୍ରାମୀଣ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ତଥା ସ୍ମୃତି କମିଟି ସମ୍ପାଦକ ସର୍ବେଶ୍ୱର ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଅତିଥି ଭାବେ ବାଣପୁର ବିଜ୍ଞାପିତ ଅଂଚଳ ପରିଷଦ ଅଧ୍ୟକ୍ଷ ମିଟୁ ନାୟକ, ଖୋର୍ଦ୍ଧା ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗୋପିନାଥ ମହାରଣା, ପ୍ରାକ୍ତନ ଅଧ୍ୟକ୍ଷ ତଥା ସାହିତ୍ୟିକ ସଂଗ୍ରାମ କେଶରୀ ସାହୁ, ସ୍ମୃତି କମିଟି ସଦସ୍ୟ ନାଟ୍ୟ ଗୌରବ ମହେଶ୍ୱର ଜେନା, ସ୍ୱର୍ଗତ ଭୋଳଙ୍କ ଜ୍ୟେଷ୍ଠ ପୁତ୍ର ଲଳିତେନ୍ଦୁ କେଶରୀ ଭୋଳ, କନିଷ୍ଠ ପୁତ୍ର ଜଗନ୍ନାଥ ଭୋଳ, ବିଦ୍ୟାଳୟର ବରିଷ୍ଠ ଇଂରାଜୀ ଅଧ୍ୟାପକ ପ୍ରଶାନ୍ତ କୁମାର ଦାଶ, ଗୃହ ବିଜ୍ଞାନ ଅଧ୍ୟାପିକା ପ୍ରମୋଦିନୀ ସାମନ୍ତରାୟ, ଶିକ୍ଷା ବିଭାଗ ଅଧ୍ୟାପିକା ସୁଚିତ୍ରା ଦାସ, ମନସ୍ତତ୍ୱ ବିଭାଗ ଅଧ୍ୟାପିକା କଲ୍ୟାଣୀ ବୈରିଗଞ୍ଜନ, ସଂସ୍କୃତ ବିଭାଗ ଅଧ୍ୟାପିକା ରୋଜାଲିନ୍ ଦାସ, ଇତିହାସ ବିଭାଗ ଅଧ୍ୟାପିକା ସାଗରୀକା ଦାସ, ମନସ୍ତତ୍ୱ ବିଭାଗ ଡେମୋନଷ୍ଟେଟର ରବିନ୍ଦ୍ର କୁମାର ମାର୍ଥା, ଗୃହ ବିଜ୍ଞାନ ଡେମୋନଷ୍ଟେଟର କସ୍ତୁରୀ ପଟ୍ଟନାୟକ, କ୍ରୀଡା ଶିକ୍ଷକ ବିଭୁଧେନ୍ଦୁ ମାନସିଂହ, କମ୍ପ୍ୟୁଟର ପ୍ରଶିକ୍ଷକ ଶିବ ଶଙ୍କର ପଣ୍ଡା ପ୍ରମୁଖ ଯୋଗଦାନ କରି ସ୍ୱର୍ଗତ ଭୋଳଙ୍କ ବହୁମୁଖୀ ପ୍ରତିଭାର ସ୍ମୃତି ଚାରଣ କରିଥିଲେ । ଏହି ଉପଲକ୍ଷେ ସକାଳ ୦୮ ଘଟିକା ସମୟରେ ସ୍ୱର୍ଗତ ଭୋଳଙ୍କ ଉଦ୍ଦେଶ୍ୟରେ ବିଦ୍ୟାଳୟ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ, ଛାତ୍ରୀ, ସ୍ମୃତି କମିଟି ସଭ୍ୟ ସଭ୍ୟା, ଏବଂ ଭୋଳ ପରିବାର ସଦସ୍ୟ ସଦସ୍ୟାଙ୍କ ଦ୍ୱାରା ତିଳ ତର୍ପଣ ପ୍ରଦାନ କରାଯାଇଥିଲା । ଆଇନଜୀବୀ ଅଜିତ୍ କୁମାର ପ୍ରଧାନ, ସ୍ୱର୍ଗତ ଭୋଳଙ୍କ ଜ୍ୟେଷ୍ଠା କନ୍ୟା ସୁଭଦ୍ରା ଭୋଳ, ବିଦ୍ୟାଳୟର ଗ୍ରନ୍ଥାଗାରୀକ ଅଙ୍କୁର ପ୍ରଧାନ, ଅଶୋକ କୁମାର୍ ସ୍ୱାଇଁ, ସିଦ୍ଧେଶ୍ୱର ନରେନ୍ଦ୍ରସିଂହ, ଅଣଶିକ୍ଷକ କର୍ମଚାରୀ ପ୍ରଭାତ କୁମାର ବିଶ୍ୱାଳ, ମୃତ୍ୟୁଞ୍ଜୟ ମିଶ୍ରୀ, ରଜନୀ କାନ୍ତ ମହାପାତ୍ର, ସୁବାସ ଚନ୍ଦ୍ର ବେହେରା, ନାରାୟଣ ନାୟକ, ପ୍ରମିଳା ଜେନା ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଉକ୍ତ ଅବସରରେ ବିଦ୍ୟାଳୟ ଛାତ୍ରୀ ମାନଙ୍କ ମଧ୍ୟରେ ହୋଇଥିବା ପ୍ରବନ୍ଧ, ତର୍କ, କଣ୍ଠସଂଗୀତ, କବିତା ଆବୃତ୍ତି ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । କ୍ରୀଡା ଶିକ୍ଷକ ବିଭୁଧେନ୍ଦୁ ମାନସିଂହ ଧନ୍ୟବାଦ ଅର୍ପଣ କରିଥିଲେ ।

ଶତାବ୍ଦିସାଧକ ଡ଼ ରାଧାନାଥ ରଥଙ୍କୁ ଶ୍ରଦ୍ଧାଞ୍ଜଳୀ

ଜଗତସିଂହପୁର, ୦୭/୧୨ (ଆ.ପ୍ର) : ବହୁମୁଖୀ ପ୍ରତିଭାର ଅଧିକାରୀ ତଥା ଶତାବ୍ଦି ସାଧକ ଓ ନିର୍ଭିକ ସାମ୍ବାଦିକ ପ୍ରବୀଣ ଜଣନାୟକ ଡ଼ ରାଧାନାଥ ରଥଙ୍କ ୧୨୯ ତମ ଜୟନ୍ତୀ ସ୍ଥାନୀୟ ପ୍ରଫୁଲ୍ଲ ପାଠାଗାର ଠାରେ ପାଳିତ ହୋଇଯାଇଛି । ପାଠାଗାରର ସଭାପତି ରବୀନ୍ଦ୍ର ନାଥଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ଯୋଗ ଦେଇ ସ୍ୱର୍ଗତ ଡ଼ ରାଧାନାଥ ରଥ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ବୋଲି କହିବା ସହିତ ତାଙ୍କ ଜୀବନଆଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ । ମୁଖ୍ୟ ବକ୍ତା ଭାବେ ପାଠାଗାର ସମ୍ପାଦକ ସୁରେନ୍ଦ୍ର କୁମାର ରାୟ ଆଲୋଚନାରେ ଭାଗ ନେଇ ସ୍ୱର୍ଗତ ରଥ ଓଡ଼ିଶାର ସାମ୍ବାଦିକତା କ୍ଷେତ୍ରରେ ଭୀଷ୍ମ ପିତାମହ ଥିଲେ ବୋଲି କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଶିକ୍ଷାବିତି ସତ୍ୟବାଦୀ ଦାସ ରମେଶ ଚନ୍ଦ୍ର ସାହୁ, ସତ୍ୟବାଦୀ ସାହୁ ପ୍ରମୁଖ ଯୋଗ ଦେଇ ସେମାଙ୍କ ବକ୍ତବ୍ୟରେ ସ୍ୱର୍ଗତ ରଥଙ୍କ ସାହିତ୍ୟ, ସାମ୍ବାଦିକତା ଓ ରାଜନୀତି କ୍ଷେତ୍ରରେ ବିଶେଷ ଅବଦାନ ଯୋଗୁ ସେ ନିଜ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଯାଇଥିଲେ ବୋଲି ଉଲ୍ଲେଖ କରିଥିଲେ । ସଭାର ଆରମ୍ଭ ରେ ପ୍ରଫୁଲ୍ଲ ପାଠାଗାରର ପ୍ରଥମ ଗ୍ରନ୍ଥାଗରିକତଥା ଏ ଅଂଚଳର ଶତାୟୁ ଶିକ୍ଷକ ସଦାଶିବ ପତିଙ୍କ ବିୟୋଗରେ ଶୋକ ପ୍ରକଶ କରାଯାଇ ଦିବଂଗତ ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଶେଷରେ ଶ୍ରୁତକିର୍ତ୍ତି ନନ୍ଦ ଧନ୍ୟବାଦ ଦେଇଥିଲେ ।

ବିଶିଷ୍ଟ ଶିକ୍ଷାବିତ୍ ସ୍ୱର୍ଗତ ଦୀନବନ୍ଧୁ ପାତ୍ରଙ୍କ ପ୍ରଥମଶ୍ରାଦ୍ଧ ବାର୍ଷିକ ଉତ୍ସବ ପାଳିତ

ମାହାଙ୍ଗା, ୦୭/୧୨ (ଆ.ପ୍ର) : ମାହାଙ୍ଗା ବ୍ଲକ ପୋଡାମରାଇ ପଂଚାୟତ ଅଧିନସ୍ଥ ସିଦ୍ଧପୁର ଗ୍ରାମର ବିଶିଷ୍ଟ ଶିକ୍ଷାବିତ୍ ତଥା ପୂର୍ବତନ ସରପଂଚ ସ୍ୱର୍ଗତ ଦୀନବନ୍ଧୁ ପାତ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଉତ୍ସବ ,ପ୍ରତିମୂର୍ତ୍ତି ଉନ୍ମୋଚନ ଓ ସ୍ମରଣିକା ଲୋକାର୍ପଣ ଉତ୍ସବ ଦୀନବନ୍ଧୁପାତ୍ର ସ୍ମୃତିସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ସଂସଦର ସଭାପତି ତଥା ପ୍ରଫେସର ଡଃ. ଯୁଧିଷ୍ଠିର ଖଟୁଆ ପୌରହିତ କରିଥିଲେ । ପ୍ରାରମ୍ଭରେ ଅତିଥିମାନେ ସ୍ୱର୍ଗତ ଦୀନବନ୍ଧୁ ପାତ୍ରଙ୍କ ଫଟୋଚିତ୍ରରେ ପୁଷ୍ପ,ଧୂପ ଅର୍ପଣ କରିଥିଲେ । ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ମାହାଙ୍ଗା ବିଧାୟକ ତଥା ରାମଚଣ୍ଡୀ ବିଦ୍ୟାଳୟର ପୁରାତନ ଛାତ୍ରସଂସଦର ସଭାପତି ଶାରଦା ପ୍ରସାଦ ପ୍ରଧାନ, ସମ୍ମାନିତ ଅତିଥିଭାବେ ବିଶିଷ୍ଟ ସାହିତ୍ୟିକ ଡଃ. ବିଜୟାନନ୍ଦ ସିଂହ, ଡଃ. ଗୋବିନ୍ଦ ଭୂୟାଁ, ସମାଜସେବୀ ଦେବେନ୍ଦ୍ର କୁମାର ସାହୁ, ଗବେଷକ ଡଃ. ଏକାଦଶୀ ପ୍ରଧାନ, ସାମ୍ବାଦିକ ଭକ୍ତ ଚରଣ ସାହୁ, ଶିକ୍ଷାବିତ୍ ଭାଗବତ ପ୍ରଧାନ, ଗୀତିକାର ବିଶ୍ୱେଶ୍ୱର ମହାନ୍ତି, ଚୈତନ୍ୟ ରାଉତ, ଶିକ୍ଷାବିତ୍ ବ୍ରଜସୁନ୍ଦର ନାୟକ, ଡଃ.ଜୟରାମ ସ୍ୱାଇଁ, ଡଃ ଭାବଗ୍ରାହୀ ରାଉତ, ପଣ୍ଡିତ ପ୍ରଭାତ କୁମାର କର, ଅଗାମୀ ଶତାବ୍ଦିର ସଂପାଦକ ମାସୁଦ୍ ଅଲ୍ଲୀ, ଅଧ୍ୟାପକ ଅଶୋକ କୁମାର ରାଉତ, ଡଃ ରାମ ଚନ୍ଦ୍ର ଦାଶ, ଶିଶୁସାହିତ୍ୟିକ ପ୍ରଫୁଲ୍ଲ କୁମାର ସାହୁ, ଅଧ୍ୟାପକ ଦାସରଥି ସ୍ୱାଇଁ, ଅଖିଳେଶ ପଦ ମହାନ୍ତି, ଡଃ କାର୍ତ୍ତିକ ଚନ୍ଦ୍ର ବରାଳ, ଗୌତମ ଚରଣ ଜେନା, ରାଜକିଶୋର ଜେନା,ତାରାପ୍ରସନ୍ନ ମହାପାତ୍ର, ବିଦ୍ୟୁଲତା ପ୍ରଧାନ, ହରିବନ୍ଧୁ ରାଉତ, ପ୍ରାକ୍ତନ ପ୍ର_ଧାନଶିକ୍ଷକ ସୁରେନ୍ଦ୍ର ନାଥ ଶତପଥୀ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପାତ୍ରଙ୍କ ବହୁମୁଖୀ ପ୍ରତିଭା ସଂପର୍କରେ ଆଲୋପାତ କରିବା ସହ ସେ ଜଣେ ଆଦର୍ଶ ଶିକ୍ଷକ ଭାବେ ସମାଜରେ ନିଜ ନାମ ଟେକ ରଖିପାରିଥିଲେ ବୋଲି ମତ ବ୍ୟକ୍ତ କରିଥିଲେ । ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା 'ଜ୍ଞାନର ସିନ୍ଧୁ ଦୀନବନ୍ଧୁ' ଶୀର୍ଷକ ସ୍ମରଣିକାକୁ ଲୋକାର୍ପଣ କରିବାସ ସହିତ ସ୍ୱର୍ଗତ ପାତ୍ରଙ୍କ ପ୍ରତିମୂର୍ତ୍ତୀ ଅନାବରଣ କରିଥିଲେ । ଏହି ଅବସରରେ କବି ପ୍ରଫୁଲ୍ଲ କୁମାର ସାହୁ, ସାମ୍ବାଦିକ ବିଜୟ କୁଅଁର ନିଜର ସ୍ୱରଚିତ କବିତା ପାଠ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଇଂ.ଆକାଶ ଭୂୟାଁ, ନଳିନୀକାନ୍ତ ନାୟକ, ଶରତ ଚନ୍ଦ୍ର ମିଶ୍ର, ଅଧ୍ୟାପକ ବିଶ୍ୱନାଥ ସେଠୀ, ଅକ୍ଷୟରାୟ ଚୌଧୁରୀ, ବିଦ୍ୟାଧର ଖଟୁଆ, ନିରଞ୍ଜନ ରାଉତ, ଶ୍ରୀଚରଣ ନାୟକ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ବେତାର କଣ୍ଠଶିଳ୍ପୀ ଅଜୟ କୁମାର ଜେନା ଭଜନ ଗାନ କରିଥିଲା ବେଳେ ଗୟାଧାର ସାହୁ କୃତଜ୍ଞତା ଜ୍ଞାପନ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଇଂ.ମନୋଜ କୁମାର ପାତ୍ର, ରୁଦ୍ରନାରାୟଣ ପ୍ରଧାନ, ବିପ୍ରୀରଂଜନ ପାତ୍ର, କିଶନ ପାତ୍ର, ମହେନ୍ଦ୍ର ସ୍ୱାଇଁ,କମଳ କୁମାର ପାତ୍ର, ସୌମ୍ୟଜିତ ପ୍ରଧାନ, ବିନୟପ୍ରକାଶ ସିଂହ, ସତ୍ୟସାନ୍ଧ ପ୍ରଧାନ,ସରୋଜ କୁମାର ପାତ୍ର , ଶରତ ପାତ୍ର ପ୍ରମୁଖ ସହଯୋଗ କରିଥିଲେ ।

ସ୍ମୃତି ଓ ପଲାଶଙ୍କ ବାହାଘର ଭାଙ୍ଗିଲା

ନୂଆଦିଲ୍ଲୀ, ୭/୧୨(ନ୍ୟୁ.ଏ): ସବୁ ଜଳ୍ପନାକଳ୍ପନାର ଅନ୍ତ ଘଟାଇଲେ କ୍ରିକେଟର ସ୍ମୃତି ମନ୍ଧାନା ଓ ଗୀତିକାର ପଲାଶ ମୁଚ୍ଛଲ । ସେମାନଙ୍କ ବାହାଘର ଭାଙ୍ଗିଗଲା । ଉଭୟ ସୋଶାଲ ମିଡିଆରେ ପୃଥକ ପୃଥକ ପୋଷ୍ଟ କରି ଏହି କଥା ଜଣାଇଛନ୍ତି । ସ୍ମୃତି ମନ୍ଧାନା ରବିବାର ଇନଷ୍ଟାଗ୍ରାମରେ ଲେଖିଛନ୍ତି, ଗତ କିଛି ସପ୍ତାହ ଧରି ମୋ ଜୀବନକୁ ନେଇ ବହୁତ କଥା ଆଲୋଚନା କରାଯାଉଛି । ମୁଁ ଭାବୁଛି ଏବେ ମୋତେ ମୁହଁ ଖୋଲିବାକୁ ହେବ । ମୁଁ ଏହା ସ୍ପଷ୍ଟ କରି ଦେଉଛି ଯେ ବାହାଘର ଭାଙ୍ଗିଯାଇଛି । ମୁଁ ଏହିଠାରେ ଏହି ଘଟଣାକୁ ଶେଷ କରିବାକୁ ଚାହୁଁଛି । ମୁଁ ଭାବୁଛି ଆପଣମାନେ ମଧ୍ୟ ସେମିତି କରିବେ । ମୁଁ ଅନୁରୋଧ କରୁଛି ଯେ ଆପଣମାନେ ଉଭୟଙ୍କ ପରିବାରର ଘର କଥାକୁ ସମ୍ମାନ ଦିଅନ୍ତୁ ଓ ଆମକୁ ଆଗକୁ ବଢ଼ିବାକୁ ଦିଅନ୍ତୁ । ସେ ଆହୁରି ଲେଖିଛନ୍ତି, ମୁଁ ବିଶ୍ୱାସ କରେ ଯେ ଏକ ବଡ଼ ଉଦ୍ଦେଶ୍ୟ ଆମକୁ ଆଗକୁ ନିଏ । ମୋ ପାଇଁ ତାହା ହେଉଛି ସର୍ବୋଚ୍ଚ ସ୍ତରରେ ମୋ ଦେଶକୁ ପ୍ରତିନିଧିତ୍ୱ କରିବା । ମୁଁ ଆଶା କରୁଛି ଯେ ଯେତେଦିନ ସମ୍ଭବ ଭାରତ ପାଇଁ ଖେଳିବି ଓ ଟ୍ରଫି ଜିତିବି । ସବୁଦିନେ ତା' ଉପରେ ମୋର ନଜର ରହିବ । ସମସ୍ତଙ୍କ ସହଯୋଗ ପାଇଁ ଧନ୍ୟବାଦ । ଏବେ ସମୟ ହେଉଛି ଆଗକୁ ବଢ଼ିବାର । ସ୍ମୃତି ମନ୍ଧାନାଙ୍କ ପରେ ପରେ ଗୀତିକାର ପଲାଶ ମୁଚ୍ଛଲ ଇନଷ୍ଟାଗ୍ରାମରେ ଏକ ବିବୃତି ଜାରି କରି ସ୍ମୃତିଙ୍କ ସହିତ ତାଙ୍କର ସଂପର୍କ ଛିନ୍ନ କରିଥିବା ଜଣାଇଥିଲେ । ସେ ଲେଖିଥିଲେ, ମୁଁ ମୋ ଜୀବନରେ ଆଗକୁ ବଢ଼ିବାକୁ ନିଷ୍ପତି ନେଇଛି । ମୁଁ ମୋ ବ୍ୟକ୍ତିଗତ ସଂପର୍କକୁ ଛିନ୍ନ କରୁଛି । ଯେଉଁ ଜିନିଷଟି ମୋ ପାଇଁ ସବୁଠୁ ଅଧିକ ପବିତ୍ର ତାକୁ ନେଇ ଉଠିଥିବା ଗୁଜବ ଉପରେ ଲୋକେ ଅତି ସହଜରେ ପ୍ରତିକ୍ରିୟା ଦେବା ମୋ ପାଇଁ କଷ୍ଟଦାୟକ ଥିଲା । ଏହା ମୋ ଜୀବନର ସବୁଠାରୁ କଠିନ ସମୟ । ମୋର ନିଜ ଉପରେ ବିଶ୍ୱାସ ଅଛି ଏହି ସ୍ଥିତିକୁ ସମ୍ଭାଳି ନେବାକୁ । ସେ ଆହୁରି ଲେଖିଛନ୍ତି ଯେ ଆମେ କାହା ସଂପର୍କରେ କିଛି କହିବା ପୂର୍ବରୁ ଥରେ ଭାବିବା ଦରକାର । ଗୁଜବ ଉପରେ ଭରସା କରି କିଛି କହିବା କଥା ନୁହେଁ । ଆମ ଶବ୍ଦଗୁଡ଼ିକ ଅନ୍ୟମାନଙ୍କୁ କେଉଁ ବାଟରେ କ୍ଷତି ପହଂଚାଇବ, ତାହା ଆମେ କେବେ ବୁଝିପାରନ୍ତିନାହିଁ । ଏହା ସହିତ ଯେଉଁମାନେ ତାଙ୍କୁ ନେଇ ମିଛ ତଥା ଅସମ୍ମାନସୂଚକ କଥା କହୁଛନ୍ତି, ସେମାନଙ୍କ ବିରୁଦ୍ଧରେ ତାଙ୍କ ଟିମ୍ ଆଇନ ଅନୁସାରେ ପଦକ୍ଷେପ ନେବ ବୋଲି କହିଛନ୍ତି ପଲାଶ ମୁଚ୍ଛଲ । ତେବେ କାହିଁକି ଏହି ବିବାହ ଭାଙ୍ଗିଲା, ସେ ନେଇ ସ୍ମୃତି କିମ୍ବା ପଲାଶ କିଛି ଲେଖିନାହାନ୍ତି । ନଭେମ୍ବର ୨୩ ତାରିଖରେ ସେମାନଙ୍କ ବିବାହ ହେବାର ଥିଲା । ବିବାହ ପୂର୍ବରୁ ଅନ୍ୟ ସମସ୍ତ ରୀତିନୀତି ସଂପନ୍ନ ହୋଇସାରିଥିଲା । କିନ୍ତୁ ବିବାହ ଦିନ ସକାଳେ ସ୍ମୃତି ମନ୍ଧାନାଙ୍କ ବାପାଙ୍କ ହୃଦ୍‌ଘାତ ହୋଇଥିଲା । ତେଣୁ ଏହି ବିବାହକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଘୁଂଚାଇ ଦିଆଯାଇଥିଲା । କିନ୍ତୁ ପରେ ପରେ ନୂଆ ନୂଆ ତଥ୍ୟ ସାମ୍ନାକୁ ଆସିଥିଲା । କିଛି ବଡ଼ ଘଟଣା ଘଟିଥିବା ଆଲୋଚନା ହେଲା । ସ୍ମୃତିଙ୍କୁ ପଲାଶ ଠକି ଥିବା ଭଳି ଅଭିଯୋଗ ହୋଇଥିଲା । ଅନ୍ୟ ଜଣେ ମହିଳାଙ୍କ ସହିତ ପଲାଶଙ୍କ ସଂପର୍କକୁ ନେଇ କଥା ଉଠିଥିଲା । ଏ ସଂପର୍କରେ କିଛି ହ୍ୱାଟସ୍ ଅପ୍ ଚାଟ୍ ଭାଇରାଲ ମଧ୍ୟ ହୋଇଥିଲା । କିନ୍ତୁ ଏସବୁ ଘଟଣା ସଂପର୍କରେ ସେମାନେ ମୁହଁ ଖୋଲି ନାହାନ୍ତି ।

ବାରବାଟୀ ଫାଇଟ୍ କାଉଂଟଡାଉନ୍, ଭୁବନେଶ୍ୱରରେ ଦୁଇ ଦେଶର ଖେଳାଳି

କଟକ, ୭/୧୨ (ଆ.ପ୍ର) : ବାରବାଟୀ ଦୁଲୁକିବା ଆଗରୁ ଦୁଲୁକିଲା ଭୁବନେଶ୍ୱର । ଦୁଲୁକୋଉଥିଲା ଧୁମ୍ସା, ବର୍ଷୁଥିଲା ଫୁଲ । ଚାତକ ଭଳି ଚାହିଁ ବସିଥିଲେ ଶହଶହ ଫ୍ୟାନ୍ । ଆଦିବାସୀ ନୃତ୍ୟର ତାଳେ ତାଳେ ପାଦ ଝୁମୁଥିଲା, ରେଡ୍ କାର୍ପେଟରେ ଦୁଇ ଦେଶର ଖେଳାଳିଙ୍କ ପାଦ ପଡୁଥିଲା । ଆଦିବାସୀ ପରମ୍ପରାର ଝଲକ ସହିତ ଏଭଳି ମହାଆଡମ୍ବରରେ ଭାରତ ଓ ଦକ୍ଷିଣ ଆଫ୍ରିକା ଖେଳାଳିଙ୍କୁ ସ୍ୱାଗତ କରିଛି ଓଡ଼ିଶା । ହେଡ୍ କୋଚ୍ ଗୌତମ ଗମ୍ଭୀରଙ୍କ ସହ ୫ ଖେଳାଳି, ଅର୍ଶଦୀପ ସିଂ, କୁଲଦୀପ ଯାଦବ, ତିଲକ ବର୍ମା, ହର୍ଷିତ ରାଣା ଓ ୱାସିଂଟନ ସୁନ୍ଦର ପହଂଚିଛନ୍ତି ହୋଟେଲ୍ ମେ ଫେୟାରରେ । ପୂର୍ବରୁ ବୁମରା ଓ ହାର୍ଦ୍ଦିକ ପାଣ୍ଡ୍ୟା ଆସିସାରିଥିବା ବେଳେ କ୍ୟାପଟେନ ସୂର୍ଯ୍ୟକୁମାରଙ୍କ ସହିତ ବଳକା ଖେଳାଳି ଇଣ୍ଡିଭିଜୁଆଲ୍ ଭାବେ ରାତି ସୁଦ୍ଧା ପହଂଚିବେ । ଅନ୍ୟପଟେ ଦକ୍ଷିଣ ଆଫ୍ରିକାର ସମସ୍ତ ଖେଳାଳି ଓ ସପୋର୍ଟ ଷ୍ଟାଫ୍ ପହଂଚି ସାରିଛନ୍ତି । ପ୍ରିୟ କ୍ରିକେଟରମାନଙ୍କୁ ଦେଖିବାକୁ ଫ୍ୟାନଙ୍କ ମଧ୍ୟରେ ଦେଖିବାକୁ ମିଳିଥିଲା ନାହିଁନଥିବା ଉତ୍ସାହ । ଦିନକ ପରେ ବାରବାଟୀରେ ଇଣ୍ଡିଆ-ସାଉଥ ଆଫ୍ରିକା ଟି-ଟ୍ୱେଂଟି ଫାଇଟ୍ । ଟ୍ୱେଂଟି ସିରିଜର ପ୍ରଥମ ମ୍ୟାଚ୍ ଲାଗି ପିଚ୍ ପ୍ରସ୍ତୁତ, ଗ୍ୟାଲେରୀ ରେଡି । ବାରବାଟୀରେ ପ୍ରଥମଥର ପାଇଁ ନାଲି ମାଟି ପିଚରେ ହେବାକୁ ଯାଉଛି ଖେଳ । ଏହା ପୂର୍ବରୁ ଆଜି ପିଚ୍ ଅନୁଧ୍ୟାନ କରିଛନ୍ତି ବିସିସିଆଇ କ୍ୟୁରେଟର୍ । ଆଜି ହାର୍ଦ୍ଦିକ ପାଣ୍ଡ୍ୟା ବାରବାଟୀ ଯାଇ ପ୍ରାକ୍ଟିସ୍ କରିଥିବାବେଳେ ଆସନ୍ତାକାଲି ଦିନରେ ଟିମ୍ ଇଣ୍ଡିଆ ଓ ସନ୍ଧ୍ୟାରେ ଫ୍ଲଡ୍ ଲାଇଟରେ ନେଟ୍ ପ୍ରାକ୍ଟିସ୍ କରିବ ସାଉଥ୍ ଆଫ୍ରିକା । ଏଥିପାଇଁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ଦୁଇ ଟିମର ଅଭ୍ୟାସ ଲାଗି କମିଶନରେଟ୍ ପୋଲିସ ପକ୍ଷରୁ ଟ୍ରାଫିକ କଟକଣା ଜାରି ହୋଇଛି । ନେଟ୍ ପ୍ରାକ୍ଟିସ ଦେଖିବା ପାଇଁ ଦୁଇଟି ଗ୍ୟାଲେରୀ ଖୋଲା ରହିବ । ଅନ୍ୟପଟେ ୯ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଷ୍ଟାଡିୟମରେ ବସି ସମ୍ପୂର୍ଣ୍ଣ ମ୍ୟାଚ୍ ଦେଖିବେ ବୋଲି ସୂଚନା ଦେଉଛନ୍ତି ଓସିଏ ସଭାପତି । ଶୃଙ୍ଖଳିତ ମ୍ୟାଚ୍ ଆୟୋଜନକୁ ଗୁରୁତ୍ୱ ଦେଉଛି ଓସିଏ । ଯେପରି ଗତବର୍ଷ ଭଳି କୌଣସି ବିଭ୍ରାଟ ନହୁଏ ସେଥିପ୍ରତି ବିଶେଷ ଧ୍ୟାନ ଦିଆଯାଉଛି । ଅନଲାଇନ ଟିକେଟ୍ କିଣିଥିବା ଲୋକମାନେ ଆସନ୍ତାକାଲି ଓ ୯ ତାରିଖରେ ଫିଜିକାଲ୍ ଟିକେଟ୍ ସଂଗ୍ରହ କରିବେ ।

ରବିବାର ଇଣ୍ଡିଗୋର ପୁଣି ୬୫୦ ଉଡାଣ ବାତିଲ

ନୂଆଦିଲ୍ଲୀ, ୭/୧୨(ନ୍ୟୁ.ଏ): ଇଣ୍ଡିଗୋ ଏୟାରଲାଇନ୍ସର ପରିଚାଳନାଗତ ସଙ୍କଟକୁ ସମାଧାନ କରିବା ଏବଂ ସ୍ୱାଭାବିକତା ଫେରାଇ ଆଣିବା ପାଇଁ ପ୍ରୟାସ କରାଯାଉଛି, କିନ୍ତୁ ଏହି ସଙ୍କଟ ଲଗାତାର ଷଷ୍ଠ ଦିନ ପାଇଁ ଜାରି ରହିଛି । ରବିବାର ଦେଶର ପ୍ରମୁଖ ବିମାନ ବନ୍ଦର ଗୁଡ଼ିକରେ ୬୫୦ ଟି ଉଡ଼ାଣ ବାତିଲ କରାଯାଇଛି । ଇଣ୍ଡିଗୋରେ ଚାଲିଥିବା ସଙ୍କଟ ଯୋଗୁଁ, ଗତ ଛଅ ଦିନ ମଧ୍ୟରେ ପ୍ରାୟ ୩ ହଜାର ଉଡ଼ାଣ ବାତିଲ କରାଯାଇଛି, ଯାହା ଦେଶର ବିମାନ ଚଳାଚଳକୁ ଗୁରୁତର ଭାବରେ ପ୍ରଭାବିତ କରିଛି ଏବଂ ଲକ୍ଷ ଲକ୍ଷ ଯାତ୍ରୀଙ୍କୁ ଅତ୍ୟଧିକ ଅସୁବିଧାର ସମ୍ମୁଖୀନ କରୁଛି । ଏବେ, ସରକାର ଇଣ୍ଡିଗୋ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରସ୍ତୁତ ହେଉଛନ୍ତି । ଶନିବାର କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ (DGCA) ଇଣ୍ଡିଗୋର ସିଇଓ ପିଟର ଏଲବର୍ସ ଏବଂ ସିଓଓ ଏବଂ ଆକାଉଂଟେବଲ୍ ମ୍ୟାନେଜର ପୋରକେରାସଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି । ଏହାସହ ପରିଚାଳନା ଗତ ସଙ୍କଟ ଉପରେ ୨୪ ଘଂଟା ମଧ୍ୟରେ ଜବାବ ମାଗିଛି । ଡିଜିସିଏ ନୋଟିସରେ ଉଲ୍ଲେଖ କରିଛି ଯେ କାର୍ଯ୍ୟକ୍ଷମ ଯୋଜନା ଏବଂ ସମ୍ବଳ ପରିଚାଳନାରେ ଏକ ଗୁରୁତ୍ୱପୂର୍ଣ୍ଣ ବିଫଳତା ରହିଛି । ନୋଟିସରେ ଉଲ୍ଲେଖ କରାଯାଇଛି,ଇଣ୍ଡିଗୋର ଚାଲିଥିବା ସଙ୍କଟର ମୁଖ୍ୟ କାରଣ ହେଉଛି ନୂତନ ରଉଣ୍ଡଖ ନିୟମାବଳୀ କାର୍ଯ୍ୟକାରୀ କରିବା ପାଇଁ ଉପଯୁକ୍ତ ବ୍ୟବସ୍ଥାର ଅଭାବ । ଏହା ସହ ବିମାନ କମ୍ପାନୀ ବିରୁଦ୍ଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ବୋଲି ତାହା ପଚରାଯାଇଛି ସରକାର । କ୍ରମାଗତ ପଂଚମ ଦିନ ପାଇଁ ଇଣ୍ଡିଗୋର କାର୍ଯ୍ୟ ବାଧାପ୍ରାପ୍ତ ହେବା ପରେ, ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ. ରାମମୋହନ ନାଇଡୁ ଶନିବାର ମନ୍ତ୍ରଣାଳୟ ବରିଷ୍ଠ ଅଧିକାରୀ ଏବଂ ପିଟର ଏଲବର୍ସଙ୍କ ସହ ଏକ ବୈଠକ କରି ସ୍ଥିତି ସମୀକ୍ଷା କରିଛନ୍ତି । ବୈଠକରେ ଇଣ୍ଡିଗୋର ସିଇଓଙ୍କୁ ସୁନିଶ୍ଚିତ କରିବାକୁ କୁହାଯାଇଛି ଯେ, ଏୟାରଲାଇନ୍ ଏକ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ନୂତନ ରଉଣ୍ଡଖ ନିୟମାବଳୀ ପାଳନ କରୁଛି । ନୋଟିସରେ ଉଲ୍ଲେଖ କରାଯାଇଛି,ଇଣ୍ଡିଗୋର ଚାଲିଥିବା ସଙ୍କଟର ମୁଖ୍ୟ କାରଣ ହେଉଛି ନୂତନ ରଉଣ୍ଡଖ ନିୟମାବଳୀ କାର୍ଯ୍ୟକାରୀ କରିବା ପାଇଁ ଉପଯୁକ୍ତ ବ୍ୟବସ୍ଥାର ଅଭାବ । ଏହା ସହ ବିମାନ କମ୍ପାନୀ ବିରୁଦ୍ଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ବୋଲି ତାହା ପଚରାଯାଇଛି ସରକାର । ରବିବାର ୬୫୦ ଇଣ୍ଡିଗୋ ଉଡ଼ାଣ ବାତିଲ ହୋଇଛି । ଇଣ୍ଡିଗୋ ଏହାର ୨୩୦୦ ଦୈନିକ ଉଡ଼ାଣ ମଧ୍ୟରୁ ଏବେ ୧୬୫୦ ଉଡ଼ାଣ କରୁଛି । ପୂର୍ବରୁ ଶୁକ୍ରବାର ଦିନ, ଇଣ୍ଡିଗୋ ପ୍ରାୟ ୧୬୦୦ ଉଡ଼ାଣ ବାତିଲ କରିଥିଲା । କିନ୍ତୁ ଶନିବାର ବାତିଲ ସଂଖ୍ୟା ପ୍ରାୟ ୮୦୦କୁ ହ୍ରାସ ପାଇଛି ।

ହାୱାଇ ଦ୍ୱୀପପୁଞ୍ଜରେ ଭୟଙ୍କର ଆଗ୍ନେୟଗିରି ଉଦ୍‌ଗିରଣ, ୪୦୦ ମିଟର ଉପରକୁ ଉଠିଲା ପାଉଁଶ

ନୂଆଦିଲ୍ଲୀ, ୭/୧୨(ନ୍ୟୁ.ଏ): ଆମେରିକାର ହାୱାଇ ଦ୍ୱୀପପୁଞ୍ଜ ସ୍ଥିତ ବିଶ୍ୱର ସବୁଠାରୁ ସକ୍ରିୟ ଆଗ୍ନେୟଗିରି ଭାବରେ ପରିଚିତ କିଲାଉଆ ପୁଣିଥରେ ଉଦ୍‌ଗିରଣ । ଏହାର ନିଆଁ ଓ ଲାଭା-ପାଉଁଶ ୪୦୦ ମିଟର ଅର୍ଥାତ ୧୩୦୦ ଫୁଟ୍ ଉଚ୍ଚତା ପର୍ଯ୍ୟନ୍ତ ଉଠୁଥିବାର ଦେଖିବାକୁ ମିଳିଛି । ଆଗ୍ନେୟଗିରି ଉଦଗିରଣର ଏଭଳି ଭିଡିଓ ଖୁବ୍ ଭୟଙ୍କର ରହିଛି । ବୈଜ୍ଞାନିକଙ୍କ କହିବା ଅନୁସାରେ, ଏହା ଗତ କିଛି ବର୍ଷ ହେବ ଦୁନିଆରେ ହୋଇଥିବା ସବୁଠାରୁ ଭୟଙ୍କର ଆଗ୍ନେୟଗିରି ଉଦ୍‌ଗିରଣ ଘଟଣା । ଆମେରିକାର ପ୍ରତ୍ନତତ୍ୱ ସର୍ବେକ୍ଷଣ (ୟୁଏସଜିଏସ୍) ରବିବାର ଘୋଷଣା କରିଛି ଯେ କିଲାଉଆର ହାଲେମାଉମାଉ କ୍ରେଟରରେ ଭୟଙ୍କର ବିସ୍ଫୋରଣ ଆରମ୍ଭ ହୋଇଛି, ଯାହା ଏକ ବିରଳ ଦୃଶ୍ୟ । ଗର୍ତ୍ତ ଭିତରେ ପ୍ରାୟ ତିନୋଟି ଏକକାଳୀନ ଲାଭା ଝରଣା ବାହାରୁଛି, ପ୍ରତ୍ୟେକଟି ପ୍ରାୟ ୪୦୦ମିଟର (୧,୩୦୦ ଫୁଟ) ଉଚ୍ଚତାରେ ପହଂଚିଛି । ୟୁଏସଜିଏସ୍ ବୈଜ୍ଞାନିକଙ୍କ ଅନୁଯାୟୀ, ଏତେ ଉଚ୍ଚତାରେ ଏକକାଳୀନ ତିନୋଟି ସମାନ୍ତରାଳ ଲାଭା ବାହାରୁଥିବା କିଲାଉଆର ଇତିହାସରେ ବହୁତ କମ୍ ଦେଖାଯାଇଛି । କୁହାଯାଉଛି ଯେ, ଏହି ବିସ୍ଫୋରଣ ଶନିବାର ବିଳମ୍ବିତ ରାତିରେ ଆରମ୍ଭ ହୋଇଥିଲା । କିଛି ମିନିଟ୍‌ରେ ଲାଭା ଆକାଶକୁ ଲାଲ କରିଦେଇଥିଲା । ରାତିର ଅନ୍ଧାରରେ ଏହି ଦୃଶ୍ୟ ଖୁବ୍ ସ୍ପଷ୍ଟ ଦେଖାଯାଉଛି । ଏପର୍ଯ୍ୟନ୍ତ ଲାଭା କେବଳ କ୍ରେଟର ଭିତରେ ସୀମିତ ରହିଛି ଓ ହାୱାଇ ଜ୍ୱାଳାମୁଖୀର ନ୍ୟାସନାଲ ପାର୍କର ବାହାରେ କୌଣସି ଅଂଚଳ ବିପଦରେ ନାହିଁ । ୟୁଏସଜିଏସ୍ ହାୱାଇ ଜ୍ୱାଳାମୁଖୀ ଅବଜରଭେଟରିର ମୁଖ୍ୟ ବୈଜ୍ଞାନିକ କେନ୍ ହୋନ୍ କହିଛନ୍ତି । ଠିକ୍ ସମାନ ଉଚ୍ଚତାରେ ଏବଂ ସମନ୍ୱୟରେ ଲାଭା ବାହାରୁଛି । ଏହା ଏଭଳି ଦୃଶ୍ୟ ଯାହା ଦଶନ୍ଧି ଧରି ଦେଖାଯାଇ ନାହିଁ । ଏହା କିଲାଉଆର ଶକ୍ତି ଏବଂ ସୌନ୍ଦର୍ଯ୍ୟ ଉଭୟର ପ୍ରମାଣ । ଏପର୍ଯ୍ୟନ୍ତ କେହି ମୃତାହତ କିମ୍ବା ସମ୍ପତି କ୍ଷୟକ୍ଷତିର କେ? ରିପୋର୍ଟ ମିଳିନାହିଁ । ଆଖପାଖ ଅଂଚଳରେ ହାଲୁକା ପାଉଁଶ ପଡ଼ିବାର ଆଶଙ୍କା ରହିଛି, ତେଣୁ ସ୍ଥାନୀୟ ଲୋକଙ୍କୁ ମାସ୍କ ପିନ୍ଧିବାକୁ ପରାମର୍ଶ ଦିଆଯାଇଛି ।

ଆଫ୍ରିକୀୟ ଦେଶରେ ସାମରିକ ବିଦ୍ରୋହ, ସରକାର ଭଙ୍ଗ କରିବାର ଘୋଷଣା କଲା ସେନା

ନୂଆଦିଲ୍ଲୀ, ୭/୧୨(ନ୍ୟୁ.ଏ): ପଶ୍ଚିମ ଆଫ୍ରିକୀୟ ଦେଶ ବେନିନରେ ସାମରିକ ବିଦ୍ରୋହ । ବେନିନର ସରକାରୀ ଟେଲିଭିଜନରେ ସୈନିକଙ୍କ ଏକ ଦଳ ସରକାର ଭାଙ୍ଗିବାର ଘୋଷଣା କରିଛନ୍ତି । ଏହା ସାମ୍ପ୍ରତିକ ବର୍ଷଗୁଡ଼ିକରେ ପଶ୍ଚିମ ଆଫ୍ରିକାରେ ହୋଇଥିବା ସାମରିକ ବିଦ୍ରୋହର ସର୍ବାଧୁନିକ ଘଟଣା । ଅନ୍ୟ ଆଫ୍ରିକୀୟ ଦେଶରେ ମଧ୍ୟ ସାମରିକ ବିଦ୍ରୋହ ଘଟିଛି । ନିଜକୁ 'ମିଲିଟାରୀ କମିଟି ଫର ରିଫାଉଣ୍ଡେସନ୍' (ପୁନର୍ନିର୍ମାଣ ପାଇଁ ସେନା କମିଟି) କହୁଥିବା ସୈନିକଙ୍କ ଗୋଷ୍ଠୀ ରବିବାର ରାଷ୍ଟ୍ରପତି ଏବଂ ସମସ୍ତ ରାଷ୍ଟ୍ର ପ୍ରତିଷ୍ଠାନକୁ ବହିଷ୍କାର କରିବାର ଘୋଷଣା କରିଛନ୍ତି । ସୈନିକମାନେ କହିଛନ୍ତି, ଲେଫ୍ଟନାଂଟ କର୍ଣ୍ଣେଲ ପାସ୍କାଲ୍ ଟିଗ୍ରୀଙ୍କୁ ସାମରିକ କମିଟିର ଅଧ୍ୟକ୍ଷ ନିଯୁକ୍ତ କରାଯାଇଛି । ୧୯୬୦ ରେ ଫ୍ରାନ୍ସର ସ୍ୱାଧୀନତା ପରେ ବିଶେଷ ଭାବରେ ପ୍ରାରମ୍ଭିକ ଦଶକରେ ପଶ୍ଚିମ ଆଫ୍ରିକୀୟ ଦେଶ ବେନିନ୍ ବିଦ୍ରୋହର ସମ୍ମୁଖୀନ ହୋଇଛି । ୧୯୯୧ ମସିହାରୁ ମାର୍କ୍ସବାଦୀ-ଲେଲିନବାଦୀ ମାଥ୍ୟୁ କେରେକୋଉଙ୍କ ଦୁଇ ଦଶନ୍ଧିର ଶାସନ ପରେ ଦେଶ ରାଜନୈତିକ ଭାବରେ ସ୍ଥିର ଥିଲା । କେରେକୁ ଦେଶର ନାଁ ବଦଳାଇ 'ପିପୁଲ୍ସ ରିପବ୍ଲିକ୍ ଅଫ୍ ବେନିନ୍' ନାମରେ ନାମିତ କରିଥିଲେ । ରାଷ୍ଟ୍ରପତି ପାଟ୍ରିସ୍ ଟାଲୋନ୍ ୨୦୧୬ ମସିହାରୁ କ୍ଷମତାରେ ଥିଲେ ଏବଂ ଏପ୍ରିଲରେ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନ ପରେ ତାଙ୍କୁ ପଦ ଛାଡିବାକୁ ପଡ଼ିଥିଲା । ତାଙ୍କ ଦଳର ପ୍ରାର୍ଥୀ, ପୂର୍ବତନ ଅର୍ଥମନ୍ତ୍ରୀ ରୋମୁଆଲ୍ଡ ୱାଡାଗ୍ନିଙ୍କୁ ଜଣେ ଦୃଢ଼ ପ୍ରତିଦ୍ୱନ୍ଦ୍ୱୀ ଭାବରେ ବିବେଚନା କରାଯାଉଥିଲା । ପର୍ଯ୍ୟାପ୍ତ ସମର୍ଥକ ଅଭାବରୁ ବିରୋଧୀ ପ୍ରାର୍ଥୀ ରେନାଡ୍ ଆଗବୋଡଜୋଙ୍କୁ ନିର୍ବାଚନ କମିଶନ ଅଯୋଗ୍ୟ ଘୋଷଣା କରିଥିଲେ । ଗତ ମାସରେ, ବେନିନର ସଂସଦ ରାଷ୍ଟ୍ରପତିଙ୍କ କାର୍ଯ୍ୟକାଳ ପାଂଚ ବର୍ଷରୁ ସାତ ବର୍ଷକୁ ବୃଦ୍ଧି କରିଥିଲା, କିନ୍ତୁ ଦୁଇ କାର୍ଯ୍ୟକାଳ ସୀମା ବଜାୟ ରଖିଥିଲା । ପଶ୍ଚିମ ଆଫ୍ରିକାରେ ଏହି ସାମରିକ ବିଦ୍ରୋହ ହେଉଛି ନୂତନ ଘଟଣା ।

ନେପାଳରେ ଭୂମିକମ୍ପ ଝଟକା, ତୀବ୍ରତା ୪.୬

ନେପାଳ, ୭/୧୨(ନ୍ୟୁ.ଏ): ନେପାଳରେ ଭୂମିକମ୍ପ । ଭୂମିକମ୍ପ ଯୋଗୁଁ ସମ୍ପୂର୍ଣ୍ଣ ନେପାଳ ଦୋହଲି ଯାଇଛି । ପଶ୍ଚିମ ସୁଦୂର ପଶ୍ଚିମ ପ୍ରଦେଶ ନେପାଳରେ ସକାଳ ପ୍ରାୟ ଆଠଟା ସମୟରେ ଏହି ଭୂମିକମ୍ପ ଅନୁଭୂତ ହୋଇଥିଲା । ନ୍ୟାସନାଲ ସେଂଟର ଫର୍ ସିସ୍ମୋଲୋଜିକାଲ୍ ମନିଟରିଂ ଆଣ୍ଡ ରିସର୍ଚ୍ଚ ଅନୁଯାୟୀ, ଭୂମିକମ୍ପର ତୀବ୍ରତା ୪.୬ ବୋଲି ମାପ କରାଯାଇଥିଲା । ଏପର୍ଯ୍ୟନ୍ତ କୌଣସି କ୍ଷୟକ୍ଷତିର ଖବର ମିଳିନାହିଁ । ସକାଳ ୮ଟା ୨୮ ମିନିଟରେ ଏହି ଭୂମିକମ୍ପ ଅନୁଭୂତ ହୋଇଥିଲା । ଏହାଦ୍ୱାରା ଆଖପାଖ ଜିଲ୍ଲାଗୁଡ଼ିକରେ ମଧ୍ୟ ଝଟକା ଅନୁଭୂତ ହୋଇଥିଲା । ତେବେ ଭୂକମ୍ପରେ କୌଣସି କ୍ଷୟକ୍ଷତିର ଖବର ମିଳିନାହିଁ । କହିରଖୁଛୁ, ପଶ୍ଚିମ ନେପାଳରେ ପ୍ରାୟତଃ ବାରମ୍ବାର ଭୂମିକମ୍ପ ହୁଏ । ନଭେମ୍ବର ୩୦ ତାରିଖରେ ସେହି ରାଜ୍ୟର ବାଝାଙ୍ଗ ଜିଲ୍ଲାର ସାଇପାଲ ପର୍ବତ ଅଂଚଳରେ ୪.୪ ତୀବ୍ରତାର ଭୂମିକମ୍ପ ଅନୁଭୂତ ହୋଇଥିଲା । ଭୂମିକମ୍ପ ଯୋଗୁ ଲୋକମାନେ ଭୟଭୀତ ହୋଇପଡ଼ିଥିଲେ । ତେବେ ଏହି ଭୂମିକମ୍ପରେ କୌଣସି ଧନ ଜୀବନ ହାନି ହୋଇନଥିବା ଜଣାପଡ଼ିଛି ।

ଭୋଜପୁରୀ ପାୱାର ଷ୍ଟାର୍ ପବନ ସିଂହଙ୍କୁ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ପକ୍ଷରୁ ଧମକ

ନୂଆଦିଲ୍ଲୀ, ୭/୧୨(ନ୍ୟୁ.ଏ): ଭୋଜପୁରୀ ପାୱାର ଷ୍ଟାର ପବନ ସିଂହଙ୍କୁ ଲକ୍ଷ୍ନୌରେ ଏକ ଧମକ ମିଳିଛି । ଅଭିନେତାଙ୍କୁ ଏକ ଅଜଣା ନମ୍ବରରୁ ଏକ ଫୋନ୍ କଲ୍ ମିଳିଥିଲା । ଧମକ ଦେବା ସମୟରେ ଅଜଣା ବ୍ୟକ୍ତି ନିଜକୁ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗର ସଦସ୍ୟ ଭାବରେ ପରିଚୟ ଦେଇଥିଲେ । ଧମକରେ ପବନ ସିଂହଙ୍କୁ ସଲମାନ ଖାନଙ୍କ ସହ ଷ୍ଟେଜ୍ ସେୟାର ନକରିବାକୁ ଚେତାବନୀ ଦିଆଯାଇଛି । ପବନ ସିଂହଙ୍କ ଟିମ୍ ପୋଲିସକୁ ଏହି ବିଷୟରେ ଜଣାଇବ । ପବନ ସିଂହ ଆଜି (ରବିବାର) ବିଗ୍ ବସ୍ ଫିନାଲେରେ ପ୍ରଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି । ବିଗ୍ ବସ୍ ସେଟ୍ ଗୋରେଗାଓଁର ଫିଲ୍ମସିଟିରେ ଅବସ୍ଥିତ । ତେଣୁ, ଧମକପୂର୍ଣ୍ଣ କଲରେ ପବନ ସିଂହଙ୍କୁ ସଲମାନ ଖାନଙ୍କ ସହ ଷ୍ଟେଜ୍ ସେୟାର ନକରିବାକୁ ଚେତାବନୀ ଦିଆଯାଇଛି । ଭୋଜପୁରୀ ପାୱାର ଷ୍ଟାର ପବନ ସିଂହ ସଲମାନ ଖାନଙ୍କ ଶୋର ଫିନାଲେରେ ପ୍ରଦର୍ଶନ କରିବାକୁ ପ୍ରସ୍ତୁତ ହେଉଥିଲେ । ଏହି ସମୟରେ, ତାଙ୍କୁ ଜଣେ ଅଜଣା ବ୍ୟକ୍ତିଙ୍କ ଠାରୁ ଏକ ଧମକପୂର୍ଣ୍ଣ କଲ ମିଳିଥିଲା । କଲର ସ୍ପଷ୍ଟ ଭାବରେ ସଲମାନ ଖାନଙ୍କ ନାମ ଉଲ୍ଲେଖ କରିଥିଲେ ଏବଂ ତାଙ୍କୁ ଚେତାବନୀ ଦେଇଥିଲେ । ଏହି ଧମକପୂର୍ଣ୍ଣ କଲ ପରେ, ପବନ ସିଂହଙ୍କ ଟିମ୍ ପୋଲିସକୁ ଜଣାଇବାକୁ ନିଷ୍ପତି ନେଇଥିଲେ । ସଲମାନ ଖାନଙ୍କ ସହ ଷ୍ଟେଜ୍ ସେୟାର କଲେ ତାଙ୍କୁ ପୁଣି କାମ କରିବାରୁ ବାରଣ କରାଯିବ ବୋଲି ଧମକ ଦିଆଯାଇଥିଲା । ସୂତ୍ର ଅନୁଯାୟୀ ପବନ ସିଂହଙ୍କ ଠାରୁ ବିପୁଳ ପରିମାଣର ଟଙ୍କା ଦାବି କରାଯାଇଛି ଏବଂ ତାଙ୍କୁ ଭୟଙ୍କର ପରିଣାମ ଭୋଗିବାକୁ ଧମକ ମଧ୍ୟ ଦିଆଯାଇଛି । ପବନ ସିଂହ ଭୋଜପୁରୀ ଶିଳ୍ପର ସବୁଠାରୁ ପ୍ରିୟ ଏବଂ ଲୋକପ୍ରିୟ ଅଭିନେତା ମାନଙ୍କ ମଧ୍ୟରୁ ଜଣେ । ସେ ବର୍ତ୍ତମାନ ଲକ୍ଷ୍ନୌରେ ରହୁଛନ୍ତି ।

ସିନେ ନିର୍ମାତା ବିକ୍ରମ ଭଟ୍ଟ ଗିରଫ

ମୁମ୍ବାଇ, ୭/୧୨(ନ୍ୟୁ.ଏ): ବଲିଉଡ୍ ଫିଲ୍ମ ନିର୍ମାତା ବିକ୍ରମ ଭଟ୍ଟ ପ୍ରାୟତଃ ତାଙ୍କ ବୃତିଗତ ଜୀବନ ପାଇଁ ଅନେକ ସମୟ ଖବରର ଶିରୋନାମାରେ ରହିଛନ୍ତି । ବର୍ତ୍ତମାନ, ବିକ୍ରମଙ୍କ ସହ ଜଡ଼ିତ ଏକ ବଡ଼ ଖବର ସାମ୍ନାକୁ ଆସିଛି । ତାଙ୍କୁ ପୋଲିସ ଗିରଫ କରିଛି । ସେ ଏବେ ୩୦ କୋଟି ଠକେଇ ମାମଲାରେ ଗିରଫ ହୋଇଛନ୍ତି । ସୂଚନାଥାଉକି, ଭଟ୍ଟ ପୂର୍ବରୁ ଏକ ସରକାରୀ ବିବୃତିରେ ଏହି ଅଭିଯୋଗଗୁଡ଼ିକୁ ଅସ୍ୱୀକାର କରି କହିଥିଲେ, 'ପୁଲିସକୁ ସମ୍ପୂର୍ଣ୍ଣ ଭାବରେ ଭ୍ରମିତ କରାଯାଇଛି ।' ୧୭ ନଭେମ୍ବରରେ, ରାଜସ୍ଥାନର ଉଦୟପୁରରେ ଥିବା ଇନ୍ଦିରା ଗ୍ରୁପ୍ ଅଫ୍ କମ୍ପାନୀର ମାଲିକ ଡକ୍ଟର ଅଜୟ ମୁର୍ଡିଆ, ବିକ୍ରମ ଭଟ୍ଟ ଏବଂ ଅନ୍ୟ ଆଠ ଜଣଙ୍କ ବିରୁଦ୍ଧରେ ୩୦ କୋଟି ଟଙ୍କାର ଠକେଇ ଅଭିଯୋଗରେ ଏକ ଏଫଆଇଆର ଦାୟର କରିଥିଲେ । ମୁର୍ଡିଆ ଅଭିଯୋଗ କରିଥିଲେ ଯେ ଭଟ୍ଟ ଏବଂ ତାଙ୍କ ଦଳ ତାଙ୍କୁ ଏକ ଫିଲ୍ମ ପ୍ରୋଜେକ୍ଟରେ ୩୦ କୋଟି ଟଙ୍କା ନିବେଶ କରିବାକୁ ପ୍ରଲୋଭିତ କରିଥିଲେ । ଭଟ୍ଟ ତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଯେ ଫିଲ୍ମଟି ୨୦୦ କୋଟି ଟଙ୍କା ରୋଜଗାର କରିବ ଏବଂ ଲାଭଦାୟକ ହେବ । ଏହି ପ୍ରୋଜେକ୍ଟ ଡକ୍ଟର ମୁର୍ଡିଆଙ୍କ ସ୍ୱର୍ଗତ ପତ୍ନୀଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ଏକ ଜୀବନୀ ଆଧାରିତ ଚଳଚ୍ଚିତ୍ର ଥିଲା । ନିକଟରେ, ଉଦୟପୁର ଏବଂ ମୁମ୍ବାଇ ପୋଲିସ ଏକ ମିଳିତ ଅଭିଯାନ ଚଳାଇ ବିକ୍ରମ ଭଟ୍ଟଙ୍କୁ ମୁମ୍ବାଇର ୟାରି ରୋଡ୍ ଅଂଚଳରେ ତାଙ୍କ ଶାଳୀଙ୍କ ଘରୁ ଗିରଫ କରିଥିଲେ । ଫଳସ୍ୱରୂପ, ପୋଲିସ ଫିଲ୍ମ ନିର୍ମାତାଙ୍କୁ ଉଦୟପୁରକୁ ନେବା ପାଇଁ କୋର୍ଟରୁ ଟ୍ରାଞ୍ଜିଟ୍ ରିମାଣ୍ଡ ଆବେଦନ କରିଥିଲା । ଗିରଫ ପୂର୍ବରୁ ବିକ୍ରମ ଭଟ୍ଟଙ୍କ ସମେତ ସାତ ଜଣଙ୍କ ବିରୋଧରେ ଲୁକ୍ ଆଉଟ୍ ନୋଟିସ୍ ଜାରି କରାଯାଇଥିଲା । ତଥାପି, ଗିରଫଦାରୀ ସମ୍ପର୍କରେ ବିକ୍ରମ ଭଟ୍ଟ କିମ୍ବା ତାଙ୍କ ଦଳ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ବୟାନ ଜାରି କରାଯାଇ ନାହିଁ । ବିକ୍ରମ ଭଟ୍ଟ ବଲିଉଡ୍ରେ ଅନେକ ଫିଲ୍ମ କରିଛନ୍ତି, ଯେଉଁଥିରେ ରାଜ୍, ୧୯୨୦ ଏବଂ ଶାପିତ ଭଳି ସିନେମା ରହିଛି । ବିକ୍ରମ ଭଟ୍ଟ ଅଭିନେତ୍ରୀ ଆଲିଆ ଭଟ୍ଟଙ୍କ ପିତା ମହେଶ ଭଟ୍ଟଙ୍କ ମଧ୍ୟ ବହୁତ ନିକଟତର ।

Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600886, E-mail : seithuarambha@gmail.com
ସଂପାଦକ : ଶୁଭେନ୍ଦୁ ଦାସ
Editor : Subhendu Das